
POSTAL REGISTRATION NO.- PURI/45/2025-27

RNI REGISTRATION NO.- ODIBIL/2021/81452



# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା

SHREE SHRIKSHETRA SOOCHANA

ଚତୁର୍ଥ ସ୍ୱନକ୍ଷତ୍ର ବିଶେଷାଙ୍କ

4th -YEAR- ANNIVERSARY

Visit our website: sssoochanaenewspaper.in

/shreeshrikshetrasoochana /ssoochana +91 94370 58632

| VOLL : 5 | ISSUE : 2 | FEBRUARY : 2026 | PURI | PAGE : 12 | RS.10 |
|---|---|---|---|---|---|
| ପଞ୍ଚମ ବର୍ଷ | ଦ୍ୱିତୀୟ ସଂଖ୍ୟା | ଫେବୃଆରୀ ୨୦୨୬ | ପୁରୀ | ପୃଷ୍ଠା : ୧୨ | ମୂଲ୍ୟ:ଟ୧୦.୦୦ |

डॉ. हरि बाबू कंभमपाटि
**Dr. Hari Babu Kambhampati**
Governor, ODISHA
राज्यपाल, ओडिसा

राज भवन
भुवनेश्वर - 751008
**LOK BHAVAN**
**BHUBANESWAR-751 008**

**No. 156 /2026** **Date: Febryary 04, 2026**



## MESSAGE

I am delighted to know that the 4th Soochana Conclave is being organised on the occasion of the 4th Birth Anniversary of Shree Shrikshetra Soochana Newspaper, with a National Seminar on the theme 'Public Interest or Political Interest ? Redefining Media Independence in India' at Puri

I commend this meaningful initiative and extend my best wishes for the success of the conclave and for the continued growth of the newspaper in strengthening democratic values and responsible journalism.

(Hari Babu Kambhampati)

**MOHAN CHARAN MAJHI**
CHIEF MINISTER, ODISHA



**LOKASEVA BHAVAN**
**BHUBANESWAR**

## MESSAGE

I am glad to know that Shree Shrikshetra Soochana Newspaper is organizing its 4th Birth Anniversary and 4th Soochana Conclave 2026 on the theme of 'Public Interest or Political Interest ? Redefining Media Independence in India' on 1st March 2026

In an era marked by rapid expansion of digital platforms and instant dissemination of information, the role of media as the fourth pillar of democracy has become more crucial that ever. A free, fair, and responsible media is essential for safeguarding democratic values, strengthening public discourse, ad ensuring transparency and accountability in governance. I hope platforms such as the Soochana Conclave provide an importance opportunity for media professionals, academician important opportunity for media professionals, academicians, policymakers, and scholars to engage in meaningful dialogue and introspection on the evolving responsibilities of the media in contemporary India.

I extend my warm greetings to organisers and wish the conclave all success.

(Mohan Charan Majhi)

आज़ादी का अमृत महोत्सव

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
**Dharmendra Pradhan**



शिक्षा मंत्री
भारत सरकार
**Minister of Education**
**Government of India**

## MESSAGE


I am happy to know that Shree Shrikshetra Soochana Newspaper, Puri, Odisha is celebrating its 4th Anniversary and this occasion, a national Seminar on 'Public Interest or Political Interest ? Redefining Media Independence in India' is being organised on 1st March 2026

The importance of media independence in sustaining a vibrant democracy can scarcely be over-emphasized. Media's contributions as a critical pillar of accountability, transparency and informed public discourse has been praiseworthy. I am sure, the Seminar will present an excellent platform to eminent media professionals, academicians, scholars and policy makers from different parts of the country, to exchange their ideas and experience on this theme of profound significance.

My heartfelt greetings to the Shree Shrikshetra Soochana Newspaper for this laudable endeavour. I wish the National Seminar all success.

(Dharmendra Pradhan)

**SHRI KANAK VARDHAN SINGH DEO**
DEPUTY CHIEF MINISTER
Agriculture & Farmers' Empowerement, Energy



Telephone 0674-2536962 (O) 0674-2390051 (O) 0674-2391560 (R)
D.O. .... /DCAFE&E
BHUBANESWAR
Date : 30/12/2025

## MESSAGE

It is my great pleasure to extend hearfelt greetings to the Shree Shrikshetra Soochana Newspaper on the auspicious occassion of its 4th Birth Anniversary and the National Seminar "Soochana 04 Conclage" themed *"Public Interest or Political Interest ? Redefining Media Independence in India."*

The theme of this conclave Public Interest or Political Interest ? Redefining Media Independence in India is profoundly significant in today's democratic landscape. Media plays a pivota role in shaping public understanding and fostering discourse that guides the nation's democratic process. Your dedication to rpomoting the rich heritage and culture of Shree Jagannath across the nation is truly commendable and inspires all who strive for informed and ethical journalism.

I extend my best wishes fo the grand success of the Soochana 04 Conclave and the continued excellence of Shree Shrikshetra Soochana Newspaper. May this event inspire meaningfull dialogue, strengthen the sprit of independent journalism, and contribute to a more transparent and vibrant media ecosystem in India.

(K. V. Singh Deo)



# ମହୋଦଧିରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ କଲେ ଲକ୍ଷାଧିକ ଭକ୍ତ

ପୁରୀ: ମହୋଦଧିରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ କରିଛନ୍ତି ଭକ୍ତ ଓ ପର୍ଯ୍ୟଟକ। ପୂର୍ବାହ୍ଣ ୧୦ଟା ୧୮ ମିନିଟ ଅମୃତ ମେଳା ଆରମ୍ଭ ହେବା ପରେ ସାଧୁ ସନ୍ଥଙ୍କ ସମେତ ଭକ୍ତମାନେ ସ୍ନାନ କରିଛନ୍ତି। ଫାଲଗୁନ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥିରେ ଅବସରରେ ସୂର୍ଯ୍ୟ କୁମ୍ଭରାଶିରେ ଅବସ୍ଥାନ କରିଥିବାରୁ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଯୋଗ ସୃଷ୍ଟି ହୋଇଥିଲା। ଏହି ଗୋବିନ୍ଦ ଦ୍ୱାଦଶୀ ଯୋଗ ଆସିଲେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରକୁ ଆସି ମହୋଦଧିରେ ବୁଡ଼ ପାଇଁ ଶାସ୍ତ୍ରର ନିର୍ଦ୍ଦେଶ ରହିଛି। ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ସକାଳ ସାଢ଼େ ୮ଟାରୁ ସିଂହଦ୍ୱାର ଏମାର ମଠରୁ ଏକ ଆଧ୍ୟାତ୍ମିକ ଶୋଭାଯାତ୍ରା ବାହାରିଥିଲା। ଭକ୍ତମାନେ ବହୁ ସଂଖ୍ୟାରେ ଏହି ଆଧ୍ୟାତ୍ମିକ ଆଡ଼ମ୍ବର ଶୋଭାଯାତ୍ରାରେ ସାମିଲ ହୋଇ ସ୍ୱର୍ଗଦ୍ୱାରସ୍ଥିତ ଶ୍ରୀନାରାୟଣ ବିଜେ ଘାଟ ନିକଟରେ ପହଞ୍ଚିଥିଲେ। ମହୋଦଧି ତୀରରେ ବରୁଣ ପୂଜା ଓ ଆଳତି ପରେ ସ୍ନାନ ପର୍ବ ଅନୁଷ୍ଠିତ ହୋଇଛି। ଅମୃତ ବେଳା ୧୦ଟା ୧୮ରେ ପଡୁଥିବାରୁ ପ୍ରଥମେ ସେଇ ଘାଟରେ ସାଧୁ ସନ୍ଥ, ମହନ୍ତ, ସେବାୟତ ବୃନ୍ଦ ସ୍ନାନ କରିଥିଲେ। ପର୍ଯ୍ୟାୟକ୍ରମେ ଭକ୍ତମାନେ ମଧ୍ୟ ଏଠାରେ ସ୍ନାନ କରିଥିଲେ। ଏହାବ୍ୟତୀତ ଭକ୍ତମାନେ ମଧ୍ୟ ଅନ୍ୟ ବାଥିଂ ଜୋନରେ ଏହି ପବିତ୍ର ସ୍ନାନ ଯୋଗର ସୁବିଧା ନେଇଥିଲେ।ନେବଳ ଦାସ ମଠର ମହନ୍ତ ରାମଚରଣ ଦାସ କହିଛନ୍ତି, ୪ଟି ନଦୀ କୂଳରେ ୧୨ ବର୍ଷରେ କୁମ୍ଭ ମେଳା ପଡ଼େ। ମାତ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାଖେଳା ମହୋଦଧିରେ ହୋଇଥିବାରୁ ଏହି ଗୋବିନ୍ଦ ଦ୍ୱାଦଶୀ ଯୋଗରେ ମହୋଦଧିରେ ସ୍ନାନ କରି ମଣିଷ ପୁଣ୍ୟର ଅଧିକାରୀ ହୁଏ। ଏହା କୁମ୍ଭ ମେଳା ବୁଡ଼ଠୁ କମ୍ ନୁହେଁ। ବରୁଣ ପୂଜା ଓ ଆଳତି ପରେ ସ୍ନାନ ପର୍ବ ଆରମ୍ଭ ହୋଇଥିଲା ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଆୟୋଜନ ସମିତି ଆବାହକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ରଙ୍କ ଉପସ୍ଥିତିରେ ବରୁଣ ପୂଜା ଓ ଆଳତି ପରେ ସ୍ନାନ ପର୍ବ ଆରମ୍ଭ ହୋଇଥିଲା। ମହୀପ୍ରକାଶ ମଠ ମହନ୍ତ ଶୁଭାନନ୍ଦ

ପୃଷ୍ଠା-୧୦

Telephone :
{BX Mp.
Mobile No.:

**SMT. PRAVATI PARIDA**
DEPUTY CHIEF MINISTER
Women & Child Development
Mission Shakti, Tourism



D.O. .... /DCMWCDMST
BHUBANESWAR
Date : 30/12/2025

## MESSAGE

I am pleased to know that *Shree Shirkshetra Soochana* Newspaper is observing its **4th Birth Anniversary** by organizing the **4th Soochana Conclave** 2026 **and a National Seminar** at the sacred land of **Jagannath Dham, Puri**, on theme *"Public Interest or Political Interest ? Redefining Media Independence in India."*

The media holds a place of great responsibility in a democratic society. As a key pillar of democracy, it is expected to inform citizens truthfully, uphold ethical standards, and act in the larger public interest. At a time when information flows faster that ever, preserving editorial independence while remaining accountable to the people is vital for sustaining democratic institutions.

I appreciate *Shree Shrikshetra Soochana* Newspaper for consistently promoting informed discourse, cultural values, and social awareness over the years. This conclave, bringing together media professionals, academicians, policymakers, and thinkers, will certainly provide a meaningful platform for constructive dialogue and reflection on issues of national importance.

I extend my best wishes to the organizers for the grand success of the **4th Soochana Conclave** 2026 and hope that the deliberations will contribute positively to the cause of responsible and independent journalism in India.

(Pravati Parida)

## ସଂପାଦକୀୟ

# ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ସମ୍ବାଦପତ୍ରର ଚତୁର୍ଥ ସ୍ୱନକ୍ଷତ୍ର ଉତ୍ସବ



ପରାଧୀନ ଭାରତବର୍ଷରେ ସ୍ୱାଧୀନତା ଆଣିବା ପାଇଁ ସେ ସମୟରେ କେତେ'ଯେ ସମ୍ବାଦପତ୍ର ଓ ଗଣମାଧ୍ୟମ ବ୍ୟକ୍ତିତ୍ୱ, ବିଟ୍ରିଶ୍ ଶାସକଙ୍କ ଚାବୁକମାଡ ଖାଇଥିଲେ ତାହା ଏବେ ବି ଏ ଜାତି ସ୍ମରଣ ରଖିଛି। ବିଟ୍ରିଶରାଜ୍ ବିରୁଦ୍ଧରେ ମିଳିତ ସ୍ୱର ଉଠାଇବା ପାଇଁ, ଜନ ଅସନ୍ତୋଷ କୁ ସମଗ୍ର ଭାରତ ର ଜନଗଣଙ୍କ ପାଖରେ ପହଞ୍ଚାଇବାକୁ କେତେ'ଯେ ସମ୍ବାଦପତ୍ର ମାଲିକ ଓ ସାମ୍ବାଦିକ ରାତି ଅଧରେ - ଛଦ୍ମ ବେଶରେ ସାହାସ୍ କରିଥିବେ, ତାହା ଇତିହାସ ରେ ଲିପିବଦ୍ଧ ଅଛି। ତାହାରି ଭିତରେ ସମ୍ବାଦପତ୍ର ପାଇଁ ହୋଇଛି ଅନେକ ଆଇନ। ସମ୍ବିଧାନ ଆମକୁ ସ୍ୱାଧୀନତା ଦେଇଛି। ପ୍ରେସ କାଉନସିଲ ଗଠନ ହୋଇଛି। ସେଇ ମହାମନିଷୀମାନଙ୍କ ଅନ୍ୟମ ଉଦ୍ୟମ ରେ ଦେଶ ହୋଇଛି ସ୍ୱାଧନ ଓ ଉତ୍କଳ ହୋଇଯାଇଛି ଓଡ଼ିଶା। ଏହା ଭିତରେ ଆମେ ସ୍ୱାଧ୍ୱିନତା ର ୭୮ ବର୍ଷ ଓ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ପ୍ରତିଷ୍ଠା ର ୮୯ ବର୍ଷ ଅତିକ୍ରମ କରିସାରିଛେ। ପାଲା, ଦାସକାଠିଆ, ଘୋଡ଼ା ନାଚ ରୁ ଆରମ୍ଭ ହୋଇଥିବା ଗଣମାଧ୍ୟମ ଓ ଗଣଯୋଗାଯୋଗ ଏବେ ଆକାଶଛୁଆଁ। ଏବେ ଭାରତରେ ୬୭୦୦ ରୁ ଉର୍ଦ୍ଧ ସମ୍ବାଦପତ୍ର। ଓଡ଼ିଶାରେ ଶହେରୁ ଉର୍ଦ୍ଧ ସମ୍ବାଦପତ୍ର। ୧୦ରୁ ଉର୍ଦ୍ଧ୍ୱ ଚ୍ୟାନେଲ ଓ ଅନେକ ୟୁଟ୍ୟୁବ ଚ୍ୟାନେଲ । ଅନେକ ସମୟରେ ଆଲୋଚନା ହୁଏ, ଆଜିର ଗଣମାଧ୍ୟମ ଆଉ ଗଣମାଧ୍ୟମ ହୋଇନାହିଁ। ଶହେରୁ ୯୯ ଗଣମାଧ୍ୟମ ଏବେ ବିଭିନ୍ନ ରାଜନୈତିକ ଦଳ କବଳରେ, ଯଦ୍ୱାରା ଅନେକ ଘଟଣାର ପ୍ରକୃତ ସତ୍ୟ ଜନଗଣଙ୍କ ପାଖରେ ପହଞ୍ଚିପାରୁନାହିଁ। ଅନେକ ମଧ୍ୟ କୁହନ୍ତି, ଗଣମାଧ୍ୟମ ଯୋଗୁଁ ଆମ ଭାଷା ଅସୁରକ୍ଷିତ ହେବାକୁ ଯାଉଛି । ଅନେକ କହୁଛନ୍ତି ସରକାରଙ୍କ ଯୋଜନା, ଘୋଷଣା କି ଜନଗଣଙ୍କ ସମସ୍ୟା ଖବର ଠାରୁ ହତ୍ୟା - ଧର୍ଷଣ ର ଖବର, ଜନଗଣଙ୍କୁ ଭାରାକ୍ରାନ୍ତ କରୁଛି । ଏସବୁ ଆଲୋଚନା - ସମାଲୋଚନା ଭିତରେ ଓଡ଼ିଶାର ଭଲଖବର ବିଶେଷକରି ପୁରୀ ର ସମସ୍ୟା ଓ ବିକାଶ କଥା, ଜନଗଣ, ପ୍ରଶାସନ ଓ ସରକାରଙ୍କ ଠାରେ ପହଞ୍ଚାଇବାର ସଂକଳ୍ପ ଧରି ଏହି ସମ୍ବାଦପତ୍ର ଆଜିକୁ ଠିକ୍ ଏହି ଦିନରେ ଜନ୍ମ ନେଇଥିଲା ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ମାଟିରେ ।ଏଇ ବର୍ଷକ ମଧ୍ୟରେ ଆମେ ସମ୍ବାଦ ର ମାନ ରଖିବା ପାଇଁ ଚେଷ୍ଟା କରିଛୁ। ବିନା ରାଜନୈତିକ ଦଳ ସମର୍ଥନ ରେ ନିରପେକ୍ଷ ରହିବା ପାଇଁ ପ୍ରୟାସ କରିଛୁ । ସଂକଳ୍ପବଦ୍ଧ ହୋଇଛୁଯେ ଆମେ ଅରୁଚିକର ଚିତ୍ର କି ହତ୍ୟା - ଧର୍ଷଣ ଭଳି ସମ୍ବାଦ ପ୍ରକାଶ କରି ପାଠକଙ୍କୁ ଭାରାକ୍ରାନ୍ତ କରିବୁନି। ଆଜିର ସ୍ୱନକ୍ଷତ୍ର ଦିବସରେ ଏହି ସମ୍ବାଦପତ୍ର ର ଜନ୍ମ ଠାରୁ ଏଯାଏଁ ସହଯୋଗ ଦେଇଥିବା ସମସ୍ତ ଅଗ୍ରଜ, ସମ୍ବାଦପତ୍ର କୁ ବଞ୍ଚାଇ ରଖିବାକୁ ସହଯୋଗ ଦେଇଥିବା ସମସ୍ତ ଲେଖକ ଓ ବିଜ୍ଞାପନଦାତା, ଏହାର ପ୍ରଚାର ପ୍ରସାର ରେ ସହଯୋଗ ଦେଇଥିବା ସମସ୍ତ ଗଣମାଧ୍ୟମଙ୍କୁ ଧନ୍ୟବାଦ ଜଣାଉଛି ଓ ଆଶା ରଖୁଛି ଆପଣମାନେ ବିଶେଷକରି ପାଠକମାନେ ଏହି ସମ୍ବାଦପତ୍ର କୁ ଆର୍ଶିବାଦ ଦେବେ। ଆଜି ଏକ ସାହାସିକ ପଦକ୍ଷେପ ନେଇ ହେଉଥିବା, ' ଜନ ହିତ ଅବା ରାଜନୈତିକ ହିତ ପାଇଁ ? ଭାରତୀୟ ଗଣମାଧ୍ୟମ ସ୍ୱାଧୀନତାର ପୁନଃ ବ୍ୟାଖ୍ୟା ଶୀର୍ଷକ ଜାତୀୟ ଆଲୋଚନାଚକ୍ରରେ ଓ ଚତୁର୍ଥ ସ୍ୱନକ୍ଷତ୍ରରେ ଯୋଗଦେଇଥିବା ସମସ୍ତ ଅତିଥିମାନଙ୍କୁ ପ୍ରଣାମ କରୁଛି । ଶ୍ରୀଜଗନ୍ନାଥ ତଥା ଆପଣମାନଙ୍କ ଆର୍ଶିବାଦରେ ଏହି ସମ୍ବାଦପତ୍ର ଆହତ କି ନିହତ ନହୋଇ ଶତାୟୁ ହେଉ, ଏହି ନିବେଦନ ରଖୁଛି ।

*ରାଜେଶ କୁମାର ମହାନ୍ତି*

# ସନ୍ତୃପ୍ତ ମିଶ୍ରଙ୍କ ରାଜ୍ୟସଭା ପ୍ରାର୍ଥୀ କଲା ବିଜେଡି

## ଡାକ୍ତର ଦତ୍ତେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍

ଭୁବନେଶ୍ୱର: ଅବଶେଷରେ ରାଜ୍ୟସଭାପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେଡି। ବିଜେଡି ସଭାପତି ନବୀନ ପଟ୍ଟନାୟକ ସନ୍ତୃପ୍ତ ମିଶ୍ର ଦଳୀୟ ପ୍ରାର୍ଥୀ ଓ ଡାକ୍ତର ଦତ୍ତେଶ୍ୱର ହୋତା କମନ୍ କ୍ୟାଣ୍ଡିଡେଟ୍ ହେବେ ବୋଲି ଘୋଷଣା



କରିଛନ୍ତି। ଆଜି ସକାଳେ ଡା.ଦତ୍ତେଶ୍ୱର ହେତା ନବୀନ ନିବାସରେ ପହଞ୍ଚିବା ପରେ ତାଙ୍କ ନାମକୁ ନେଇ ଚର୍ଚ୍ଚାଜୋର୍ ଧରିଥିଲା।ଗତକାଲି ଭଳି ଆଜି ନବୀନ ନିବାସରେ ବିଜେଡିର ବିଧାୟକମାନଙ୍କୁ ଡକାଯାଇଥିଲା। ଯେହେତୁ ମୁଣ୍ଡ ଉପରେ ରାଜ୍ୟସଭା ନିର୍ବାଚନ ଅଛି, ତେଣୁ ବିଧାୟକଙ୍କ ବୈଠକରେ ପ୍ରାର୍ଥୀଙ୍କ ସମ୍ପର୍କରେ ଆଲୋଚନା ହେବ ବୋଲି ସମସ୍ତେ ଭାବି ନେଇଥିଲେ। ସାରା ରାଜ୍ୟର ନଜର ଥିଲା ନବୀନ ନିବାସ ଉପରେ। କିନ୍ତୁ ଗତକାଲି ବୈଠକ ହିଁ ହେଲା ନାହିଁ। ୩୦/୩୫ ବିଧାୟକ ନବୀନ ନିବାସରେ ପହଞ୍ଚିଥିଲେ ବି ନବୀନଙ୍କୁ ଦେଖା କରିପାରି ନଥିଲେ। ଦୁଇ ତିନି ଜଣ ବିଧାୟକ ନବୀନଙ୍କୁ ବ୍ୟକ୍ତିଗତ ଭାବେ ଭେଟିଥିଲେ। ଅନ୍ୟମାନେ ଚା, ବିସ୍କୁଟ୍ ଖାଇ ଫେରିଥିଲେ।

# ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ


## ଇରାନ ଉପରେ ଇସ୍ରାଏଲ ଓ ଆମେରିକାର ଭୟଙ୍କର ଆକ୍ରମଣ


ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ। ଭୟଙ୍କର ବିସ୍ଫୋରଣରେ ଥରିଲା ଇରାନ। ଇରାନ୍ ଉପରେ ଇସ୍ରାଏଲର ବଡ଼ ଧରଣର ଆକ୍ରମଣ କରିଛି। ତେହେରାନ ସମେତ ଅନେକ ସହରରେ ଶକ୍ତିଶାଳୀ ବିସ୍ଫୋରଣ କରିଛି। ପଶ୍ଚିମ ଏସିଆରେ ଯୁଦ୍ଧର ନିଆଁ ଆହୁରି ଭୟଙ୍କର ହେବାରେ ଲାଗିଛି। ଇସ୍ରାଏଲ ବାୟୁସେନା ଶନିବାର ଭୋର ସମୟରେ ଇରାନ ଉପରେ ଏକ ବଡ଼ ଧରଣର 'ପ୍ରିଏମ୍ପଟିଭ୍ ଷ୍ଟ୍ରାଇକ୍' ବା ପ୍ରତିରକ୍ଷାମୂଳକ ଆକ୍ରମଣ କରିଛି। ଇରାନର ରାଜଧାନୀ ତେହେରାନ ସମେତ ଅନେକ ପ୍ରମୁଖ ସହରରେ ଏକାଧିକ ଶକ୍ତିଶାଳୀ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି।

ଆକ୍ରମଣ ପରେ ଇରାନରେ ଜାତୀୟ ଜରୁରୀକାଳୀନ ପରିସ୍ଥିତିର ଘୋଷଣା କରାଯାଇଛି। ଏହି ଆକ୍ରମଣ ପରେ ଇସ୍ରାଏଲର ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ କ୍ୟାଟ୍ସ ସାରା ଦେଶରେ ତୁରନ୍ତ 'ରାଷ୍ଟ୍ରୀୟ ଜରୁରୀକାଳୀନ ପରିସ୍ଥିତି' ଘୋଷଣା କରିଛନ୍ତି। ଇସ୍ରାଏଲ ବାୟୁସେନା ଇରାନର ପ୍ରାୟ ୧୦୦ରୁ ଅଧିକ ସାମରିକ ଠିକଣା ଏବଂ କେତେକ ଅତି ସମ୍ବେଦନଶୀଳ ସ୍ଥାନକୁ ଟାର୍ଗେଟ୍ କରିଥିବା ସୂଚନା ମିଳିଛି।

ବିଶେଷ କରି ମିସାଇଲ୍ ଉତ୍କ୍ଷେପଣ କେନ୍ଦ୍ର ଏବଂ ଡ୍ରୋନ୍ ନିର୍ମାଣ କାରଖାନା ଉପରେ ବୋମାମାଡ଼ କରାଯାଇଛି। ଇସ୍ରାଏଲ ଦାବି କରିଛି ଯେ, ଇରାନ ତା' ଉପରେ ଏକ ବଡ଼ ଧରଣର ମିସାଇଲ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଥିଲା। ଏହାକୁ ରୋକିବା ପାଇଁ ଇସ୍ରାଏଲ ପକ୍ଷରୁ ଏହି 'ପୂର୍ବ ପ୍ରସ୍ତୁତି' ଆକ୍ରମଣ କରାଯାଇଛି। ଇରାନ ସରକାରୀ ଗଣମାଧ୍ୟମ ବିସ୍ଫୋରଣ ଘଟିଥିବା ସ୍ୱୀକାର କରିଥିଲେ ହେଁ, ସେମାନଙ୍କର ଏୟାର ଡିଫେନ୍ସ ସିଷ୍ଟମ ଅନେକ ମିସାଇଲକୁ ଆକାଶରେ ଧ୍ୱଂସ କରିଦେଇଥିବା ଦାବି କରିଛନ୍ତି। ଏହି ଆକ୍ରମଣ ପରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ହଠାତ୍

ପୃଷ୍ଠା-୧୦






ଭୁବନେଶ୍ୱରସ୍ଥିତ କୃଷିଶିକ୍ଷାସଦନଠାରେ ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ 'ଏମାଟି କଥା କହେ' ଓ 'ବକ୍ସିଜଗବନ୍ଧୁ: ଦି ଗ୍ରେଟ୍ କମାଣ୍ଡର' ଦୁଇଟି ପୁସ୍ତକର ଉନ୍ମୋଚନ ରାଜ୍ୟପାଳ ହରିବାବୁ କମ୍ଭମପତି, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇଥିଲେ ।



ପୁରୀର କାଶୀହରିପୁର ପଞ୍ଚାୟତରେ ମହାଦେବ ଫିଟନେସ୍ ଜିମ୍ ସେଣ୍ଟରର ଶୁଭାରମ୍ଭ କରିଛନ୍ତି ସାଂସଦ ସମ୍ବିତ ପାତ୍ର। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ ଏବଂ ପୁରୀ ଜିଲ୍ଲା ଭାଜପା ସଭାପତି ଦେବେନ୍ଦ୍ର ତରାଇ ମଧ୍ୟ ଉପସ୍ଥିତ ଥିଲେ ।

# ଜାତୀୟ ମାନବାଧିକାର କମିଶନଙ୍କ ସ୍ୱତନ୍ତ୍ର ମନିଟରଙ୍କ ପୁରୀ ଜିଲ୍ଲା ଗସ୍ତ

ପୁରୀ: ଜାତୀୟ ମାନବାଧିକାର କମିଶନଙ୍କ ସ୍ପେଶାଲ ମନିଟର ବାଲକ୍ରୀଷ୍ଣ ଗୋଏଲ ପୁରୀ ଜିଲ୍ଲା ଗସ୍ତ କରିଛନ୍ତି। ଶ୍ରୀ ଗୋଏଲଙ୍କୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ଏସପି ପ୍ରତୀକ ସିଂ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରିଥିଲେ। ପରେ ଶ୍ରୀ ଗୋଏଲ ସତ୍ୟବାଦୀ ବ୍ଲକର ଚଉଦ ବାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ପିଲା ମାନଙ୍କ ଶିକ୍ଷା ଦାନ,ମଧ୍ୟାହ୍ନ ଭୋଜନ, ପରିଷ୍କାର ପରିଛନ୍ନତା ଇତ୍ୟାଦି ନିରୀକ୍ଷଣ କରିବା ସହ ପିଲାମାନଙ୍କ ସହ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ପରେ ଗୋପାଳପୁର ପାଟଣା ୨ ଅଙ୍ଗନବାଡି କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ପିଲାମାନଙ୍କ ବ୍ୟବସ୍ଥା, ଖାଦ୍ୟ ପେୟ, ଶିକ୍ଷାଦାନ ପଦ୍ଧତି



ସମ୍ପର୍କରେ ଅଙ୍ଗନବାଡି କର୍ମୀଙ୍କୁ ପଚାରି ବୁଝିଥିଲେ। ପରେ ପରେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସହ ବାର୍ତ୍ତାଳାପ, ଅସୁବିଧା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ରୀ ଗୋଏଲ ସମସ୍ତ ସ୍ଥାନରେ କାଗଜପତ୍ର ଅନୁଧ୍ୟାନ ସହ ବିବିଧ ପରାମର୍ଶ ମଧ୍ୟ ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓ ଅନ୍ୟାନ୍ୟ ଅଧିକାରୀ ମାନେ ସହଯୋଗ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା 'ଦ ଟିଚରଆପ୍ ୨.୦'ର ଶୁଭାରମ୍ଭ

# ଏଆଇ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନକୁ ସହଜ କରିବ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ: ୨୦୨୬ ଭାରତର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସମୃଦ୍ଧ ଓ ପ୍ରଯୁକ୍ତି ବିଦ୍ୟା ସମ୍ପନ୍ନ କରିବାଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାରତୀ ଏୟାରଟେଲ ଫାଉଣ୍ଡେସନର ଏକ ଅଭିନବ ପ୍ରୟାସ 'ଦ ଟିଚର ଆପ୍ ୨.୦' ର ଶୁଭାରମ୍ଭ କରିଛନ୍ତି। ଏହି ଏଆଇ ଚାଳିତ ଆଧୁନିକ ଶିକ୍ଷାଦାନ ପାଇଁ ଏକ ସଶକ୍ତ ମାଧ୍ୟମ ଯୋଗାଇ ଦେବ ବୋଲି କହିଛନ୍ତି ଶ୍ରୀପ୍ରଧାନ।


ସେ କହିଛନ୍ତି ଯେ ଏହି ଏଆଇ-ଚାଳିତ ଡିଜିଟାଲ ସହଯୋଗୀ ଶିକ୍ଷକମାନଙ୍କୁ ଆଧୁନିକ ଶିକ୍ଷାଦାନ ଉପକରଣ, ଗୁଣାତ୍ମକ ବିଷୟ ବସ୍ତୁ ଏବଂ ଡ୍ୟାସବୋର୍ଡ ଯୋଗାଇ ଦେବ, ଯାହା ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ଆକର୍ଷଣୀୟ କରିବାରେ ସହାୟକ ହେବ। ଶିକ୍ଷାକ୍ଷେତ୍ରରେ ଏଭଳି ପଦକ୍ଷେପ ଶିକ୍ଷକମାନଙ୍କୁ ସଶକ୍ତ କରିବା ସହ ଆମ ଶିକ୍ଷା ବ୍ୟବସ୍ଥାର ମୂଳଦୁଆକୁ ଅଧିକ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଏଥି ସହିତ ସେ ଭାରତୀ ଏୟାରଟେଲ ଫାଉଣ୍ଡେସନ୍ ଏବଂ ସିକେ-




୧୨ଫାଉଣ୍ଡେସନକୁ ଏହି ଗୁରୁତ୍ୱ ପୂର୍ଣ୍ଣ ପ୍ରୟାସ ପାଇଁ ଧନ୍ୟବାଦ ଜଣାଇଛନ୍ତି।

ଭାରତ ସଫଳତାର ସହ 'ଇଣ୍ଡିଆ ଏଆଇ ଇମ୍ପାକ୍ଟସମିଟ୍୨୦୨୬' ସମ୍ପନ୍ନ କରିଛି ଏବଂ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଜି ଜୀବନର ପ୍ରତିଟି କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଜାତୀୟ ଶିକ୍ଷାନୀତି ୨୦୨୦ର ଆଭିମୁଖ୍ୟ ଅନୁଯାୟୀ, ଶିକ୍ଷା ବ୍ୟବସ୍ଥାରେ ଏଆଇ ଭଳି ପ୍ରଯୁକ୍ତି ବିଦ୍ୟାରସମନ୍ୱୟ ରକ୍ଷା କରିବା ପାଇଁ ସରକାର ଦ୍ରୁତଗତିରେ କାର୍ଯ୍ୟ କରୁଛନ୍ତି। ଯଦି ଏଆଇକୁ ସଠିକ ଭାବେ ବ୍ୟବହାର କରାଯାଏ, ତେବେ ଏହା ଶିକ୍ଷାକ୍ଷେତ୍ରରେ ଏକ 'ଫୋର୍ସମଲ୍ଟିପ୍ଲାୟର୍' ଭାବେ କାର୍ଯ୍ୟ କରିବା ସହ ଉତ୍ତମ ଶିକ୍ଷଣ ଫଳାଫଳ ଏବଂ ବ୍ୟକ୍ତିଗତ ଶିକ୍ଷାଦାନକୁ ସୁନିଶ୍ଚିତ କରିବ। ଶେଷରେ, ମନ୍ତ୍ରୀଏହି ପ୍ଲାଟଫର୍ମରେ ସୋଭେରେନ୍ ଏଲ୍ଏଲ୍ଏମ୍ ବ୍ୟବହାର କରିବାକୁ ଏବଂ ତାଲିମ ଉପକରଣଗୁଡ଼ିକୁ ବିଭିନ୍ନ ଭାରତୀୟ ଭାଷାରେ ଉପଲବ୍ଧ କରାଇବାକୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଦେଶର ବହୁଭାଷୀ ଶିକ୍ଷକ ସମାଜ ଏହାର ସୁଫଳ ପାଇପାରିବେ ବୋଲି କହିବା ସହ ଦେଶରେ ଚାଲିଥିବା ଏଆଇ ବିପ୍ଳବରେ 'ଦ ଟିଚର ଆପ ୨.୦' ଏକ ନୂତନ ଅଧ୍ୟାୟ ଯୋଡ଼ିବ ବୋଲି ଶିକ୍ଷାମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

# ରେଳବାଇରେ ଟେକ୍ନୋଲୋଜି ପ୍ରବେଶକୁ ଗତି




ନୂଆଦିଲ୍ଲୀ: କେନ୍ଦ୍ରରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରଯୁକ୍ତି ଆଧାରିତ ଶାସନ ଓ ନବସୃଜନ ମୂଳକ ପରିବର୍ତ୍ତନକୁ ଆଗେଇ ନେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି। ଭରତୀୟ ରେଳବାଇର ଫ୍ଲାଗସିପ୍ "୫୨ସପ୍ତାହରେ ୫୨ସଂସ୍କାର"ପଦକ୍ଷେପ ଅଧୀନରେ ସେ ରେଳଟେକ୍ନୀତି ଘୋଷଣା ସହିତ ସମ୍ପୂର୍ଣ୍ଣ ଡିଜିଟାଇଜେସନ୍ର ଶୁଭାରମ୍ଭ କରିଛନ୍ତି।

ରେଳ ପ୍ରଯୁକ୍ତିବିଦ୍ୟା ନୀତିର ଉଦ୍ଦେଶ୍ୟ ହେଉଛି ଭାରତୀୟ ରେଳବାଇରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ନବସୃଜନକାରୀ, ଷ୍ଟାର୍ଟଅପ୍, ଶିଳ୍ପଏବଂଅନୁଷ୍ଠାନଗୁଡ଼ିକୁ ନିୟୋଜିତ କରିବା। ଏହି ନୂତନ ନୀତି ନବସୃଜନ କାରୀଙ୍କ ଚୟନକୁ ସରଳ କରିଥାଏ ଏବଂ ନବସୃଜନ ପାଇଁ ଏକ ଉତ୍ସର୍ଗୀକୃତ "ରେଳଟେକ୍ପୋର୍ଟାଲ୍" ପ୍ରବର୍ତ୍ତନ କରିଥାଏ। କୌଣସି ନବସୃଜନ ଆହ୍ୱାନ ଯେକୌଣସି ନବସୃଜନକାରୀ କିମ୍ବା ବିଭାଗୀୟ ବ୍ୟବହାରକାରୀଙ୍କ ଦ୍ୱାରା ଆରମ୍ଭ କରାଯାଇପାରିବ, ଯେଉଁଥିରେ ଏକକ-ପର୍ଯ୍ୟାୟ ବିସ୍ତୃତ ପ୍ରସ୍ତାବ ଦାଖଲ କରାଯାଇପାରିବ।

ଏହି ନୀତି ଏକ ବ୍ୟବହାରକାରୀ-ଅନୁକୂଳ ଇଣ୍ଟର ଫେସ୍ପ୍ରଦାନକରେ, ଅନୁଦାନକୁ ତିନିଗୁଣରୁ ଅଧିକବୃଦ୍ଧି କରେ ଏବଂ ପ୍ରୋଟୋଟାଇପ୍ବିକାଶ ଏବଂ ପରୀକ୍ଷା ପାଇଁ ସର୍ବାଧିକ ଅନୁଦାନକୁ ଦ୍ୱିଗୁଣିତ କରେ।

ପ୍ରମୁଖ ନବସୃଜନ କ୍ଷେତ୍ରଗୁଡ଼ିକ ମଧ୍ୟରେ ଏଆଇ ଆଧାରିତ ହାତୀମାନଙ୍କ ପ୍ରବେଶ ଚିହ୍ନଟ ବ୍ୟବସ୍ଥା (ଇ.ଆଇ.ଡି.ଏସ୍.), କୋଚଗୁଡିକରେ ଏଆଇ ଆଧାରି ଅଗ୍ନି ଚିହ୍ନଟ ବ୍ୟବସ୍ଥା, ଡ୍ରୋନ୍-ଆଧାରିତ ଭଙ୍ଗାରେଳଲାଇ ଚିହ୍ନଟ ବ୍ୟବସ୍ଥା, କୋଚରେ ସୌରପ୍ୟାନେଲ୍, କୁହୁଡ଼ି ଯୋଗୁଁ ଉପୁଜୁଥିବା ବାଧା ଚିହ୍ନଟ, ଏବଂ ଏଆଇ ଆଧାରିତ ପେନସନ୍ ଏବଂ ବିବାଦ ସମାଧାନ ବ୍ୟବସ୍ଥା ଅନ୍ତର୍ଭୁକ୍ତ।

ତୃତୀୟ ସଂସ୍କାର ବିଷୟରେ ଉଲ୍ଲେଖ କରି ଶ୍ରୀବୈଷ୍ଣବ କହିଥିଲେ ଯେ ରେଳ ବୈଷୟିକନୀତି ରେଳବାଇରେ ବ୍ୟାପକ ଏବଂ ବ୍ୟବସ୍ଥିତ ଭାବେ ପ୍ରଯୁକ୍ତି ବିଦ୍ୟା ସାମିଲ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟଅପ୍, ଗବେଷକ ଏବଂ ଉଦ୍ଭାବକମାନେ ଏକ ସଂରଚିତ, ଅର୍ଥପୂର୍ଣ୍ଣ ଏବଂ ସରଳଢଙ୍ଗରେ ଭାରତୀୟ ରେଳବାଇ ସହିତ ଯୋଡ଼ି ହେବା ଆବଶ୍ୟକ।

# ପ୍ରଶାସନିକ କ୍ଷେତ୍ରରେ ସୂଚନା ପରିଚାଳନାର ଗୁରୁତ୍ୱ ବୃଦ୍ଧି ପାଇଛି: ଅଖିଳମିଶ୍ର

ଭୁବନେଶ୍ୱର:ଛଅ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧିଦଳ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡସ୍କିଲ୍ ସେଣ୍ଟର୍ ପରିଦର୍ଶନ କରିଛନ୍ତି। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ତଥା ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଦ୍ୱାରା ପରିଚାଳିତ ଏହି କେନ୍ଦ୍ର ରାଜ୍ୟରେ ଦକ୍ଷତା ବିକାଶ ଏବଂ ତାଲିମ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି। ଏହା ଦେଶର ଏକ ପ୍ରମୁଖ ଏବଂ ଅତ୍ୟାଧୁନିକ ଦକ୍ଷତା ବିକାଶ କେନ୍ଦ୍ର ମଧ୍ୟରୁ ଅନ୍ୟତମ। ଭୁବନେଶ୍ୱରର ୱାର୍ଲ୍ଡସ୍କିଲ୍ସେଣ୍ଟର ୨୦୨୧ରେ ଶୁଭାରମ୍ଭ ହୋଇଥିଲା।କେନ୍ଦ୍ରର କାର୍ଯ୍ୟଧାରାଏବଂ ଏଠାରେ ଦିଆଯାଉଥିବା ଦକ୍ଷତା ତାଲିମ ବିଷୟରେ ବିଭାଗୀୟ ଅଧିକାରୀମାନେ ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ।

ୱାର୍ଲ୍ଡସ୍କିଲ୍ସେଣ୍ଟରରେ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଭର୍ଟିକାଲଟ୍ରାନ୍ସ ପୋର୍ଟେସନ, ମେକାଟ୍ରୋନିକ୍ସ, ଏୟାର କଣ୍ଡିସନିଂ ଓ ରେଫ୍ରିଜରେସନ, ବ୍ୟୁଟି ଆଣ୍ଡୱେଲନେସ୍, ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍ ଆଦି ବିଭାଗରେ ଦକ୍ଷତା ପ୍ରଶିକ୍ଷଣ ଦିଆଯାଉଛି। ମଧ୍ୟପ୍ରଦେଶଗଣ ମାଧ୍ୟମ ପ୍ରତିନିଧିମାନେ ସେଠାରେ ଦକ୍ଷତା ବିକାଶ ତାଲିମ ନେଉଥିବା ପ୍ରଶିକ୍ଷାର୍ଥୀ ଏବଂ ପ୍ରଶିକ୍ଷକଙ୍କ ସହ ମତବିନିମୟ କରିବା ସହିତ ଏହି କେନ୍ଦ୍ରର କାର୍ଯ୍ୟଧାରା ବିଷୟରେ ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ।ଏହି କେନ୍ଦ୍ର ଶତପ୍ରତିଶତ ନିଯୁକ୍ତି, ଦକ୍ଷତା ବିକାଶ ଏବଂ ଧନ୍ଦାମୂଳକ ତାଲିମ ପ୍ରଦାନକ୍ଷେତ୍ରରେ ଅସାଧାରଣ କାର୍ଯ୍ୟ କରିଛି। ଏଥିପାଇଁ ୱାର୍ଲ୍ଡସ୍କିଲ୍ସେଣ୍ଟର ବହୁଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ପୁରସ୍କୃତ ମଧ୍ୟ ହୋଇଛି।ବର୍ତ୍ତମାନ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଆଗ୍ରହ ବେଶ ବୃଦ୍ଧିପାଉଛି



ବୋଲି କେନ୍ଦ୍ରର ଅଧିକାରୀମାନେ ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ।

ଅନ୍ୟପକ୍ଷରେ ମଧ୍ୟପ୍ରଦେଶ ଗଣମାଧ୍ୟମ ପ୍ରତିନିଧି ଦଳ ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପରିଦର୍ଶନକରିଥିଲେ। ସେଠାରେ ସେମାନେ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି) ଅଖିଳକୁମାରମିଶ୍ରଙ୍କସହମତବିନିମୟକରିଥିଲେ। ଏହି ଅବସରରେ ଶ୍ରୀମିଶ୍ର କହିଥିଲେ, ବର୍ତ୍ତମାନର ପରିବର୍ତ୍ତିତ ପରିଦୃଶ୍ୟରେ ପ୍ରଶାସନିକ କ୍ଷେତ୍ରରେ ସୂଚନା ପ୍ରବାହ ଏବଂ ପରିଚାଳନାର ଗୁରୁତ୍ୱ ବୃଦ୍ଧିପାଇଛି। ସରକାରଙ୍କ ବିଭିନ୍ନ ବିକାଶମୂଳକ ଯୋଜନା, ପଦକ୍ଷେପ ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ଅବଗତକରାଇବା ଲାଗି ଏପରି ପ୍ରେସ୍ ଟୁର୍ବା ଗଣମାଧ୍ୟମ ପ୍ରତିନିଧିଙ୍କ ପରିଦର୍ଶନ କାର୍ଯ୍ୟକ୍ରମଆୟୋଜନ କରାଯାଉଛି। ଏହା ଫଳରେ ଗଣମାଧ୍ୟମ ପ୍ରତିନିଧିମାନେ ସରକାରଙ୍କ ବିଭିନ୍ନ ପ୍ରୟାସ ଓ ପଦକ୍ଷେପ ବିଷୟରେ ଅବଗତ ହୋଇପାରିବେ।

ପିଆଇବି, ଭୁବନେଶ୍ୱର କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମତବିନିମୟ କାର୍ଯ୍ୟକ୍ରମରେ ପିଆଇବି ଉପନିର୍ଦ୍ଦେଶକ ମନୋଜ କୁମାର ଜାଲି, ସହାୟକ ନିର୍ଦ୍ଦେଶକ ମହେନ୍ଦ୍ରପ୍ରସାଦ ଜେନା, କେନ୍ଦ୍ରୀୟ ସଞ୍ଚାରବ୍ୟୁରୋ (ସିବିସି)ର ସହାୟକ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ, ପିଆଇବିର ଗଣମାଧ୍ୟମ ଓ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତିପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।




ହାତଯୋଡି ଠାକୁରାଣୀ କଲ୍ୟାଣ ମଣ୍ଡପ ଲୋକାର୍ପଣ କଲେ ସାଂସଦ ସମ୍ବିତ ପାତ୍ର ତାଙ୍କସହିତ ଉପସ୍ଥିତ ଥିଲେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଓ ସାହିର ମୁରବି ମାନେ ।



ପୁରୀ ଜିଲ୍ଲାର ଗଡ଼ମୁର୍ଗସିରା ପଞ୍ଚାୟତରେ ଅବସ୍ଥିତ ଯୋଡ଼ାଲିଙ୍ଗ ମହାଦେବ ମନ୍ଦିର ପରିସରରେ ନବନିର୍ମିତ କଲ୍ୟାଣ ମଣ୍ଡପର ଲୋକାର୍ପଣ କଲେ ସାଂସଦ ସମ୍ବିତ ପାତ୍ର । ଏହି ଅବସରରେ ପଞ୍ଚାୟତବାସୀଙ୍କୁ ସମ୍ବୋଧନ କରି ନବନିର୍ମିତ ଏହି ଭବନ ପାଇଁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।ଏହି ଅବସରରେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡଙ୍ଗୀ, ପୁରୀ ଜିଲ୍ଲା ଭାଜପା ସଭାପତି ଡ଼. ଦେବେନ୍ଦ୍ର ତରାଇ ମଧ୍ୟ ଉପସ୍ଥିତ ଥିଲେ ।




# ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନା ଆରମ୍ଭ

ଭୁବନେଶ୍ୱର: ପ୍ରତିଟି ଓଡ଼ିଆ ମହାପ୍ରଭୁଙ୍କୁ ଦର୍ଶନ କରିବାର ଲକ୍ଷ୍ୟ ନେଇ ନବରଙ୍ଗପୁରରୁ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପ୍ରଥମ ଦିନରେ ନବରଙ୍ଗପୁର, ଭଦ୍ରକ, ବାରିପଦା, ସମ୍ବଲପୁର ଓ ବ୍ରହ୍ମପୁରରୁ ୫୦୦ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ଚଳିତ ବର୍ଷ ରାଜ୍ୟର ୫ ହଜାର ହିତାଧିକାରୀ ଏବଂ ଆସନ୍ତା ୪ ବର୍ଷରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇବାର ଲକ୍ଷ୍ୟ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ନବରଙ୍ଗପୁର ଗସ୍ତ ଅବସରରେ ଜିଲ୍ଲାବାସୀଙ୍କ ବହୁ ପ୍ରତୀକ୍ଷିତ ମେଡିକାଲ୍ କଲେଜର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ। ପାତାଲଗୁଡ଼ାରେ ପ୍ରତିଷ୍ଠା ହେବାକୁ ଥିବା ମେଡିକାଲ୍ କଲେଜ ଓ ହସ୍ପିଟାଲରେ ୧୦୦ ଏମ୍‌ବିବିଏସ୍ ସିଟ୍ ଓ ୪୨୦ଟି ଶଯ୍ୟା ରହିବ। ସରକାର ଆସିବାର ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ୍ କଲେଜ କାର୍ଯ୍ୟକ୍ଷମ ହୋଇଛି। ଖୁବ୍‌ଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ୪୪୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୭୭ଟି ବିକାଶମୂଳକ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ‘ଶ୍ରୀଜଗନ୍ନାଥ ଦର୍ଶନ’ ଯୋଜନାର ହିତାଧିକାରୀଙ୍କୁ କିଟ୍ ବ୍ୟାଗ ପ୍ରଦାନ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଓ ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମେଡିକାଲ୍ କଲେଜ ଜିଲ୍ଲାବାସୀଙ୍କ ପାଇଁ ଲାଇଫ୍ ଲାଇନ୍ ହେବ ବୋଲି କହିଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇବା ସହ ଡାକ୍ତର ଅଭାବ ଦୂର କରିବା ପାଇଁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ନବରଙ୍ଗପୁରରେ ମେଡିକାଲ୍ କଲେଜ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେଇଥିବାରୁ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ବିଦ୍ୟାଳୟ




ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। କାର୍ଯ୍ୟକ୍ରମରେ ନବରଙ୍ଗପୁର ସାଂସଦ ଇଂ. ବଳଭଦ୍ର ମାଝୀ, ରାଜ୍ୟସଭା ସାଂସଦ ମୁନା ଖାଁ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍ ରାଜପୁତ, ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ସମ୍ବଲପୁରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ର, ଛତ୍ରପୁରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଡ଼ି ହୋଇଥିଲେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିସନର ଅଶ୍ୱଥି ଏସ୍ ସ୍ୱାଗତ ଭାଷଣ ଦେଇଥିବାବେଳେ ପର୍ଯ୍ୟଟନ ବିଭାଗ କମିସନର ବଳବନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।






# ଏଆଇ ସମିଟ୍: ବିଶ୍ୱନେତାଙ୍କୁ ମୋଦୀଙ୍କ ସ୍ୱାଗତ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଅଂଶଗ୍ରହଣ କରୁଥିବା ବିଭିନ୍ନ ଦେଶର ନେତାମାନଙ୍କୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସ୍ପେନର ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ ପେରେଜ-କାଷ୍ଟେଜନ, ସ୍ଲୋଭାକ ଗଣରାଜ୍ୟ ରାଷ୍ଟ୍ରପତି ପିଟର ପେଲେଗ୍ରିନି, କଜାଖସ୍ତାନ ପ୍ରଧାନମନ୍ତ୍ରୀ ଓଲଝାସ ବେକ୍‌ଟେନୋଭ, ଫିନଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ପେଟେରି ଓର୍ପୋ, ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାରା ଦିଶାନାୟକେ ଓ ଇଷ୍ଟୋନିଆ ରାଷ୍ଟ୍ରପତି ଆଲାସ କାରିସ୍‌ଙ୍କୁ ସ୍ୱାଗତ କରିଛନ୍ତି। ମରିସସ୍ ପ୍ରଧାନମନ୍ତ୍ରୀ ନବୀନଚନ୍ଦ୍ର ରାମଗୁଲାମ, ଭୁଟାନ ପ୍ରଧାନମନ୍ତ୍ରୀ ସେରିଙ୍ଗ ଟବଗେ, ସିସିଲି ଉପରାଷ୍ଟ୍ରପତି ସେବାଷ୍ଟିଆନ ପିଲେ, ନେଦରଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ ଡିକ୍ ସ୍କୋଫ, ଗ୍ରିସ୍ ପ୍ରଧାନମନ୍ତ୍ରୀ କାଇରିଆକୋସ ମିଟକୋଟାକିସ ଓ କ୍ରୋଏସିଆ ପ୍ରଧାନମନ୍ତ୍ରୀ ଆଣ୍ଡ୍ରେଜ ପ୍ଲେନକୋଭିକଙ୍କୁ ମଧ୍ୟ ମୋଦୀ ସ୍ୱାଗତ କରିଥିଲେ।

ଏଆଇ ସମିଟ ପାଇଁ ଭାରତରେ ଆସି ପହଞ୍ଚିଛନ୍ତି ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ପରିଚାଳନା




ନିର୍ଦ୍ଦେଶିକା କ୍ରିଷ୍ଟାଲିନା ଜୋର୍ଜିଭା, ଗୁୟାନାର ଉପରାଷ୍ଟ୍ରପତି ଭରତ ଜଗଦେଓ ଓ ବୋଲିଭିଆର ଏଡମଣ୍ଡ ଲାରା ମେଣ୍ଟୋନୋ।

ପ୍ରଧାନମନ୍ତ୍ରୀଙ୍କ ସହ ଫ୍ରାନ୍ସର ରାଷ୍ଟ୍ରପତି, ଜାତିସଂଘର ମହାସଚିବ ଏବଂ ବିଶ୍ୱର ବିଭିନ୍ନ ଶୀର୍ଷ ଶିଳ୍ପ ନେତାମାନେ ମଧ୍ୟ ସମ୍ବୋଧିତ କରିଛନ୍ତି। ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ୨୦୨୬ର ବିଷୟବସ୍ତୁ ହେଉଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ଯାହାର ଅର୍ଥ ସମସ୍ତଙ୍କର କଲ୍ୟାଣ, ସମସ୍ତଙ୍କର ଖୁସି। ଏହା ଭାରତକୁ ଏଆଇ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବରେ ପ୍ରତିଷ୍ଠା କରିବ ଏବଂ ଏପରି ଏକ ଭବିଷ୍ୟତର କଳ୍ପନା କରିବ ଯେଉଁଠାରେ ଏଆଇ ମାନବତାକୁ ଆଗକୁ ବଢାଇବ, ସମାବେଶୀ ବିକାଶକୁ ପ୍ରୋତ୍ସାହିତ କରିବ ଏବଂ ଆମର ପୃଥିବୀକୁ ସୁରକ୍ଷା ଦେବ। ସାତଟି କାର୍ଯ୍ୟକାରୀ ଗୋଷ୍ଠୀ ଏହି ସମ୍ମିଳନୀକୁ ପରିଚାଳନା କରୁଛନ୍ତି, ଯାହା ତିନୋଟି ସ୍ତମ୍ଭ ସହିତ ସଂଯୁକ୍ତ: ଲୋକ, ପୃଥିବୀ ଏବଂ ପ୍ରଗତି। ଏହି ଗୋଷ୍ଠୀଗୁଡ଼ିକ ବିଭିନ୍ନ କ୍ଷେତ୍ରରେ ଏଆଇର ପ୍ରଭାବକୁ ପ୍ରଦର୍ଶନ କରୁଥିବା ଉଲ୍ଲେଖନୀୟ ଫଳାଫଳ ପ୍ରଦାନ କରିବାକୁ କାର୍ଯ୍ୟ କରିବେ। ସାତଟି ବିଷୟବସ୍ତୁ ହେଉଛି ଆର୍ଥିକ ଅଭିବୃଦ୍ଧି ଏବଂ ସାମାଜିକ ମଙ୍ଗଳ ପାଇଁ ଏଆଇ; ଏଆଇ ସମ୍ବଳର ଗଣତାନ୍ତ୍ରିକ ବ୍ୟବହାର; ସାମାଜିକ ସଶକ୍ତିକରଣ ପାଇଁ ଅନ୍ତର୍ଭୁକ୍ତି; ନିରାପଦ ଏବଂ ବିଶ୍ୱସ୍ତ ଏଆଇ; ମାନବ ସମ୍ବଳ; ବିଜ୍ଞାନ; ସ୍ଥିରତା, ନବସୃଜନ ଏବଂ ଦକ୍ଷତା।

ଏହି ସମ୍ମିଳନୀ ୫୦୦ରୁ ଅଧିକ ବିଶ୍ୱ ଏଆଇ ନେତାଙ୍କୁ ଏକତ୍ର କରିଥିଲା ଯେଉଁଥିରେ ସିଇଓ, ସିଏକ୍ସଓ, ପ୍ରାୟ ୧୦୦ ସିଇଓ ଓ ପ୍ରତିଷ୍ଠାତା, ୧୫୦ ଶିକ୍ଷାବିତ୍ ଏବଂ ଗବେଷକ ଏବଂ ୪୦୦ ସିଟିଓ, ଉପସଭାପତି ଓ ଦାନଶୀଳ ବ୍ୟକ୍ତି ସାମିଲ ହୋଇଥିଲେ।

# ଅବକାରୀ ଦୁର୍ନୀତି ମାମଲାରେ କେଜ୍ରିୱାଲ ଦୋଷମୁକ୍ତ

ନୂଆଦିଲ୍ଲୀ, ୨୭/୨: ଦିଲ୍ଲୀର ବହୁଚର୍ଚ୍ଚିତ ଅବକାରୀ ଦୁର୍ନୀତି ମାମଲାରେ ଆଜି ଏକ ଐତିହାସିକ ନିଷ୍ପତ୍ତି ଶୁଣାଇଛନ୍ତି ରାଉଜ୍ ଆଭେନ୍ୟୁ କୋର୍ଟ। ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଓ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ସମସ୍ତ ୨୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସିବିଆଇ ଦ୍ୱାରା ଅଣାଯାଇଥିବା ସମସ୍ତ ଅଭିଯୋଗକୁ କୋର୍ଟ ଖାରଜ କରିବା ସହ ଏହା ପଛରେ ପର୍ଯ୍ୟାପ୍ତ ପ୍ରମାଣ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।



ଅନ୍ୟପକ୍ଷରେ କୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଆଜି ସିବିଆଇ ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଦୁର୍ନୀତି ମାମଲାରେ ଚାର୍ଜଫ୍ରେମ୍ କରିବାକୁ ମନା କରି ଦେଇଥିବା ଟ୍ରାଏଲ୍ କୋର୍ଟର ବିସ୍ତୃତ ରାୟକୁ ବିରୋଧ କରି କେନ୍ଦ୍ରୀୟ ଏଜେନ୍ସି ଏକ ଫୌଜଦାରୀ ସଂଶୋଧନ ଆବେଦନ ଦାୟର କରିଛି।

ଆଜି ରାଉଜ ଆଭେନ୍ୟୁ କୋର୍ଟର ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ସିଂହ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାର ଶୁଣାଣି କରି କହିଥିଲେ ଯେ ସିବିଆଇ ଯେଉଁ 'ଷଡ଼ଯନ୍ତ୍ର' ଅଭିଯୋଗ ଆଣିଥିଲା, ତାହାକୁ ପ୍ରମାଣିତ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ମନୀଷ ସିସୋଦିଆଙ୍କ କ୍ଷେତ୍ରରେ କୌଣସି 'ଆପରାଧିକ ଉଦ୍ଦେଶ୍ୟ' ନଥିବା କୋର୍ଟ କହିଛନ୍ତି। ଏହାସହ ଅରବିନ୍ଦ କେଜ୍ରିୱାଲଙ୍କ ନାମ ପ୍ରଥମ ତିନୋଟି ଚାର୍ଜସିଟ୍‌ରେ ନଥିବା ଏବଂ କେବଳ ଚତୁର୍ଥ ସପ୍ଲିମେଣ୍ଟାରୀ ଚାର୍ଜସିଟ୍‌ରେ ତାଙ୍କୁ ଅଭିଯୁକ୍ତ କରାଯାଇଥିବା ପ୍ରସଙ୍ଗକୁ ମଧ୍ୟ କୋର୍ଟ ଗମ୍ଭୀରତାର ସହ ନେଇଛନ୍ତି।

କୋର୍ଟ ରାୟ ପରେ ଅରବିନ୍ଦ କେଜ୍ରିୱାଲ ଭାବପ୍ରବଣ ହୋଇ କାନ୍ଦି ପକାଇଥିଲେ। ସେ ନିଜ ସମର୍ଥକଙ୍କୁ ସମ୍ବୋଧିତ କରି କହିଛନ୍ତି, ମୁଁ ଦୁର୍ନୀତିଗ୍ରସ୍ତ ନୁହେଁ। କୋର୍ଟ ଆଜି ପ୍ରମାଣ କରିଦେଲେ ଯେ କେଜ୍ରିୱାଲ ଓ ସିସୋଦିଆ ସଚ୍ଚୋଟ। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ପତ୍ନୀ ସୁନୀତା କେଜ୍ରିୱାଲ ଏହାକୁ 'ଶିବଶକ୍ତି'ର ଆଶୀର୍ବାଦ ଓ ସତ୍ୟର ଜୟ ବୋଲି କହିଛନ୍ତି। କୋର୍ଟ ଆଜି କେଜ୍ରିୱାଲ, ମନୀଷ ସିସୋଦିଆଙ୍କ ସମେତ କେ. କବିତା, ବିଜୟ ନାୟାର, ଅଭିଷେକ ବୋଇନପଲ୍ଲୀ, ଅରୁଣ ରାମଚନ୍ଦ୍ର ପିଲ୍ଲାଇ, ଅମନଦୀପ ସିଂହ, କୁଲଦୀପ ସିଂହ, ନରେନ୍ଦ୍ର ସିଂହ, ମୁଥା ଗୌତମ ପ୍ରମୁଖ ସମସ୍ତ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଛନ୍ତି।

# ଜାମସେଦପୁରରେ ଶ୍ରୀଜଗନ୍ନାଥ ମନ୍ଦିରର ଶିଳାନ୍ୟାସ କଲେ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଝାଡଖଣ୍ଡ ଜାମସେଦପୁରଠାରେ ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ କେନ୍ଦ୍ରର ଭୂମି ପୂଜନ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରର ଶିଳାନ୍ୟାସ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରେ ଆଜି ସମ୍ପନ୍ନ ହୋଇଛି। ଜାମସେଦପୁରର ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଦାତବ୍ୟ କେନ୍ଦ୍ର ଟ୍ରଷ୍ଟ ଦ୍ୱାରା ଏହି ସମାରୋହ ଆୟୋଜନ କରାଯାଇଥିଲା। ଏହି ଅବସରରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ସମଗ୍ର ବ୍ରହ୍ମାଣ୍ଡର ଠାକୁର। ବିନା କୌଣସି ଭେଦଭାବରେ ସମଗ୍ର ମାନବଜାତି ଉପରେ ତାଙ୍କର କୃପା ସମାନ ଭାବରେ ବର୍ଷା ହୋଇଥାଏ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାପ୍ରଭୁଙ୍କ ନିକଟରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ସେ କହିଥିଲେ ଯେ ମହାପ୍ରଭୁଙ୍କ ଆଶୀର୍ବାଦରେ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି । ଜାମସେଦପୁରରେ ମହାପ୍ରଭୁଙ୍କ ଏହି ଭବ୍ୟ ମନ୍ଦିର କେବଳ ଏକ ଆଧ୍ୟାତ୍ମିକ କେନ୍ଦ୍ର ହେବ ନାହିଁ, ବରଂ ଏହା ଝାଡ଼ଖଣ୍ଡର ସାଂସ୍କୃତିକ ପରିଚୟକୁ ଏକ ନୂତନ ଦିଶା ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ ରାଜ୍ୟପାଳ ସନ୍ତୋଷ କୁମାର ଗାଙ୍ଗୱାର ଏବଂ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସମେତ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# 'ତେଜସ୍' ଉଡ଼ାଣ ଉପରେ ସାମୟିକ ରୋକ

ନୂଆଦିଲ୍ଲୀ: ଭାରତୀୟ ବାୟୁସେନାର ଶକ୍ତି କୁହାଯାଉଥିବା ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ତେଜସ୍ ଯୁଦ୍ଧ ବିମାନକୁ ନେଇ ଏବେ ଏକ ଚିନ୍ତାଜନକ ଖବର ସାମନାକୁ ଆସିଛି। ନିକଟରେ ପୁଣି ଏକ ବିମାନ ଯାନ୍ତ୍ରିକ ସମସ୍ୟାର ସମ୍ମୁଖୀନ ହେବାପରେ ସମସ୍ତ ତେଜସ୍ ବିମାନର ଉଡ଼ାଣ ଉପରେ ସାମୟିକ ଭାବେ ରୋକ ଲଗାଯାଇଛି। ସୁରକ୍ଷା ଦୃଷ୍ଟିକୋଣରୁ ବାୟୁସେନା ପ୍ରାୟ ୩୦ଟି ଏକକ ଆସନ ବିଶିଷ୍ଟ ତେଜସ୍ ବିମାନକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବାକୁ ନିଷ୍ପତ୍ତି ନେଇଛି। ସର୍ବଶେଷ ଘଟଣାଟି ଗତ ଫେବୃଆରିରେ ଘଟିଥିଲା, ଯେଉଁଠାରେ ଏକ ତାଲିମ ଉଡ଼ାଣ ସମୟରେ ଅବତରଣ କରୁଥିବା ବେଳେ ବ୍ରେକ୍ ଫେଲ୍ ହେବା କାରଣରୁ ବିମାନଟି ରନ୍‌ୱେ ଅତିକ୍ରମ କରି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ସମୟରେ ପାଇଲଟ୍ ଜଣକ ନିଜର ବୁଦ୍ଧିମତ୍ତା ପ୍ରୟୋଗ କରି



ସୁରକ୍ଷିତ ଭାବେ ବାହାରକୁ ବାହାରି ଆସିଥିଲେ, କିନ୍ତୁ ବିମାନର ଏୟାରଫ୍ରେମ୍ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି।

ବିଶେଷ କରି ୨୦୨୪ ମସିହା ପରଠାରୁ ଏହା ହେଉଛି ତେଜସ୍ ବିମାନ ଜଡ଼ିତ ତୃତୀୟ ବଡ଼ ଦୁର୍ଘଟଣା। ପୂର୍ବରୁ ୨୦୨୪ ମାର୍ଚ୍ଚରେ ଜୈସଲମେରଠାରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବାବେଳେ ଗତବର୍ଷ ନଭେମ୍ବରରେ ଦୁବାଇ ଏୟାର ସୋ ସମୟରେ ଏକ ଅତ୍ୟନ୍ତ ଦୁଃଖଦାୟକ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ୱିଙ୍ଗ୍ କମାଣ୍ଡର ନମାଂଶ ସିୟାଲ ପ୍ରାଣ ହରାଇଥିଲେ। ବାରମ୍ବାର ଘଟୁଥିବା ଏହି ଦୁର୍ଘଟଣା ଏବେ ଏହି ସ୍ୱଦେଶୀ ଯୁଦ୍ଧ ବିମାନର ବୈଷୟିକ ନିରାପତ୍ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାର ପ୍ରଭାବ ସେୟାର ବଜାର ଉପରେ ମଧ୍ୟ ଦେଖିବାକୁ ମିଳିଛି, ଯେଉଁଠାରେ ବିମାନ ନିର୍ମାତା ସଂସ୍ଥା ହାଲ୍‌ର ସେୟାର ମୂଲ୍ୟ ପ୍ରାୟ ୩ ରୁ ୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ବର୍ତ୍ତମାନ ବାୟୁସେନା ପକ୍ଷରୁ ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି ଏବଂ ସମ୍ପୂର୍ଣ୍ଣ ବୈଷୟିକ ଯାଞ୍ଚ ପରେ ହିଁ ଏହି ବିମାନଗୁଡ଼ିକ ପୁଣି ଉଡ଼ାଣ ଭରିବେ।

# ୧୫ ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ କଟକଣା କରିପାରେ ଭାରତ: ମାକ୍ରନ୍

**ନୂଆଦିଲ୍ଲୀ:** ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ରେ ଯୋଗ ଦେଇ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍ ଏକ ବଡ଼ ସଙ୍କେତ ଦେଇଛନ୍ତି। ଭାରତରେ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟବହାର ଉପରେ କଟକଣା ଲଗାଯାଇପାରେ ବୋଲି ସେ ସୂଚନା ଦେଇଛନ୍ତି। ଅଭିଭାଷଣରେ ମାକ୍ରନ୍ କହିଛନ୍ତି, ଶିଶୁ ଏବଂ କିଶୋରମାନଙ୍କ ସୁରକ୍ଷା ପାଇଁ ଫ୍ରାନ୍ସରେ ଏହି ନିୟମ କାର୍ଯ୍ୟକାରୀ କରିବାକୁ ଯୋଜନା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଭାରତରେ ଏହାକୁ ଲାଗୁ କରିବା ପାଇଁ ବିଚାର କରୁଛନ୍ତି। ମାକ୍ରନ୍ ପ୍ରଧାନମନ୍ତ୍ରୀଙ୍କୁ ସମ୍ବୋଧିତ କରି କହିଛନ୍ତି, 'ପ୍ରଧାନମନ୍ତ୍ରୀ ମହାଶୟ, ଶିଶୁମାନଙ୍କ ସୁରକ୍ଷା ପାଇଁ ଆପଣ ମଧ୍ୟ ଏହି କ୍ଲବ୍‌ରେ ସାମିଲ ହେବାକୁ ଯାଉଛନ୍ତି। ପିଲାମାନଙ୍କୁ ସୁରକ୍ଷା ଦେବା କେବଳ ଏକ ନିୟମ ନୁହେଁ, ବରଂ ଏହା ଆମ ସଭ୍ୟତାର ପରିଚୟ।' ଏହି ଅବସରରେ ସେ ଭାରତର ୟୁପିଆଇ ଏବଂ ଡିଜିଟାଲ ଭିତ୍ତିଭୂମିକୁ ପ୍ରଶଂସା କରିବା ସହ ଏହା ବିଶ୍ୱ ପାଇଁ ଏକ ମଡେଲ୍ ବୋଲି କହିଥିଲେ।

# ଆତଙ୍କବାଦ ବିରୋଧୀ ଲଢ଼େଇରେ ଭାରତ-ବ୍ରାଜିଲ ଏକାଠି

ନୂଆଦିଲ୍ଲୀ: ବ୍ରାଜିଲ ରାଷ୍ଟ୍ରପତି ଲୁଲା ଡି ସିଲଭା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି। ଆଲୋଚନା



ସମୟରେ ଉଭୟ ଦେଶ ମଧ୍ୟରେ ରଣନୈତିକ ଏବଂ ଅର୍ଥନୈତିକ ସମ୍ପର୍କକୁ ଅଧିକ ମଜବୁତ କରିବା ପାଇଁ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ରଣନୈତିକ ସହଯୋଗ ନିମନ୍ତେ ବିସ୍ତୃତ ଆଲୋଚନା ପରେ ସୁରକ୍ଷା ସହଯୋଗ ସଂକ୍ରାନ୍ତ ଅନେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି।

ବୈଠକ ପରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରପତି ଲୁଲା ଗତବର୍ଷ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ କଠୋର ଭାଷାରେ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଆତଙ୍କବାଦ କୌଣସି ନିର୍ଦ୍ଦିଷ୍ଟ ଧର୍ମ କିମ୍ବା ଜାତୀୟତା ସହିତ ଜଡ଼ିତ ନୁହେଁ ଏବଂ ଏହା ବିଶ୍ୱ ଶାନ୍ତି ପାଇଁ ଏକ ବଡ଼ ବିପଦ। ଆତଙ୍କବାଦ ବିରୋଧୀ ଲଢ଼େଇରେ ବ୍ରାଜିଲ ସର୍ବଦା ଭାରତ ସହିତ ରହିବ ଏବଂ ଉଭୟ ରାଷ୍ଟ୍ର ଏହା ବିରୋଧରେ ଏକାଠି ଲଢ଼ିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ଗସ୍ତର ଅନ୍ୟତମ ପ୍ରମୁଖ ସଫଳତା ହେଉଛି 'କ୍ରିଟିକାଲ ମିନେରାଲ୍ସ ଏବଂ ରେୟାର ଆର୍ଥ ଏଲିମେଣ୍ଟସ୍' ନେଇ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ସ୍ୱାଗତ କରି କହିଛନ୍ତି ଯେ, ଏହି ସହଭାଗିତା ଏକ ସୁଦୃଢ଼ ସପ୍ଲାଏ ଚେନ୍ ଗଠନ ଦିଗରେ ଏକ ବଡ଼ ପଦକ୍ଷେପ। କୃଷି, ଶକ୍ତି ଏବଂ ପ୍ରତିରକ୍ଷା କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରିବାକୁ ଉଭୟ ନେତା ସହମତି ପ୍ରକାଶ କରିଛନ୍ତି।

# ୮ ଆତଙ୍କୀଙ୍କୁ ଗିରଫ କଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ: ଦିଲ୍ଲୀ ପୁଲିସର ସ୍ପେସାଲ୍ ସେଲ୍ ଏକ ସମନ୍ୱିତ ସୁରକ୍ଷା ଅଭିଯାନ ମାଧ୍ୟମରେ ଏକ ଆନ୍ତଃରାଜ୍ୟ ଆତଙ୍କବାଦୀ ମଡ୍ୟୁଲ୍‌ର ପର୍ଦ୍ଦାଫାସ କରିଛି। ଏହି ଆତଙ୍କୀମାନେ ଲସ୍କର ଏ ତୋଏବା ସଂଗଠନ ସହ ସଂପୃକ୍ତ ଥିବା ପ୍ରମାଣ ମିଳିଛି। ରବିବାର ପୁଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଗିରଫ ହୋଇଥିବା ୮ ଜଣ ଆତଙ୍କବାଦୀ ଲସ୍କର ଓ ପାକ୍ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ଦ୍ୱାରା ନିୟନ୍ତ୍ରିତ ହେଉଥିଲେ। ସେମାନେ ଲସ୍କର ଓ ବାଂଲାଦେଶର କିଛି ନିଷିଦ୍ଧ ଚରମପନ୍ଥୀ ଗୋଷ୍ଠୀ ସହିତ ସମନ୍ୱୟ ରକ୍ଷା କରି ଭାରତରେ ବଡ଼ଧରଣର ଆକ୍ରମଣ ପାଇଁ ଯୋଜନା କରୁଥିଲେ। ଏହି ମଡ୍ୟୁଲ୍ ଦେଶର କିଛି ପ୍ରମୁଖ ସହରରେ ବିସ୍ଫୋରଣ ଓ ଟାର୍ଗେଟ୍ କିଲିଂ ପାଇଁ ପ୍ରସ୍ତୁତି ଚଳାଇଥିଲା ଏବଂ କେତେକ ସ୍ଥାନରେ ରେକି ମଧ୍ୟ କରିଥିବା ଜଣାପଡ଼ିଛି। ୬ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ତାମିଲନାଡୁର ତିରୁପୁର ଜିଲ୍ଲାର ବିଭିନ୍ନ ପୋଷାକ କାରଖାନାରୁ ଗିରଫ କରାଯାଇଛି। ସେମାନେ ସେଠାରେ ଶ୍ରମିକ ଭାବେ କାମ କରି ନିଜର ପ୍ରକୃତ ପରିଚୟ ଲୁଚାଇ ରହୁଥିଲେ। ଅଭିଯୁକ୍ତ ଆତଙ୍କୀଙ୍କ ନିକଟରୁ ୮ଟି ମୋବାଇଲ୍ ଫୋନ୍ ଓ ୧୬ଟି ସିମ୍ କାର୍ଡ ଜବତ କରାଯାଇଛି। ଏହି ଡିଜିଟାଲ୍ ଉପକରଣଗୁଡ଼ିକର ବର୍ତ୍ତମାନ ଫରେନ୍‌ସିକ



ଯାଞ୍ଚ କରାଯାଉଛି। ଗିରଫ ବ୍ୟକ୍ତିମାନେ ହେଲେ ମିଜାନୁର ରହମାନ, ମହମ୍ମଦ ସବାତ, ଉମର, ମହମ୍ମଦ ଲିଟନ୍, ମହମ୍ମଦ ଶାହିଦ ଓ ମହମ୍ମଦ ଉଜ୍ଜ୍ୱଳ। ଅନ୍ୟ ଦୁଇ ଜଣ ଆତଙ୍କବାଦୀଙ୍କୁ ପଶ୍ଚିମବଙ୍ଗରୁ କାବୁ କରାଯାଇଛି। ତଦନ୍ତରୁ ସ୍ପଷ୍ଟ ହୋଇଛି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ କିଛି ବାଂଲାଦେଶୀ ନାଗରିକ ଅଛନ୍ତି। ସେମାନେ ବେଆଇନ ଭାବେ ସୀମା ପାର୍ ହୋଇ ଭାରତରେ ପ୍ରବେଶ କରିଥିଲେ ଏବଂ ଜାଲ୍ ଆଧାରକାର୍ଡ ବ୍ୟବହାର କରି ନିଜକୁ ଭାରତୀୟ ନାଗରିକ ଭାବେ ପରିଚୟ ଦେଉଥିଲେ। ଏହି ଆତଙ୍କୀ ମଡ୍ୟୁଲ୍‌କୁ ପାକିସ୍ତାନରୁ ଅର୍ଥ ଓ ନିର୍ଦ୍ଦେଶ ମିଳୁଥିବା ନେଇ ପୁଲିସକୁ ବଳିଷ୍ଠ ପ୍ରମାଣ ମିଳିଛି। ଗିରଫ ବ୍ୟକ୍ତିମାନଙ୍କୁ ଦିଲ୍ଲୀ ଅଣାଯାଇ ଅଧିକ ପଚରାଉଚରା କରାଯାଉଛି।

# ମାଗଣା ବଣ୍ଟନ ନେଇ ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ରାଜ୍ୟ ସରକାରମାନଙ୍କ ଦ୍ୱାରା ଘୋଷଣା କରାଯାଉଥିବା ମାଗଣା ବଣ୍ଟନ ବା 'ଫ୍ରିବିଜ୍'କୁ ନେଇ ସୁପ୍ରିମକୋର୍ଟ ଗୁରୁବାର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଓ ଜଷ୍ଟିସ୍ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଚେତାବନୀ ଦେଇଛନ୍ତି ଯେ ଏଭଳି ଅନିୟନ୍ତ୍ରିତ ଦାତବ୍ୟ ଦେଶର ଅର୍ଥନୈତିକ ପ୍ରଗତିକୁ ଗୁରୁତର ଭାବେ ବାଧାପ୍ରାପ୍ତ କରୁଛି। ଲୋକଙ୍କୁ ମାଗଣା ବାଣ୍ଟିବା ପାଇଁ ଅର୍ଥ କେଉଁଠୁ ଆସୁଛି ଏବଂ ଏହାର ଭବିଷ୍ୟତ କ'ଣ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।

ଶୁଣାଣି ସମୟରେ ପ୍ରଧାନ ବିଚାରପତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇ କହିଛନ୍ତି, ଯଦି ସକାଳୁ ସଞ୍ଜ ପର୍ଯ୍ୟନ୍ତ ସବୁକିଛି ମାଗଣାରେ ମିଳିବ, ତେବେ କାମ କରିବ କିଏ? ମାଗଣା ବଣ୍ଟନ ଦେଶର ଶ୍ରମ ସଂସ୍କୃତିକୁ ନଷ୍ଟ କରୁଥିବା କୋର୍ଟ କହିଛନ୍ତି। ବିଶେଷ କରି ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ (ଟିଏନ୍‌ପିଡିସିଏଲ୍)ର ଏକ ଆବେଦନ ଉପରେ କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି। ଶେଷ ମୁହୂର୍ତ୍ତରେ ମାଗଣା ବିଦ୍ୟୁତ୍ ଯୋଜନା ଘୋଷଣା କରିବା ଫଳରେ ବିଦ୍ୟୁତ୍ ବିତରଣ କମ୍ପାନିମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଥିବାରୁ ରାଜ୍ୟ ସରକାରମାନଙ୍କ ମାଗଣା ବଣ୍ଟନ ଉପରେ ସର୍ବୋଚ୍ଚ ଅଦାଲତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି।

ଅଦାଲତ କହିଛନ୍ତି ଯେ ଅଧିକାଂଶ ରାଜ୍ୟ ନିଜ ମୋଟ ରାଜସ୍ୱର ପ୍ରାୟ ୨୫% କେବଳ ସବ୍‌ସିଡିରେ ଖର୍ଚ୍ଚ କରୁଛନ୍ତି। ଫଳରେ ରାସ୍ତାଘାଟ, ଡାକ୍ତରଖାନା ଏବଂ ବିଦ୍ୟାଳୟ ଭଳି ଜନକଲ୍ୟାଣକାରୀ ଭିତ୍ତିଭୂମି ପାଇଁ ପାଣ୍ଠିର ଅଭାବ ଦେଖାଦେଉଛି। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଗରିବଙ୍କୁ ସାହାଯ୍ୟ କରିବା ଉଚିତ, କିନ୍ତୁ ସମସ୍ତଙ୍କ ପାଇଁ ସାର୍ବଜନୀନ ମାଗଣା ସୁବିଧା କେବଳ ଏକ ରାଜନୈତିକ ଆପୋସ ବୁଝାମଣା ନୀତି।

ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି ଯେ ସରକାରମାନେ ଲୋକଙ୍କୁ ମାଗଣା ଜିନିଷ ବାଣ୍ଟିବା ପରିବର୍ତ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ସମସ୍ତ ପକ୍ଷକୁ ନିଜର ଆର୍ଥିକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଆମେରିକାର ପୂର୍ବ ଉପକୂଳରେ ଭୟଙ୍କର ତୁଷାର ଝଡ଼



ନ୍ୟୁୟର୍କ: ଆମେରିକାର ପୂର୍ବ ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଶକ୍ତିଶାଳୀ ଏବଂ ଦ୍ରୁତଗତିରେ ବଢୁଥିବା ଶୀତକାଳୀନ ତୁଷାର ଝଡ଼ କାୟା ବିସ୍ତାର କରିଛି। ଏହାର ଭୟାବହତାକୁ ଦୃଷ୍ଟିରେ ରଖି ନ୍ୟୁୟର୍କ, ନ୍ୟୁଜର୍ସି ଏବଂ ଏହାର ପଡ଼ୋଶୀ ରାଜ୍ୟଗୁଡ଼ିକରେ ସରକାରଙ୍କ ପକ୍ଷରୁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ପ୍ରବଳ ବରଫପାତ ସାଙ୍ଗକୁ ପବନ ଯୋଗୁଁ ଦୃଶ୍ୟମାନ କ୍ଷମତା ପ୍ରାୟ ଶୂନ୍ୟ ହୋଇଯାଇଛି, ଯାହାଫଳରେ ସାଧାରଣ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି।

**● ବାତିଲ ହେଲା ୮୦୦୦ରୁ ଅଧିକ ବିମାନ ଉଡ଼ାଣ**

**● ଘରୁ ନବାହାରିବାକୁ ପ୍ରଶାସନର ପରାମର୍ଶ**

ବାତ୍ୟାର ପ୍ରଭାବ ଯୋଗୁଁ ବିମାନ ସେବା ଗୁରୁତର ପ୍ରଭାବିତ ହୋଇଛି। ରବିବାର ସୁଦ୍ଧା ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ୩,୩୦୦ରୁ ଅଧିକ ବିମାନ ଉଡ଼ାଣ ବାତିଲ କରାଯାଇଥିବା ବେଳେ ସୋମବାର ପାଇଁ ପୂର୍ବ ପ୍ରସ୍ତୁତି ସ୍ୱରୂପ ୪,୮୦୦ରୁ ଅଧିକ ଫ୍ଲାଇଟ୍ ରଦ୍ଦ କରାଯାଇଛି। ପ୍ରାୟ ୫,୦୦୦ରୁ ଅଧିକ ବିମାନ ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଚାଲୁଥିବା ସୂଚନା ମିଳିଛି। ବରଫପାତ ଯୋଗୁଁ ରନୱେଗୁଡ଼ିକ ଅପରିଷ୍କାର ହୋଇପଡ଼ିଥିବାରୁ ବ୍ଲିଜାର୍ଡ ଜୋନ୍‌ରେ ଥିବା ପ୍ରମୁଖ ବିମାନବନ୍ଦରଗୁଡ଼ିକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ନ୍ୟୁୟର୍କ ଓ ନ୍ୟୁଜର୍ସି ପ୍ରଶାସନ ପକ୍ଷରୁ ଯାତ୍ରା ଉପରେ କଡ଼ା କଟକଣା ଲଗାଯିବା ସହ ଲୋକଙ୍କୁ ଘରୁ ନବାହାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆମେରିକା ପାଣିପାଗ ବିଭାଗ ଅନୁଯାୟୀ, ଅନେକ ସ୍ଥାନରେ ୨ରୁ ୩ ଫୁଟ ପର୍ଯ୍ୟନ୍ତ ବରଫ ଜମି ରହିଛି, ଯାହାଫଳରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେବାର ଆଶଙ୍କା ଦେଖାଦେଇଛି। ନ୍ୟୁୟର୍କ ଗଭର୍ଣ୍ଣର କହିଛନ୍ତି ଯେ, ଏହା ଏହି ଋତୁର ସବୁଠାରୁ ଭୟଙ୍କର ବରଫ ଝଡ଼ ହୋଇପାରେ।

# ପୁରୀଧାମ ଗୋବର୍ଦ୍ଧନ ମଠ ଓ ଜଗଦ୍‌ଗୁରୁ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜ

ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ

ମିଥିଳା ନରେଶଙ୍କର ରାଜପଣ୍ଡିତ ଶ୍ରୀ ଲାଲବଂଶୀ ଝା ଏବଂ ତୃତୀୟତନୟ ଶ୍ରୀ ନୀଳାମ୍ବର ଝା ଭୂମିଷ୍ଠ ହୋଇଥିଲେ। ତୁଳସୀ ଦୁଇପତ୍ରରୁ ବାସିବା ଭଳି ବାଲ୍ୟକାଳରୁ ନୀଳାମ୍ବରଙ୍କଠାରେ ବିଭିନ୍ନ ଅଲୌକିକ ଲକ୍ଷଣମାନ ଦେଖାଯାଉଥିଲା। ସେ ରାତିରେ ଶୋଇଥିବା ବେଳେ ଅନେକ ଅଦ୍ଭୁତ ସ୍ୱପ୍ନ ଦେଖୁଥିଲେ। କଳାରଙ୍ଗର ଶାଢୀ ପିନ୍ଧି କୌଣସି ନାରୀ ଖଡ୍ଗ ଧରି ତାଙ୍କୁ ପ୍ରହାର କରୁଛନ୍ତି, ନିଦ୍ରିତ ଅବସ୍ଥାରେ ଏହି ସ୍ୱପ୍ନ ଦେଖି ସେ ଚମକି ପଡୁଥିଲେ। ଏଭଳି ସ୍ୱପ୍ନ କାରଣରୁ ନିଦ୍ରିତ ଅବସ୍ଥାରେ ସେ କ୍ରନ୍ଦନ କରୁଥିଲେ। ଏହିପରି ପ୍ରାୟ ଏକବର୍ଷ ଅତିକ୍ରାନ୍ତ ହେଲା। ହଠାତ୍ ଦିନେ ରାତ୍ରିରେ ସୁସୁପ୍ତି ଅବସ୍ଥାରେ ଏକ ଦିବ୍ୟବାଣୀ ତାଙ୍କ ମନରେ ଜାଗ୍ରତ ହେଲା, "ମୁଁ ମୃତ୍ୟୁ ନୁହେଁ, ମୁଁ ମୃତ୍ୟୁଞ୍ଜୟୀ"। ତା'ପରଠାରୁ ସେହି ଭୟଙ୍କର ସ୍ୱପ୍ନ ଦର୍ଶନ ବନ୍ଦ ହୋଇଗଲା।

ଖୁବ୍ ବାଲ୍ୟକାଳରୁ ପଦ୍ମାସନରେ ଘଣ୍ଟା ଘଣ୍ଟା ବସି ତପସ୍ୟା କରିବାକୁ ନୀଳାମ୍ବର ଖୁବ୍ ଭଲ ପାଉଥିଲେ। ଛାତ୍ର ଅବସ୍ଥାରେ ସେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପାଠ ପଢୁଥିଲେ। ସମସ୍ତ ପାଠରେ ସେ ଖୁବ୍ ନିପୁଣ ଥିଲେ ଏବଂ ସହପାଠୀମାନଙ୍କୁ ସମସ୍ତ ବିଷୟ ପ୍ରାଞ୍ଜଳଭାବରେ ବୁଝାଇ ଦେଉଥିଲେ। ଷାଣ୍ମାସିକ ଓ ବାର୍ଷିକପରୀକ୍ଷାରେ ସହପାଠୀମାନଙ୍କ ପରୀକ୍ଷାଖାତା ସେ ନିର୍ଭୁଲ ଭାବରେ ମୂଲ୍ୟାୟନ କରିପାରୁଥିଲେ। ନୀଳାମ୍ବରଙ୍କର ପ୍ରାରମ୍ଭିକ ଶିକ୍ଷା ନିଜ ଗ୍ରାମ 'କୁଲଆହୀ' ଏବଂ 'ଲୋହା'ରେ ହୋଇଥିଲା। ଏହି ସମୟରେ ସେ ମାସିକ ଦଶଟଙ୍କା ଛାତ୍ରବୃତ୍ତି ପାଉଥିଲେ। ବାଲ୍ୟକାଳରୁ ନୀଳାମ୍ବର ଥିଲେ କୁଶାଗ୍ରବୁଦ୍ଧି, ପ୍ରତ୍ୟୁତ୍ପନ୍ନମତି, ଅତ୍ୟନ୍ତ ମେଧାବୀ ତଥା ଅନେକ ଅଦ୍ଭୁତ ଗୁଣର ଅଧିକାରୀ। ତାଙ୍କର ଉଚ୍ଚଶିକ୍ଷା ପାଇଁ ବଡଭାଇ ତାଙ୍କୁ ନିଜ ପାଖକୁ ଦିଲ୍ଲୀ ନେଇଗଲେ। ଦିଲ୍ଲୀରେ ତାଙ୍କର ନାମ ଲେଖା ହେଲା।

ବାଲ୍ୟକାଳରୁ ନୀଳାମ୍ବରଙ୍କୁ ଯଥେଷ୍ଟ ପାରିବାରିକ ସୁସଂସ୍କାର ମିଳିଥିଲା। ସେହି ବୟସରୁ ହିଁ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ ସମ୍ପର୍କରେ ସୂଚନା ମିଳୁଥିଲା। ଦିନେ ଜନୈକ ସହପାଠୀ ବିନୋଦାନନ୍ଦ ଝାଙ୍କ ସହ ନଦୀ କୂଳରେ ବୁଲିବା ବେଳେ ପ୍ରସଙ୍ଗକ୍ରମେ ଭବିଷ୍ୟତ ଜୀବନ ସମ୍ପର୍କରେ ଆଲୋଚନା ହେଲା। ବିନୋଦାନନ୍ଦ ଝା ଥିଲେ ସଙ୍ଗୀତପ୍ରେମୀ। ଭବିଷ୍ୟତ ଜୀବନରେ ସେ ସଙ୍ଗୀତ ବିଦ୍ୟାଳୟରେ ଚାକିରି କରି ସଙ୍ଗୀତ ବିଦ୍ୟାର ବିକାଶ କରାଇବେ ବୋଲି କହିଲେ।

କିନ୍ତୁ ନୀଳାମ୍ବର କହିଲେ - ମୋ ମନ କହୁଛି, ମୁଁ ବେଶୀ ଦିନ ଘରେ ରହି ପାରିବି ନାହିଁ। ଖୁବ୍ ଶୀଘ୍ର ଗୃହତ୍ୟାଗ କରି ସନ୍ନ୍ୟାସୀ ହେବି। ମାତ୍ର ସତର ବର୍ଷ (୧୭ ବର୍ଷ) ବୟସରେ ତରୁଣ ନୀଳାମ୍ବର ସନ୍ନ୍ୟାସଗ୍ରହଣ ଲକ୍ଷ୍ୟରେ ଗୃହତ୍ୟାଗ କରି ଦିଲ୍ଲୀ ଚାଲିଗଲେ।

ଦିଲ୍ଲୀର ଶ୍ରୀରାମକୃଷ୍ଣ ଡାଲମିଆଙ୍କର 'ବଗଳାମୁଖୀ' ଅନୁଷ୍ଠାନରେ ଜ୍ୟେଷ୍ଠଭ୍ରାତା ଶ୍ରୀ ଶ୍ରୀଦେବ ଝା ଥିଲେ ଜଣେ ଅଧ୍ୟାପକ, ଚିକିତ୍ସାଳୟ ଚିକିତ୍ସକ ତଥା ପାଠାଗାରର ଅଧ୍ୟକ୍ଷ। ମଧ୍ୟମଭ୍ରାତା ଶ୍ରୀ ଶୁକଦେବ ଝା ମଧ୍ୟ ଦିଲ୍ଲୀରେ ରହୁଥିଲେ। ଦୁଇ ଅଗ୍ରଜଙ୍କ ସହିତ ନୀଳାମ୍ବରଙ୍କର ସାକ୍ଷାତ ହେଲା। ତାହା ପରଠାରୁ ହିଁ ତାଙ୍କ ଜୀବନର ଧାରା ବଦଳିବାକୁ ଲାଗିଲା।

ଦିଲ୍ଲୀରେ 'ଧର୍ମସଂଘ ମହାଧିବେଶନ' ଆନୁକୂଲ୍ୟରେ 'ସର୍ବବେଦ ଶାଖାସମ୍ମିଳନୀ' ଅନୁଷ୍ଠିତ ହେଲା। ସେହି ସମ୍ମିଳନୀରେ କାଶ୍ମୀରରୁ କନ୍ୟାକୁମାରୀ ତଥା କାଠମାଣ୍ଡୁ ପ୍ରଭୃତିସ୍ଥାନରୁ ବହୁସଂଖ୍ୟକ ସାଧୁସନ୍ଥ ଯୋଗଦେବେ ବୋଲି ଚାରିଆଡେ ଖବର ପ୍ରଚାରିତ ହେଲା ସେହି ସନ୍ଥମାନଙ୍କ ମଧ୍ୟରେ ସବୁଠାରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲେ ସନ୍ଥ ଶିରୋମଣି ଧର୍ମସମ୍ରାଟ ଶ୍ରୀମଦ୍‌ମୀ ଶ୍ରୀ ଶ୍ରୀ କରପାତ୍ରୀଜୀ ମହାରାଜ ଓରଫ୍ ଶ୍ରୀମଦ୍ ସ୍ୱାମୀ ଶ୍ରୀ ଶ୍ରୀ ହରିହରାନନ୍ଦ ସରସ୍ୱତୀ ଏବଂ ତତ୍‌କାଳୀନ ଜ୍ୟୋତିଶ୍ରୀଠାଧୀଶ୍ୱର ଶ୍ରୀମଦ୍ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀକୃଷ୍ଣବୋଧାଶ୍ରମଜୀ ମହାରାଜ। ଜଣେ ସନ୍ଥଙ୍କର ବାଣୀରେ ତାଙ୍କର ମନ ବନ୍ଧା ପଡିଗଲା। ତାଙ୍କୁ ହିଁ ଗୁରଭାବରେ ସେ ମନେ ମନେ ଗ୍ରହଣ କରିନେଲେ। ସେହି ସନ୍ଥ ଥିଲେ ଶ୍ରୀମଦ୍ ସ୍ୱାମୀ ଶ୍ରୀ ଶ୍ରୀ କରପାତ୍ରଜୀ ମହାରାଜ।

ଏହି ଅବସରରେ ଦେଶରେ ଗୋମାତାର ସୁରକ୍ଷା ପାଇଁ ସାଧୁସମାଜ ବୈଠକର ଆହ୍ୱାନରେ ଦିଲ୍ଲୀରେ ବିଶାଳ ସାଧୁସଭା ଆୟୋଜିତ ହେଲା। ମହାତ୍ମା ସନ୍ଥସମାଜର ବାଣୀ ତାଙ୍କ ହୃଦୟକନ୍ଦରକୁ ସ୍ପର୍ଶ କଲା। ଗୋମାତା ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇ ଗୋସୁରକ୍ଷା ଅଭିଯାନରେ ସକ୍ରିୟ ଅଂଶଗ୍ରହଣ କଲେ ଏବଂ ତା ୯.୧୨.୧୯୬୬ରିଖରୁ ଦୀର୍ଘ ୫୨ଦିନ ପର୍ଯ୍ୟନ୍ତ ତିହାରଜେଲରେ ବନ୍ଦୀ ଜୀବନଯାପନ କଲେ।

ତା ୧୮.୦୪.୧୯୭୪ ରିଖରେ ଧର୍ମସମ୍ରାଟ୍ ସନ୍ଥଶିରୋମଣି ଶ୍ରୀମଦ୍ ସ୍ୱାମୀ ଶ୍ରୀଶ୍ରୀକରପାତ୍ରୀଜୀ ମହାରାଜଙ୍କଠାରୁ ହରିଦ୍ୱାରରେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ପରିଚିତ ହେଲେ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀ ନାମରେ। ତା'ପରଠାରୁ ସନ୍ନ୍ୟାସ ଜୀବନର ସିଦ୍ଧିଲାଭ ପଥରେ ସେ କ୍ରମଶଃ ଅଗ୍ରସର ହେଲେ। ଜ୍ଞାନର ପରିସୀମାକୁ ବିସ୍ତାରିତ କଲେ। ୧୯୭୪ ରୁ ୧୯୮୧ ପର୍ଯ୍ୟନ୍ତ ପୂଜ୍ୟ ଗୁରୁଦେବଙ୍କଠାରୁ ପ୍ରସ୍ଥାନତ୍ରୀୟ, ପଞ୍ଚଦଶୀ, ବେଦାନ୍ତ ପରିଭାଷା, ନ୍ୟାୟସ ମୀମାଂସା, ତନ୍ତ୍ର ଓ ଅଦ୍ୱୈତସିଦ୍ଧି ଆଦି ଶାସ୍ତ୍ର ମନଯୋଗପୂର୍ବକ ଅଧ୍ୟୟନ କଲେ। ୧୮୮୨ ରୁ ୧୯୮୭ ପର୍ଯ୍ୟନ୍ତ ତତ୍କାଳୀନ ପୁରୀ ଶଙ୍କରାଚାର୍ଯ୍ୟମଠର ୧୪୪ତମ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ଅନନ୍ତଶ୍ରୀବିଭୂତି ଶ୍ରୀମଦ୍‌ମୀ ଶ୍ରୀ ଶ୍ରୀ ନିରଞ୍ଜନ ଦେବତୀର୍ଥ ମହାରାଜାଙ୍କଠାରୁ ଖଣ୍ଡନଖଣ୍ଡଖାଦ୍ୟ ଏବଂ ଯଜୁର୍ବେଦାଦି ଶାସ୍ତ୍ର ଅଧ୍ୟୟନ କଲେ। ଶ୍ରୀମଦ୍ ସ୍ୱାମୀ ଶ୍ରୀ ଶ୍ରୀ ନିରଞ୍ଜନ ଦେବତୀର୍ଥ ମହାରାଜ ନିଜର ଅନ୍ତିମସମୟ ଉପଗତ ଜାଣି ସ୍ୱୀୟ ଚିନ୍ମୟ କରକମଳରେ ତା ୦୯.୦୨.୧୯୯୨ରିଖ ମାଘ ଶୁକ୍ଳ ଶ୍ରୀପଞ୍ଚମୀ ରବିବାର ଶୁଭମୁହୂର୍ତ୍ତରେ ପୁରୀ, ଗୋବର୍ଦ୍ଧନପୀଠର ୧୪୫ତମ ପୀଠାଧୀଶ୍ୱର ପଦବୀରେ ଅଭିଷିକ୍ତ କରି ମଠର ଅଧ୍ୟକ୍ଷ ଦାୟିତ୍ୱ ଅର୍ପଣ କଲେ।



ପୁରୀ, ଗୋବର୍ଦ୍ଧନପୀଠର ପୀଠାଧୀଶ୍ୱର ଦାୟିତ୍ୱ ଗ୍ରହଣ କରିବା ପରେ ଦେଶରେ ବାସ କରୁଥିବା ଅନ୍ୟ ସମସ୍ତ ସମ୍ପ୍ରଦାୟର ହିତ ତଥା ସ୍ୱାର୍ଥକୁ ଧ୍ୟାନରେ ରଖି ସନାତନ ହିନ୍ଦୁଧର୍ମର ପ୍ରତ୍ୟେକ ମାନବିନ୍ଦୁର ଆଦର୍ଶ, ଅସ୍ତିତ୍ୱ ତଥା ସୁରକ୍ଷାକୁ ସୁସଂସ୍କୃତ କରିବା ପାଇଁ ସମଗ୍ର ଭାରତବର୍ଷରେ ଆଦିଗୁରୁଙ୍କ ସଦୃଶ ଆପଣ ଅବିଶ୍ରାନ୍ତ ପରିଭ୍ରମଣ କରିଅଛନ୍ତି। ଦେଶରେ ଏକତା ତଥା ଅଖଣ୍ଡତା ସହିତ ସୀମାସୁରକ୍ଷା, ଗୋମାତାର ସୁରକ୍ଷା, ମହିଳାଜାଗରଣ, ପର୍ଯ୍ୟାବରଣ ସୁରକ୍ଷା, ଗହଗା— ସୁରକ୍ଷା-ଅଭିଯାନ, ରାମସେତୁ ସୁରକ୍ଷା, ଧର୍ମାନ୍ତରୀକରଣ ବନ୍ଦ ଅଭିଯାନ, ଆଇନସମ୍ମତ ଆର୍ଥିକସମତା-ଅଭିଯାନ, ଶିକ୍ଷା ତଥା ସ୍ୱାସ୍ଥ୍ୟ- ଅଭିଯାନ, ପ୍ରତ୍ୟେକ ଭାରତୀୟଙ୍କୁ ସୁଶିକ୍ଷିତ, ସୁରକ୍ଷିତ, ସୁସଂହିତ, ସୁସଂସ୍କୃତ, ସ୍ୱାବଲମ୍ବୀ, ସତ୍ୟସହିଷ୍ଣୁ, ସେବାପରାୟଣ, ସମୃଦ୍ଧ, ସୁସ୍ଥ, ସୁସମ୍ପନ୍ନ, ଶୋଷଣବିନିର୍ମୁକ୍ତ, ଧର୍ମନିୟନ୍ତ୍ରିତ, ପକ୍ଷପାତବିହୀନ ମାର୍ଗରେ ଗଢି ତୋଳିବାକୁ ଆପଣ ଉଦ୍ୟମ ଜାରି ରଖିଛନ୍ତି। ଆପଣଙ୍କର ସୁଦୃଢ଼, ସୁଚିନ୍ତିତ, ଅକାଟ୍ୟ ତଥା ବାସ୍ତବ ଯୁକ୍ତିପାଟବତାକୁ ସ୍ୱୀକାର କରି ବିଶ୍ୱବ୍ୟାଙ୍କ ମଦର ଟେରେସାଙ୍କ ସଂସ୍ଥାକୁ ଅନୁଦାନ ବନ୍ଦ କରିଅଛନ୍ତି। ଆପଣଙ୍କ ନିର୍ଭିକ ତଥା ଦୃଢ଼ ବିରୋଧର ସମ୍ମୁଖୀନ ହୋଇ 'ଦଲାଇଲାମା' ଭାରତବର୍ଷରେ ଆଶ୍ରୟ ନେଇ ହିନ୍ଦୁମାନଙ୍କୁ ବୌଦ୍ଧଧର୍ମରେ ଧର୍ମାନ୍ତରୀକରଣ କାର୍ଯ୍ୟରୁ ନିବୃତ୍ତ ରହିବାକୁ ବାଧ୍ୟ ହୋଇଛନ୍ତି ଏବଂ ଆପଣଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ବଶ୍ୟତା ସ୍ୱୀକାର କରିଅଛନ୍ତି। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ବିଷୟରେ ଆପଣ ନିଜର ମୌଳିକ ବିଚାର ପ୍ରକଟ କରୁଅଛନ୍ତି। ଆପଣଙ୍କର ପ୍ରଚଣ୍ଡ ଜ୍ଞାନ, ଦିବ୍ୟ ମେଧାଶକ୍ତି ଅତୁଳନୀୟ ଯୁକ୍ତିପାଟବତା, ଦୂରଦୃଷ୍ଟିପୂର୍ଣ୍ଣବିଚାର ତଥା ଅସୀମ ଦେଶପ୍ରେମକୁ ଉପଲବ୍ଧି କରି ଦେଶର ଅଗଣିତ ବୁଦ୍ଧିଜୀବୀ ଆଶୀର୍ବାଦ ଭିକ୍ଷା ପୂର୍ବକ ଆପଣଙ୍କ ସହିତ ସୁସମ୍ପର୍କ ରକ୍ଷା କରୁଅଛନ୍ତି। ପ୍ରାଚୀନ ମହିମାମଣ୍ଡିତ ଶ୍ରୀକ୍ଷେତ୍ର, ପୁରୀର ମହିମାକୁ ସହସ୍ରଗୁଣରେ ବୃଦ୍ଧି କରବା ତଥା ଶ୍ରୀଶ୍ରୀ ଜଗନ୍ନାଥଧାମକୁ ବିଶ୍ୱର ' ଆଧ୍ୟାତ୍ମିକ ଜ୍ଞାନକେନ୍ଦ୍ର'ରେ ପରିଣତ କରିବାକୁ ପରିଣତ ବୟସରେ ଆପଣ ଯୁବସୁଲଭ ଉତ୍ସାହରେ ଅବିଶ୍ରାନ୍ତ ଚେଷ୍ଟା ଜାରି ରଖିଛନ୍ତି। ମହାତୀର୍ଥ ମହୋଦଧିଙ୍କର ନିତ୍ୟ-ଆଳସୀ-ପରମ୍ପରା ସୃଷ୍ଟିକରି କଳିକଳୁଷିତ ଲୋକମନରେ ଆପଣ ଭକ୍ତି ଭାବ ଉଦ୍ରେକ କରାଇଛନ୍ତି। ତ୍ରେତାଯୁଗରେ ନିର୍ମିତ ବିଶ୍ୱର ସର୍ବପ୍ରାଚୀନ ରାମସେତୁକୁ ଭାଙ୍ଗିବା ପାଇଁ କେନ୍ଦ୍ର ସରକାରଙ୍କ ଗଠିତ 'ସେତୁ ସମୁଦ୍ରମ୍ - ପ୍ରୋଜେକ୍ଟ'କୁ ସମଗ୍ର ପୃଥିବୀରେ ପ୍ରଥମ ବ୍ୟକ୍ତିଭାବରେ ଘୋର ବିରୋଧ କରି ଏଭଳି ଅନୁଚିତ, ଦୁଃସହ, ଦୁର୍ବିନୀତ ତଥା ଜନସ୍ୱାର୍ଥବିରୋଧୀ କାର୍ଯ୍ୟରୁ କେନ୍ଦ୍ରସରକାରଙ୍କୁ ଆପଣ ନିରସ୍ତ କରିଅଛନ୍ତି। ବାଲ୍ୟବିବାହ, କନ୍ୟାଭ୍ରୁଣହତ୍ୟା ଇତ୍ୟାଦି କାର୍ଯ୍ୟକୁ ଆପଣ ମୁକ୍ତକଣ୍ଠରେ ଘୋର ସମାଲୋଚନା କରି ଆସୁଛନ୍ତି। ଭୌତିକ ତଥା ସାଂସାରିକ ସୁଖ ବିନିମୟରେ ମାନବିକତାର ସୁରକ୍ଷାରେ ଆପଣଙ୍କର ସାମଗ୍ରିକ ଜୀବନକାଳ ଉତ୍ସର୍ଗୀକୃତ। ପବିତ୍ର ଭାରତବର୍ଷର ପ୍ରକୃତ ସାଧୁସନ୍ଥ, ମହାତ୍ମା ତଥା ଧର୍ମଗୁରୁମାନଙ୍କ ପ୍ରତି ଆଧୁନିକ ସମାଜରେ ଯେଉଁ ଅନୁଚିତ ଆଚରଣ କରାଯାଉଛି, ଆପଣ ମୁକ୍ତ କଣ୍ଠରେ ତାକୁ ବିରୋଧ କରୁଅଛନ୍ତି। କେତେକ ସଂକୀର୍ଣ୍ଣମନା, କ୍ଷମତାଲୋଲୁପୀ ତଥା ଅନଭିଜ୍ଞ ନେତୃବୃନ୍ଦଙ୍କର ବ୍ୟାସଗାଦି ପ୍ରତି ଅମାର୍ଜିତ ଅଙ୍ଗୁଳିନିର୍ଦ୍ଦେଶକୁ ଶାସ୍ତ୍ରୀୟ ପ୍ରମାଣ ବଳରେ ଆପଣ ଭ୍ରମାତ୍ମକ, ବିଭ୍ରାନ୍ତିକର, ତ୍ରୁଟିପୂର୍ଣ୍ଣ, ଅନୁଚିତ ତଥା ଅହିତକର କାର୍ଯ୍ୟ ବୋଲି ପ୍ରତିପାଦନ କରି ଏ ପ୍ରକାର ସମାଲୋଚନାରୁ ନିବୃତ୍ତ ରହିବାକୁ ସେମାନଙ୍କୁ ଆପଣ ବାଧ୍ୟ କରୁଅଛନ୍ତି। କ୍ଷତ୍ରିୟଶ୍ରେଷ୍ଠ ଶାନ୍ତିପ୍ରିୟ ଓଡିଶାର ଗଜପତି ମହାରାଜ ଶ୍ରୀଦିବ୍ୟସିଂହଦେବଙ୍କଠାରୁ ସର୍ବଦା ଶାନ୍ତି... ଶାନ୍ତି....ଶାନ୍ତି... ଶୁଣି ଶୁଣି ବର୍ତ୍ତମାନର ଧର୍ମସଂକଟ ସମୟରେ ଦେଶରେ ଆଧ୍ୟାତ୍ମିକତାର ସୁରକ୍ଷା ପାଇଁ ବ୍ରାହ୍ମଣ ହୋଇ ମଧ୍ୟ କ୍ରାନ୍ତି...କ୍ରାନ୍ତି..କ୍ରାନ୍ତି କହି, କ୍ରାନ୍ତି ହିଁ ଜୀବନର ସଂକଳ୍ପ ମନେ କରି ବର୍ଷକ ୩୬୫ ଦିନରୁ ପ୍ରାୟ ୨୫୦ ଦିନ ବହୁସ୍ଥାନ ବୁଲି ସନାତନ ହିନ୍ଦୁଧର୍ମର ପ୍ରଚାର ପ୍ରସାର ପାଇଁ କାର୍ଯ୍ୟ କରୁଅଛନ୍ତି। 'ଅଖଣ୍ଡ ଭାରତ'ର ସ୍ୱପ୍ନ ଦେଖୁଥିବା ଅଦ୍ୱିତୀୟ ବ୍ୟକ୍ତି ଭାବରେ ଆପଣ ହିଁ ସର୍ବମାନ୍ୟ ଅଟନ୍ତି। ସମ୍ପୃଗ୍ର ଦେଶରେ ସାଂସ୍କୃତିକ, ଧାର୍ମିକ, ଦାର୍ଶନିକ, ଆଧ୍ୟାତ୍ମିକ ତଥା ଭୌଗୋଳିକ - ସୂତ୍ରଧରଭାବରେ ଆପଣ ସମଗ୍ର ମାନବଜାତିକୁ ଏକତାସୂତ୍ରରେ ବାନ୍ଧି ରଖିବାକୁ ଅନବରତ ପ୍ରୟାସ ଜାରି ରଖିଛନ୍ତି। ଦୁର୍ଜନ ସଜ୍ଜନରେ ପରିଣତ ହେଉ, ସଜ୍ଜନ ଶାନ୍ତସ୍ୱଭାବସମ୍ପନ୍ନ ହେଉ, ଶାନ୍ତସ୍ୱଭାବ ବ୍ୟକ୍ତି ଜୀବନ୍ମୁକ୍ତ ଅବସ୍ଥାକୁ ପ୍ରାପ୍ତ ହେଉ ଏବଂ ଜୀବନ୍ମୁକ୍ତ ବ୍ୟକ୍ତି ଅନ୍ୟମାନଙ୍କୁ ମୋକ୍ଷମାର୍ଗର ପଥ ପ୍ରଦର୍ଶକ ହେଉ, ଏହାହିଁ ଆପଣଙ୍କର ଜୀବନାଦର୍ଶ। ଆପଣ ଭାରତୀୟ ଆଧ୍ୟାତ୍ମିକ ଚେତନାର ପୁରୋଧା, ଋଗ୍ ବେଦର ଅନୁପାଳନ, ଶ୍ରୀଜଗନ୍ନାଥସଂସ୍କୃତିର ଆଦର୍ଶସ୍ୱରୂପ ତଥା ଭାରତୀୟ ଯୁବ ସମାଜର ବିବେକ ନିର୍ମାତା ରୂପରେ ସୁପରିଚିତ ଅଟନ୍ତି।

ଗୌରବର ବିଷୟ ଏହିକି ଯେ ଆଧୁନିକ ଯୁଗର ସର୍ବୋଚ୍ଚ ବୈଧାନିକ ସଂଗଠନ " ସଂଯୁକ୍ତ ରାଷ୍ଟ୍ରସଂଘ' ଏବଂ " ବିଶ୍ୱ ବ୍ୟାଙ୍କ" ବିଭିନ୍ନ ଆନ୍ତର୍ଜାତୀୟ ସମସ୍ୟା ସଂକ୍ରାନ୍ତରେ ପୁରୀ ଗୋବର୍ଦ୍ଧନପୀଠାଧୀଶ୍ୱର ସ୍ୱାମୀ ନିଶ୍ଚଳାନନ୍ଦ ମହାରାଜଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତ ହୋଇଥାଆନ୍ତି। " ସଂଯୁକ୍ତ ରାଷ୍ଟ୍ରସଂଘ" ଦିନାଙ୍କ ୨୮ରୁ ଅଗଷ୍ଟ ୨୦୦୦ରେ ନିୟୁଅର୍କରେ ଆୟୋଜିତ " ବିଶ୍ୱଶାନ୍ତଶିଖର ସମ୍ମଳନ" ତଥା " ବିଶ୍ୱ ବ୍ୟାଙ୍କନ ୱାସିଙ୍ଗଟନଠାରେ ଆୟୋଜିତ 'ୱର୍ଲଡ ଫେଣ୍ଟସ୍ ଡେଭେଲପମେଣ୍ଟ ଡାଏଲଗ-୨୦୦୦ " ଅବସରରେ ଗୁରୁଜୀଙ୍କଠାରୁ ଲିଖିତ ମାର୍ଗଦର୍ଶନ ଗ୍ରହଣ କରିଥିଲେ ଓ ତାହାକୁ ସଫଳ କାର୍ଯ୍ୟକ୍ରମ ବୋଲି ମାନ୍ୟତା ଦେଇଥିଲେ। ଏହି ଲେଖା " ବିଶ୍ୱଶାନ୍ତିର ସନାତନ ସିଦ୍ଧାନ୍ତ" ଏବଂ " ସୁଖମୟ ଜୀବନର ସନାତନ ସିଦ୍ଧାନ୍ତ" ନାମକ ଦୁଇଟି ପୁସ୍ତକ ଆକାରରେ ଗୋବର୍ଦ୍ଧନ ପୀଠ ପକ୍ଷରୁ ପ୍ରକାଶିତ ହୋଇଅଛି। ଏତଦ୍ ବ୍ୟତୀତ ବିଶ୍ୱର ୨୦୦ ଦେଶର କମ୍ପ୍ୟୁଟର, ମୋବାଇଲ ଫୋନ୍ ଆଦି ଯାନ୍ତ୍ରିକ ଉପକରଣଠାରୁ ଆରମ୍ଭ କରି ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ନିଜସ୍ୱ ପରିଚୟ ସୃଷ୍ଟି କରିଥିବା ଆଧୁନିକ ଉଦ୍ଭାବକ ବୈଜ୍ଞାନିକମାନେ ଗୁରୁଜୀଙ୍କ ଦ୍ୱାରା ଅନୁଶୀଳିତ ଓ ରଚିତ 'ସ୍ୱସ୍ତିକ ଗଣିତ', 'ଅଙ୍କପଦୀୟମ୍' ଏବଂ 'ଗଣିତଦର୍ଶନମ୍' ଆଦିରେ ଦିଆଯାଇଥିବା ବୈଦିକ ଗାଣିତିକ ସିଦ୍ଧାନ୍ତର ପ୍ରୟୋଗପ୍ରଣାଳୀକୁ ଉପଯୋଗ କରି ଭାରତୀୟ ପ୍ରାଚୀନ ବିଜ୍ଞାନର କୌଶଳକୁ ଏବେ ବ୍ୟବହାର କରୁଛନ୍ତି।

### ସାମାଜିକ ଦୃଷ୍ଟିଭଙ୍ଗୀ

ଉଲ୍ଲେଖଯୋଗ୍ୟ ଯେ ଗୁରୁଜୀ ଦୃଢ଼ ମତ ଦେଇ କହନ୍ତି, ଭାରତର ଶିକ୍ଷା, ରକ୍ଷା, ଉତ୍ସବ, ବିବାହ, କୃଷି, ଜଳସଂସାଧନ, ଭୋଜନ, ବସ୍ତ୍ର, ଆବାସ, ନ୍ୟାୟସ ଯାତାୟାତ, ସେବା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟାବରଣ ଆଦି ଦାର୍ଶନିକ, ବୈଜ୍ଞାନିକ ଓ ବ୍ୟବହାରିକ ଦୃଷ୍ଟିରୁ ସମଗ୍ର ବିଶ୍ୱରେ ସମୁନ୍ନତ ଅଟେ। କେବଳ ଏଥିପାଇଁ ଭାରତ ସାରା ବିଶ୍ୱରେ ଗୁରୁ ତୁଲ୍ୟ ଏବଂ ବୈଦିକ ସିଦ୍ଧାନ୍ତ ଆଧାରିତ ଭାରତୀୟ ଜୀବନଧାରା ପୁନରାୟ ଭାରତକୁ ବିଶ୍ୱରେ ଗୁରୁ ପଦରେ ଅଭିଷିକ୍ତ କରିବାର ସମୟ ଆସୁଛି। ଗୁରୁଜୀ ମତ ଦିଅନ୍ତି ଯେ ଅତୀତରେ ଧର୍ମାଚାର୍ଯ୍ୟମାନେ ଶାସନତନ୍ତ୍ରକୁ ଶୋଧନ କରୁଥିଲେ। ଏହା ଭାରତର ଇତିହାସରୁ ପ୍ରମାଣ ମିଳେ। ତେଣୁ ସେହି ପରମ୍ପରାରେ ଆଜି ମଧ୍ୟ ଭାରତର ଶାସନତନ୍ତ୍ର ଧର୍ମ ନିୟନ୍ତ୍ରିତ ହେବା ଲୋଡ଼ା ଯାହା ଫଳରେ ଶୋଷଣ ବିନିର୍ମୁକ୍ତ, ପକ୍ଷପାତବିହୀନ ସର୍ବହିତପ୍ରଦ ଶାସନ ସମସ୍ତଙ୍କୁ ସୁଲଭ ହେବ ଓ ସୁସଂସ୍କୃତ, ସୁରକ୍ଷିତ, ସୁଶିକ୍ଷିତ, ସୁସ୍ଥ, ସେବାପରାୟଣ, ସମ୍ପନ୍ନ ପରିବାର ଓ ସମାଜରେ ମଣିଷ ଆନନ୍ଦରେ ଜୀବନ ଅତିବାହିତ କରିପାରିବା ଶାସନତନ୍ତ୍ର କ୍ଷମତାଲୋଲୁପତା ଓ ଅଦୂରଦର୍ଶିତା ଆଦିରୁ ମୁକ୍ତ ହେବା ପ୍ରଥମ ଆବଶ୍ୟକତା।

**ମହାସଚିବ, ପୀଠ ପରିଷଦ ଗୋବର୍ଦ୍ଧନ ମଠ, ପୁରୀ**
**ମୋ-୯୪୩୭୦୭୭୭୬୭**

## ପୁରସ୍ତମ ଯାତ୍ରା

ରକ୍ଷକ ନାୟକ

ଆଉ କେତେ ଦୂର ?
କ'ଣ ବାଟ ସରୁନାହିଁ!

ଏ ଦେହକୁ ବୋହି ବୋହି
ନୟାନ୍ତ ହେଲିଣି
ଅବଶ୍ୟ ଦେହ ଅଛି ବୋଲି
ପୁରସ୍ତମ ଯିବାକୁ ମନ କରିଥାଇ।

ଛୋଟାକୁ ବସାଇ କାନ୍ଧରେ
ଅନ୍ଧ ଚାଲଇ ଧୀରେ ଧୀରେ
କଥାଟି ମତେ
ପୂରାପୂରି ଘେନଇ।

ଘରୁ ଗୋଡ଼ କାଢ଼ିବା
ଏତେ ସୋଜା ନଥିଲା ;
ଦୁନିଆ ଲେଂଜେରା, ଖୁଂଟ
ବାଡ଼, ହିଡ଼, ଗଂଠି, ଦଉଡ଼ି
ସବୁକୁ କାଟି ଆସିବା
ଅବଶ୍ୟ ଟିକେ ଡେରି ହେଇଗଲା।

ପ୍ରଥମ ପାଦ ପକେଇଛି କି ନାହିଁ
ମତେ ଲାଗିଲା
ମୁଁ ପୁରସ୍ତମରେ ପହଞ୍ଚିଗଲି।
ଲୋକେ କହିଲେ, ଏ ମାୟାଦାଣ୍ଡ
ଥୋକେ କହିଲେ, ପଥ ପ୍ରପଂଚ
ଅଂଧ ହେଲେ ହିଁ
ପାଇବୁ ସଳଖି ବାଟ
ଆଖିର ଆଲୁଅକୁ
ଆକାଶକୁ ଦେଇଦେଲି।

ଚାଲିଛି ଯେ ଚାଲିଛି
ବାଟ ସରୁନି।
ଯାହାକୁ ପଚାରିଲେ
ସେ କହୁଛି, ହେଇ ଡାକେ ବାଟ
କେତେ କେତେ ଡା
ପବନରେ ମିଶିଗଲାଣି।

ଛୋଟା କ'ଣ କରୁଛି
କ'ଣ ଦେଖୁଛି କେଜାଣି
ପଥପାର୍ଶ୍ୱ ମାୟାରେ ପଡ଼ିଗଲାକି!
ସେ ତ ମାୟାରେ ପଡ଼ିବା ଜନ୍ତୁ ନୁହେଁ
ଖାଲି କହୁଛି, ଆଗେଇ ଚାଲ ଆଗେଇ ଚାଲ
ନୀଳଚକ୍ର ନେତ ଦିଶିଲାଣି।

ଆଉ ଯାଇ ହେବନି
ମାଟି ବି ପାଦକୁ ମନା କରିସାରିଲାଣି
କ୍ଷେତ୍ର ବୋଧେ ମୋ ଭାଗରେ ନାହିଁ
ଏଇ ଜନମରେ।

ରହିଲି।
ପୁରସ୍ତମ ଏଇଠିକୁ ଆସିପାରନ୍ତାନି।

ମୋ ୯୪୩୭୧୭୧୪୪୦









# 'ଜନହିତ ଅଥବା ରାଜନୈତିକ ହିତ ପାଇଁ ଭାରତୀୟ ଗଣମାଧ୍ୟମ ସ୍ୱାଧୀନତାର ପୁନଃ ବ୍ୟାଖ୍ୟା'

ସମ୍ପ୍ରତି ଭାରତୀୟ ଗଣମାଧ୍ୟମର ସ୍ୱରୂପ ଓ ଏହାର ସ୍ୱାଧୀନତାକୁ ନେଇ ଜାତୀୟ ସ୍ତରରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହି ପରିପ୍ରେକ୍ଷୀରେ 'ଜନହିତ ଅଥବା ରାଜନୈତିକ ହିତ ପାଇଁ ଭାରତୀୟ ଗଣମାଧ୍ୟମ ସ୍ୱାଧୀନତା ର ପୁନଃ ବ୍ୟାଖ୍ୟା' ବିଷୟବସ୍ତୁ ଅତ୍ୟନ୍ତ ପ୍ରାସଙ୍ଗିକ ।

ଭାରତୀୟ ଗଣମାଧ୍ୟମ: ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ:-

ଗଣତନ୍ତ୍ରର ସୁରକ୍ଷା ପାଇଁ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ ବୋଲି କୁହାଯାଏ । ଏହାର ମୂଳ ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସ୍ୱରକୁ ସରକାରଙ୍କ ପାଖରେ ପହଞ୍ଚାଇବା ଏବଂ ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ବଜାୟ ରଖିବା । କିନ୍ତୁ ବର୍ତ୍ତମାନର ସମୟରେ ଗଣମାଧ୍ୟମ ନିଜର ସ୍ୱାଧୀନତାକୁ କେଉଁ ଦିଗରେ ବ୍ୟବହାର କରୁଛି, ତାହା ବିଚାର୍ଯ୍ୟ।

ଜନ ହିତ ବନାମ ରାଜନୈତିକ ହିତ:-

୧. ଜନ ହିତ: ଗଣମାଧ୍ୟମର ପ୍ରକୃତ ସ୍ୱାଧୀନତା ହେଉଛି ନିରପେକ୍ଷ ଭାବେ ସତ୍ୟକୁ ଉପସ୍ଥାପନ କରିବା । ଶିକ୍ଷା, ସ୍ୱାସ୍ଥ୍ୟ, ବେକାରୀ ଏବଂ ସାମାଜିକ ନ୍ୟାୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବା ଏବଂ ସାଧାରଣ ଜନତାଙ୍କ ସ୍ୱାର୍ଥ ରକ୍ଷା କରିବା ହେଉଛି ଜନ ହିତ ।

୨. ରାଜନୈତିକ ହିତ: ଅନେକ ସମୟରେ ଦେଖାଯାଏ ଯେ, ଗଣମାଧ୍ୟମ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ବା ଗୋଷ୍ଠୀର ମୁଖପାତ୍ର ସାଜିଥାଏ । "ପେଡ୍ ନ୍ୟୁଜ୍" ଏବଂ "ପ୍ରୋପାଗାଣ୍ଡା" ମାଧ୍ୟମରେ ରାଜନୈତିକ ଫାଇଦା ପାଇଁ ଜନମତକୁ ପ୍ରଭାବିତ କରିବା ଗଣମାଧ୍ୟମର ସ୍ୱାଧୀନତା ଉପରେ ଏକ ବଡ଼ ଆଞ୍ଚ ।

ସ୍ୱାଧୀନତାର ପୁନଃ ବ୍ୟାଖ୍ୟା:-

ଆଜିର ଡିଜିଟାଲ୍ ଯୁଗରେ ଗଣମାଧ୍ୟମର ସ୍ୱାଧୀନତାକୁ ପୁନଃ ବ୍ୟାଖ୍ୟା କରିବାର ସମୟ ଆସିଛି ।

ନିରପେକ୍ଷତା: ଗଣମାଧ୍ୟମ କେବଳ ସରକାରଙ୍କ ପ୍ରଶଂସା ବା ସମାଲୋଚନା ନୁହେଁ, ବରଂ ତଥ୍ୟ ଆଧାରିତ ଖବର ପରିବେଷଣ କରିବା ଉଚିତ ।

ଉତ୍ତରଦାୟିତ୍ୱ: ସ୍ୱାଧୀନତାର ଅର୍ଥ ସ୍ୱେଚ୍ଛାଚାରିତା ନୁହେଁ । ଗଣମାଧ୍ୟମ ନିଜର ପ୍ରତ୍ୟେକ ଖବର ପାଇଁ ସମାଜ ନିକଟରେ ଉତ୍ତରଦାୟୀ ରହିବା ଆବଶ୍ୟକ।



ନୈତିକତା: ବାଣିଜ୍ୟିକ ସ୍ୱାର୍ଥ ଏବଂ ଟିଆରପି ଦୌଡ଼ରେ ନୈତିକତାକୁ ବଳି ନଦେଇ ସାମାଜିକ ମଙ୍ଗଳକୁ ପ୍ରାଥମିକତା ଦେବା ଜରୁରୀ ।

ଜନହିତ ହିଁ ଗଣମାଧ୍ୟମର ପରମ ଧର୍ମ ହେବା ଉଚିତ । ଯଦି ଗଣମାଧ୍ୟମ ରାଜନୈତିକ ଶକ୍ତିର ବଶବର୍ତ୍ତୀ ହୁଏ, ତେବେ ଗଣତନ୍ତ୍ର ଦୁର୍ବଳ ହୋଇଯିବ । ତେଣୁ ଭାରତୀୟ ଗଣମାଧ୍ୟମ ନିଜର ସ୍ୱାଧୀନତାକୁ ଜନସେବା ଏବଂ ସତ୍ୟର ସୁରକ୍ଷା ପାଇଁ ପୁନଃ ନିୟୋଜିତ କରିବା ଆବଶ୍ୟକ .ଏହି କେସ୍ ଷ୍ଟଡି ଭାରତୀୟ ଗଣମାଧ୍ୟମର ସ୍ୱାଧୀନତା ଏବଂ ସାମ୍ବାଦିକଙ୍କ ପରିଚୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଥିଲା ।

କେସ୍ ଷ୍ଟଡି: ଦାରା ସିଂହ ଲାଇଭ୍ ଇଣ୍ଟରଭ୍ୟୁ ଏବଂ ମୁକ୍ତ ସାମ୍ବାଦିକଙ୍କ ସୁରକ୍ଷା

ପୃଷ୍ଠଭୂମି: ୧୯୯୯ ମସିହାରେ କେନ୍ଦୁଝର ଜିଲ୍ଲା ମନୋହରପୁରରେ ଅଷ୍ଟ୍ରେଲୀୟ ମିଶନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କର ଦୁଇ ନିଷ୍ପାପ ପୁଅଙ୍କୁ ଜୀବନ୍ତ ଦଗ୍ଧ ହୋଇଥିଲେ । ଏହି ଜଘନ୍ୟ କାଣ୍ଡର ମୁଖ୍ୟ ଅଭିଯୁକ୍ତ ଦାରା ସିଂହ ଦୀର୍ଘ ଦିନ ଧରି ଫେରାର ଥିଲେ ।ଯେତେବେଳେ ପୋଲିସ ଦ୍ୱାରା ସିଂଙ୍କୁ ଧରିପାରୁନଥିଲେ ନିଜ ଖବର ସୂଚନା ଉତ୍ସରୁ ସେହି ସମୟରେ ଇନାଡୁ ଟେଲିଭିଜନ ର ଜଣେ ସ୍ଥାନୀୟ ଷ୍ଟ୍ରିଙ୍ଗର ନିଜ ଜୀବନକୁ ବାଜି ଲଗାଇ ଦାରା ସିଂହର ଏକ ଏକ୍ସକ୍ଲୁସିଭ୍ ଲାଇଭ୍ ଇଣ୍ଟରଭ୍ୟୁ କରିବାରେ ସଫଳ ହୋଇଥିଲେ।

ଏହା ପରେ ଆରମ୍ଭ ହୋଇଥିଲା ଓଡିଶା ପୋଲିସର

**ଶ୍ୟାମା ପ୍ରସାଦ ମିଶ୍ର**

କାର୍ଯ୍ୟାନୁଷ୍ଠାନ ଏବଂ ବିବାଦ ଘନେଇବାକୁ ଲାଗିଲା :

ଇଣ୍ଟରଭ୍ୟୁ ପ୍ରସାରିତ ହେବା ପରେ ପୋଲିସ ପ୍ରଶାସନ ଉପରେ ଚାପ ପଡ଼ିଥିଲା । ଅଭିଯୁକ୍ତକୁ ଧରିବାରେ ବିଫଳ ହୋଇଥିବା ପୋଲିସ, ଓଲଟା ସମ୍ପୃକ୍ତ ମୁକ୍ତ ବୃତ୍ତି ସାମ୍ବାଦିକଙ୍କୁ ଗିରଫ କରିଥିଲା । ପୋଲିସର ଯୁକ୍ତି ଥିଲା ଯେ:-

ସାମ୍ବାଦିକ ଜଣକ ଅଭିଯୁକ୍ତଙ୍କ ସନ୍ଧାନ ପାଇ ମଧ୍ୟ ପୋଲିସକୁ ଜଣାଇ ନଥିଲେ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ପୋଲିସ ଦାବି କରିଥିଲା ଯେ ସେ ଜଣେ 'ପୂର୍ଣ୍ଣକାଳୀନ ସାମ୍ବାଦିକ' ନୁହଁନ୍ତି, ବରଂ ଜଣେ 'ଷ୍ଟ୍ରିଙ୍ଗର' ବା ମୁକ୍ତବୃତ୍ତି ପ୍ରତିନିଧି, ତେଣୁ ସେ ପ୍ରେସ୍‌ର ସୁବିଧା ସୁଯୋଗ ପାଇବାକୁ ଯୋଗ୍ୟ ନୁହଁନ୍ତି ।

ବରିଷ୍ଠ ସାମ୍ବାଦିକ ଏବଂ ତତ୍କାଳୀନ ଇନାଡୁ ଟିଭିର ଓଡିଶା ମୁଖ୍ୟ ପ୍ରଶାନ୍ତ ପଟ୍ଟନାୟକଙ୍କ ଭୂମିକା ଏବଂ ପ୍ରେସ କାଉନସିଲ ଅଫ ଇଣ୍ଡିଆଙ୍କ ନିଷ୍ପତ୍ତି:-

ଏହି ଘଟଣା କେବଳ ଓଡିଶା ନୁହେଁ ବରଂ ଭାରତର ସାମ୍ବାଦିକତା ଜଗତରେ ଏକ ଆନ୍ଦୋଳନ ସୃଷ୍ଟି କରିଥିଲା । ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ ଏବଂ ଭାରତୀୟ ପ୍ରେସ୍ କାଉନସିଲ୍‌ର ଦ୍ୱାରସ୍ଥ ହୋଇଥିଲେ ।

ଉଚ୍ଚସ୍ତରୀୟ ବୈଠକ: ପ୍ରଶାନ୍ତ ପଟ୍ଟନାୟକଙ୍କ ଅନୁରୋଧ କ୍ରମେ ପିସିଆଇର ତତ୍କାଳୀନ ଅଧ୍ୟକ୍ଷ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ ।

ଐତିହାସିକ ଘୋଷଣା: ଏହି ବୈଠକରେ ପିସିଆଇ ସ୍ପଷ୍ଟ କରିଥିଲା ଯେ, କେବଳ ସରକାରଙ୍କ ପରିଚୟ ପତ୍ରଧାରୀ ପୂର୍ଣ୍ଣକାଳୀନ ସାମ୍ବାଦିକ ନୁହଁନ୍ତି, ବରଂ ଗଣମାଧ୍ୟମ ପାଇଁ କାମ କରୁଥିବା ପ୍ରତ୍ୟେକ ଷ୍ଟ୍ରିଙ୍ଗର, ଫ୍ରିଲାନ୍ସର ଏବଂ ଫଟୋ ସାମ୍ବାଦିକ, ଏପରିକି ଖବର କାଗଜ ଘରେ ଘରେ ପହଞ୍ଚାଉଥିବା ଖବର ହକର ମଧ୍ୟ 'ପ୍ରେସ୍ ଫ୍ରାଟରନିଟି'ର ଅଂଶବିଶେଷ। ସେମାନଙ୍କୁ ସାମ୍ବାଦିକ ଭାବେ ସ୍ୱୀକୃତି ଦିଆଯିବା ସହ ସେମାନଙ୍କ ସ୍ୱାଧୀନତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ ପୋଲିସ ସେହି ସାମ୍ବାଦିକ ଙ୍କୁ ଅଭିଯୋଗରୁ ମୁକ୍ତ କରିଥିଲେ।

ଏହି କେସ୍ ଷ୍ଟଡିରୁ ଶିକ୍ଷା:-

ସାମ୍ବାଦିକତାର ପରିଭାଷା: ଏହି ଘଟଣା ପରେ ସାମ୍ବାଦିକତାର ପରିଭାଷା ବ୍ୟାପକ ହୋଇଥିଲା । ତୃଣମୂଳ ସ୍ତରରେ କାମ କରୁଥିବା ଷ୍ଟ୍ରିଙ୍ଗରମାନଙ୍କୁ ସାମ୍ବାଦିକର ମାନ୍ୟତା ମିଳିଥିଲା ।

ସୂତ୍ରର ଗୋପନୀୟତା:- ସାମ୍ବାଦିକ ନିଜର ସୂତ୍ର (Source) ପ୍ରକଟ କରିବାକୁ ବାଧ୍ୟ ନୁହଁନ୍ତି, ଯାହା ଗଣମାଧ୍ୟମର ସ୍ୱାଧୀନତା ପାଇଁ ଅତ୍ୟନ୍ତ ଜରୁରୀ ।

ରାଜନୈତିକ ଚାପ ବିରୁଦ୍ଧରେ ସ୍ୱର:- ଏହା ପ୍ରମାଣିତ କରିଥିଲା ଯେ ଯେତେବେଳେ ପ୍ରଶାସନ ନିଜର ବିଫଳତା ଲୁଚାଇବାକୁ ସାମ୍ବାଦିକଙ୍କୁ ବଳି ପକାଏ, ସେତେବେଳେ ସାମ୍ବାଦିକ ସଂଘ ଏବଂ ପିସିଆଇ ଭଳି ସଂସ୍ଥା ଏକଜୁଟ ହେବା ଆବଶ୍ୟକ .

ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କ ସାମ୍ପ୍ରତିକ ସ୍ଥିତି:-'ରିପୋର୍ଟର୍ସ ଉଦାଉଟ୍ ବର୍ଡର୍ସ'ର ୨୦୨୪ ରିପୋର୍ଟ ଅନୁଯାୟୀ, ବିଶ୍ୱର ୧୮୦ଟି ଦେଶ ମଧ୍ୟରୁ ଭାରତ ୧୫୯ତମ ସ୍ଥାନରେ ରହିଛି ।

ଅବନତି: ୨୦୨୨ରେ ଭାରତ ୧୫୦ତମ ଏବଂ ୨୦୨୩ରେ ୧୬୧ତମ ସ୍ଥାନରେ ଥିଲା । ଏହା ଦର୍ଶାଉଛି ଯେ ଭାରତୀୟ ଗଣମାଧ୍ୟମର ସ୍ୱାଧୀନତା ସଙ୍କଟାପନ୍ନ ସ୍ଥିତିରେ ଅଛି ।

ଗଣମାଧ୍ୟମର ମାଲିକାନା ଏବଂ ରାଜନୈତିକ ସଂଯୋଗ:-

କର୍ପୋରେଟ୍ ନିୟନ୍ତ୍ରଣ: ଭାରତର ପ୍ରମୁଖ ନ୍ୟୁଜ୍ ଚ୍ୟାନେଲ୍ ଏବଂ ଖବରକାଗଜ ଗୁଡ଼ିକ ମଧ୍ୟରୁ ପ୍ରାୟ ୭୫% ବଡ଼ ବଡ଼ କର୍ପୋରେଟ୍ ହାଉସ୍ ମାନଙ୍କ ଦ୍ୱାରା ଏବେ ନିୟନ୍ତ୍ରିତ ।

ରାଜନୈତିକ ସମ୍ପର୍କ: 'ମିଡିଆ ଓନରସିପ୍ ମନିଟର' ର ତଥ୍ୟ ଅନୁଯାୟୀ, ଅନେକ ଆଞ୍ଚଳିକ ଏବଂ ଜାତୀୟ ଚ୍ୟାନେଲର ମାଲିକମାନେ ସକ୍ରିୟ ରାଜନୀତି ସହ ଜଡ଼ିତ କିମ୍ବା ସେମାନେ ନିଜେ ସାଂସଦ/ବିଧାୟକ ଅଟନ୍ତି । ଏହା 'ଜନ ହିତ' ବଦଳରେ 'ରାଜନୈତିକ ହିତ' କୁ ପ୍ରାଧାନ୍ୟ ଦିଏ ।

ବିଜ୍ଞାପନ ଉପରେ ନିର୍ଭରଶୀଳତା:-

ସରକାରୀ ପାଣ୍ଠି: ଏକ ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ପ୍ରତିବର୍ଷ ବିଭିନ୍ନ ଗଣମାଧ୍ୟମକୁ ବିଜ୍ଞାପନ ବାବଦରେ କୋଟି କୋଟି ଟଙ୍କା ପ୍ରଦାନ କରନ୍ତି । ଯେତେବେଳେ ଏକ ମିଡିଆ ହାଉସ୍ ର ରାଜସ୍ୱର ଅଧିକାଂଶ ଭାଗ ସରକାରୀ ବିଜ୍ଞାପନରୁ ଆସେ, ସେତେବେଳେ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କଷ୍ଟକର ହୋଇପଡ଼େ ।

ସାମ୍ବାଦିକଙ୍କ ନିରାପତ୍ତା:-

ହିଂସା ଏବଂ ଆକ୍ରମଣ: 'କମିଟି ଟୁ ପ୍ରୋଟେକ୍ଟ ଜର୍ଣ୍ଣାଲିଷ୍ଟସ୍' (CPJ) ଅନୁଯାୟୀ, ଭାରତ ସାମ୍ବାଦିକମାନଙ୍କ ପାଇଁ ଏକ ବିପଜ୍ଜନକ ଦେଶ ଭାବେ ପରିଗଣିତ । ଗତ କିଛି ବର୍ଷ ମଧ୍ୟରେ ଅନେକ ସାମ୍ବାଦିକଙ୍କୁ ହତ୍ୟା କରାଯିବା ସହ ଶତାଧିକ ସାମ୍ବାଦିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି ।

ଗଣମାଧ୍ୟମର ପରିବ୍ୟାପ୍ତି (Media Reach in India):-

ଭାରତରେ ପ୍ରାୟ ୪୦୦ରୁ ଅଧିକ ନ୍ୟୁଜ୍ ଚ୍ୟାନେଲ୍ ଏବଂ ୧ ଲକ୍ଷରୁ ଅଧିକ ପଞ୍ଜିକୃତ ଖବରକାଗଜ ଅଛି ।

କିନ୍ତୁ ସ୍ୱୀକାର କରିବାକୁ ପଡିବ ଯେ ସମ୍ପ୍ରତି ଡିଜିଟାଲ ବିସ୍ଫୋରଣ ଘଟିଛି .

ଭାରତରେ ପ୍ରାୟ ୮୦ କୋଟିରୁ ଅଧିକ ଇଣ୍ଟରନେଟ୍ ବ୍ୟବହାରକାରୀ ଅଛନ୍ତି, ଯେଉଁଥିପାଇଁ "ସୋସିଆଲ୍ ମିଡିଆ" ସୂଚନାର ଏକ ପ୍ରମୁଖ ଉତ୍ସ ସାଜିଛି । କିନ୍ତୁ ଏଠାରେ 'ଫେକ୍ ନ୍ୟୁଜ୍' (Fake News) ର ପ୍ରାଦୁର୍ଭାବ ଅଧିକ ।

ଏଣୁ ଗଣମାଧ୍ୟମ ପ୍ରତିନିଧି ମାନେ ସତର୍କତା ଏବଂ ଦୃଢ଼ ମନୋବୃତ୍ତି ସହିତ କାର୍ଯ୍ୟକଲେ ସରକାର ରେ ଥିବା ରାଜନୈତିକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ସମନ୍ୱୟ ରହିବ .ଏବଂ ସାମ୍ବାଦିକ ଙ୍କ ଦୃଢ଼ ସ୍ୱର ଉତ୍ତୋଳନ ଫଳରେ ସେଥିରୁ ଜନସାଧାରଣ ଅଧିକ ଉପକୃତ ହୋଇପାରିବେ .


(ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିତ୍ୱ )
ମୋ -୯୭୭୭୫୮୮୮୮୧


# ଜନସ୍ୱାର୍ଥରେ କାର୍ଯ୍ୟ ନ କଲେ ଗଣମାଧ୍ୟମର ବିଶ୍ୱସନୀୟତା ରହିବ ନାହିଁ

ଗଣମାଧ୍ୟମର ବିଶ୍ୱସନୀୟତାକୁ ନେଇ ବର୍ତ୍ତମାନ ସମୟରେ ଅନେକ ପ୍ରଶ୍ନ ଉଠୁଛି। ଇଣ୍ଟରନେଟ ଓ ଡିଜିଟାଲ ମିଡିଆ,ସାମାଜିକ ଗଣମାଧ୍ୟମ (ସୋସିଆଲ ମିଡିଆ)ର ବ୍ୟାପକ ଅଭିବୃଦ୍ଧି ଗଣମାଧ୍ୟମ ପାଇଁ ଅନେକ ସୁବିଧା ଆଣିବା ସହିତ ବେଶ କିଛି ଆହ୍ୱାନ ସୃଷ୍ଟି କରିଛି। ବିଶେଷ କରି ଭ୍ରମାତ୍ମକ, ମିଛ, ଜାଲି ଖବର ପ୍ରସାରଣ କ୍ଷେତ୍ରରେ। ଏହା ଗଣମାଧ୍ୟମର ବିଶ୍ୱସନୀୟତାରେ ଏକ ସଙ୍କଟ ସୃଷ୍ଟି କରିଛି।

ମାଧ୍ୟମ ଓ ମଞ୍ଚ ବାଦ ଗଣମାଧ୍ୟମର ଉଦ୍ଦେଶ୍ୟକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଅନେକେ ପ୍ରଶ୍ନ କରୁଛନ୍ତି: ଗଣମାଧ୍ୟମ କାହା ସ୍ୱାର୍ଥରେ କାମ କରୁଛି ? ଜନ ସ୍ୱାର୍ଥରେ ନା ନିର୍ଦ୍ଦିଷ୍ଟ କୌଣସି ସମ୍ପ୍ରଦାୟ, ଦଳ, ରାଜନୈତିକ ଦଳ ବା ବ୍ୟକ୍ତିର ସ୍ୱାର୍ଥରେ ?

ପିଲାଦିନର ଅସୁରୁଣୀ ଗପରେ ଅସୁରର ଜୀବନ ରହୁଥିଲା ସାତ ତାଳ ପଙ୍କ ଭିତରେ ଫରୁଆ, ସେ ଫରୁଆ ଭିତରେ ଥିବା ଭଅଁର ଭିତରେ। ଭଅଁରଟି ଥିଲା ତା ଜୀବନ। ଭଅଁର ମଲେ ସେ ମଲା। ସମ୍ବାଦ-ବାହୀ ଗଣମାଧ୍ୟମର ପ୍ରାଣ-ଭ୍ରମର ହେଲା ବିଶ୍ୱସନୀୟତା। ବିଶ୍ୱସନୀୟତା ଚାଲିଗଲେ ସମ୍ବାଦ-ବାହୀ ଗଣମାଧ୍ୟମ ପୁରାପୁରି ମରିଯାଇ ନ ପାରେ, କିନ୍ତୁ ତାହା ଆଉ 'ସମ୍ବାଦ-ବାହୀ' ଗଣମାଧ୍ୟମ ହୋଇ ରହିବ ନାହିଁ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଚିତ 'ସମ୍ବାଦ-ବାହୀ' ଗଣମାଧ୍ୟମର ମାନ୍ୟତା, ମର୍ଯ୍ୟାଦା ଆଉ ସମ୍ମାନ ସେ ହରାଇବସିବ।



ଡିଜିଟାଲ୍ ଯୁଗରେ ସମ୍ବାଦବାହୀ ଗଣମାଧ୍ୟମ (ପ୍ରେସ) ଏବେ ଏକ ଜଟିଳ ସ୍ଥିତିରେ। ଅନଲାଇନ୍ ସଂଯୋଗ ଓ ସୂଚନା ବିନିମୟର ଗତି ଏବଂ ବ୍ୟାପକତା ଅଭୁତପୂର୍ବ ଅବସର ସୃଷ୍ଟି କରିଛି, କିନ୍ତୁ ତା ସହିତ ଏହା ଭୁଲ ତଥ୍ୟ, ଅର୍ଦ୍ଧସତ୍ୟ ଓ ଜାଣିଶୁଣି ଚାଲିଥିବା ମିଥ୍ୟା ସୂଚନା ପାଇଁ ଦ୍ୱାର ଖୋଲିଦେଇଛି। ସାରା ବିଶ୍ୱରେ ଗଣମାଧ୍ୟମର ବିଶ୍ୱସନୀୟତା ଏବେ ସଙ୍କଟରେ। ରୟଟର ଡିଜିଟାଲ ରିପୋର୍ଟ 2025 ଅନୁସାରେ ଡିଜିଟାଲ ମିଡିଆ ଅଧିକ ଜନପ୍ରିୟ ହେଉଛି ଆଉ ସମ୍ବାଦବାହୀ ଗଣମାଧ୍ୟମ ଉପରୁ ଲୋକଙ୍କ ବିଶ୍ୱାସ କମିଯାଉଛି। ଏପରି ପରିସ୍ଥିତିରେ ପ୍ରେସର ବିଶ୍ୱସନୀୟତାକୁ ସୁରକ୍ଷିତ ରଖିବା ଗଣମାଧ୍ୟମକର୍ମୀଙ୍କର ନୈତିକ ଦାୟିତ୍ୱ ମାତ୍ର ନୁହେଁ — ବରଂ ଅସ୍ତିତ୍ୱ ରକ୍ଷାର ପ୍ରଶ୍ନ ହୋଇଉଠିଛି।

ଇଣ୍ଟରନେଟ ମଞ୍ଚରେ ଡିଜିଟାଲ ଦୁନିଆରେ ହଟଚମଟକାରୀ (ସେନସେସନଲ) ଖବର ଖୁବ ଶୀଘ୍ର ଏବଂ ସାରା ପୃଥିବୀରେ ପ୍ରସାର କରିବା ପ୍ରଯୁକ୍ତିଗତ ଭାବେ ସହଜ। ଫଳରେ ଅନେକେ ଜାଣିଶୁଣି ହଟଚମଟକାରୀ (ସେନସେସନଲ) ଖବର ପରିବେଷଣ କରନ୍ତି। ଅନେକ ସମୟରେ ଏଥିରେ ଆର୍ଥିକ, ରାଜନୈତିକ ଏବଂ ଅନ୍ୟାନ୍ୟ ସ୍ୱାର୍ଥ ଓ ଉଦ୍ଦେଶ୍ୟ ବି କାମ କରିଥାଏ। ସାମାଜିକ ଗଣମାଧ୍ୟମ ଏପରି ଭାବେ ତିଆରି ହୋଇଛି (ଆଲଗୋରିଦିମ) ଯେ ସେଥିରେ ଗୋଟିଏ ଖବର ବା ଦୃଶ୍ୟ ଯଦି ଅଧିକ ଲୋକ ଦେଖନ୍ତି ବା ପଢ଼ନ୍ତି ବା ଶୁଣନ୍ତି - ତେବେ ତାହା ଆପେ ଆପେ ଆହୁରି ଅଧିକ ଲୋକଙ୍କ ପାଖରେ ପହଂଚିବ। ତେଣୁ ହଟଚମଟକାରୀ (ସେନସେସନଲ) ଖବର ଯାହାକୁ ଲୋକେ ଉତ୍ସୁକତା ପାଇଁ ହେଉ ବା ଅନ୍ୟାନ୍ୟ ଯେଉଁ କାରଣରୁ ହେଉ ତାହା ଆପେ ଆପେ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚି ଯାଏ।

ବିଡମ୍ବନା ହେଲା ମଣିଷର ପ୍ରକୃତି ହେଲା ସେ ହଟଚମଟକାରୀ, ଏବଂ ତାଙ୍କ ପ୍ରତି କ୍ଷତିର ଆଶଙ୍କା ଥିବା ଖବରକୁ ଆଗେ ଦେଖେ, ଏବଂ ଅଧିକ ବିଶ୍ୱାସ କରେ। ବିଭିନ୍ନ ଦେଶରେ ଏହାକୁ ନେଇ ବହୁ ପରୀକ୍ଷା ଓ ଅନୁସନ୍ଧାନ କରାଯାଇଛି ଏବଂ ଏହା ପ୍ରମାଣିତ ହୋଇଛି।

ଏବେ ଆମ ଦେଶ କଥା ଦେଖାଯାଉ। ଭାରତରେ 1995 ଅଗଷ୍ଟ 15 ତାରିଖରେ ମୋବାଇଲ୍ ଟେଲିଫୋନି ଓ ଇଣ୍ଟରନେଟ୍ ଆରମ୍ଭ ସହିତ ଡିଜିଟାଲ ଯୁଗର ପ୍ରାରମ୍ଭ ହେଲା। ଗତ 30

**।। ଡ଼ ମୃଣାଳ ଚାଟାର୍ଜୀ।।**

ବର୍ଷ ଭିତରେ ଅନଲାଇନ୍ ସଂଯୋଗର ଗତି ଓ ବ୍ୟାପକତା ସୂଚନା ବିନିମୟ ପାଇଁ ଅଭୁତପୂର୍ବ ସୁଯୋଗ ସୃଷ୍ଟି କରିଛି। ଏହି ତଥ୍ୟକୁ ଭାବନ୍ତୁ: 2025 ଶେଷ ସୁଦ୍ଧା ଭାରତରେ ଇଣ୍ଟରନେଟ୍ ପେନିଟ୍ରେସନ ବେଶ ସାନ୍ଦ୍ର। ସରକାରୀ ତଥ୍ୟ ଅନୁସାରେ 2025 ଏପ୍ରିଲ୍- ଜୁନ୍ ବେଳକୁ ଆମ ଦେଶରେ ଶହେ କୋଟିରୁ ଅଧିକ ଲୋକ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ଏହା ଦେଶର ମୋଟ ଜନସଂଖ୍ୟାର ପ୍ରାୟ 55%। ଗ୍ରାମୀଣ ଅଞ୍ଚଳ ଏହି ବୃଦ୍ଧିକୁ ଚାଳନା କରୁଛି— ମୋଟ ଇଣ୍ଟରନେଟ୍ ଜନସଂଖ୍ୟାର 55% ଗ୍ରାମୀଣ ଅଞ୍ଚଳରେ। ଭାରତରେ ସ୍ମାର୍ଟଫୋନ୍ ବ୍ୟବହାର ବହୁତ ଅଧିକ। 2025 ଆରମ୍ଭରେ 15- 29 ବର୍ଷ ବୟସ୍ ବର୍ଗରେ, ଗ୍ରାମୀଣ ଅଞ୍ଚଳରେ ସ୍ମାର୍ଟଫୋନ୍ ମାଲିକାନା 95.5% ପହଞ୍ଚିଛି, ସହରାଞ୍ଚଳରେ ଏହା 97.6%।

ଏହି ଡିଜିଟାଲ୍ ବିସ୍ତାର ଯେପରି ସମାଜକୁ ଯୋଡ଼ିଦେଇଛି, ସେପରି ପ୍ରେସ ପାଇଁ ନୂତନ ଚାଲେଞ୍ଜ ଓ ଜଟିଳତା ମଧ୍ୟ ସୃଷ୍ଟି କରିଛି, କାରଣ ଭୁଲ ଓ ମିଛ ଖବର ଶୀଘ୍ର ପ୍ରସାରିତ ହୋଇଯାଉଛି। ଏବଂ ଲୋକେ ତାକୁ ଅଧିକ ବିଶ୍ୱାସ କରୁଛନ୍ତି। ଭାରତରେ ଆଧୁନିକ ଗଣମାଧ୍ୟମର ଆରମ୍ଭ 1780ରେ ହିକିଜ ବେଙ୍ଗଲ ଗେଜେଟରୁ। ଓଡ଼ିଶାରେ 1866ରେ ଉତ୍କଳ ଦୀପିକା ହେଲା ପ୍ରଥମ ଖବରକାଗଜ। ଭାରତରେ ପ୍ରଥମ ଚଳଚ୍ଚିତ୍ର ରାଜା ହରିଶଚନ୍ଦ୍ର 1913ରେ। ରେଡିଓ ଆସିଲା 1920 ଦଶକରେ, ଟେଲିଭିଜନ ଆରମ୍ଭ ହେଲା 1959ରେ। ଇଣ୍ଟରନେଟ ଏବଂ ମୋବାଇଲ ଟେଲିଫୋନ 1995ରେ। ବହୁ ବର୍ଷ ଧରି ଭାରତୀୟ ସମ୍ବାଦବାହୀ ଗଣମାଧ୍ୟମ ତାର ତଥ୍ୟ-ନିଷ୍ଠତା, ସମତୁଲତା (ବାଲାନ୍ସ) ଏବଂ ସାଧାରଣ ଜନସ୍ୱାର୍ଥ ପ୍ରତି ପ୍ରତିବଦ୍ଧତା ପାଇଁ ଲୋକଙ୍କ ବିଶ୍ୱାସଭଜନ ହୋଇ ଆସିଛି। କିନ୍ତୁ ଏବେ ଆଜି ସେହି ବିଶ୍ୱସନୀୟତା ଲମିବାରେ ଲାଗିଛି। 24 ଘଣ୍ଟିଆ ଖବର ଚକ୍ରର ଚାପ, ଅଧିକ ପାଠକ/ଦର୍ଶକ ସଂଗ୍ରହର ଲୋଭ ଏବଂ ଅନ୍ୟାନ୍ୟ ବହୁ କାରଣରୁ ବହୁ ଗଣମାଧ୍ୟମ ସଂସ୍ଥା ଏବଂ ସମ୍ବାଦଦାତା ଯାଞ୍ଚ ନ କରି ଖବର ଦେଉଛନ୍ତି, ଜାଣିଶୁଣି ହଟଚମଟକାରୀ ଖବର ଓ ଦୃଶ୍ୟ ଦେଖାଉଛନ୍ତି। ପାଠକ/ଦର୍ଶକ ସଂଖ୍ୟା ହୁଏତ ସେଇ ସମୟରେ ବଢୁଛି, ହେଲେ କ୍ରମଶଃ ରୁଗ୍ଣ ହୋଇ ଯାଉଛି ବିଶ୍ୱସନୀୟତା।

ନୀତିନିଷ୍ଠ ସାମ୍ବାଦିକତା: ଗଣମାଧ୍ୟମର ବିଶ୍ୱସନୀୟତାକୁ ସୁରକ୍ଷିତ କରିବା ପାଇଁ ସାମ୍ବାଦିକମାନେ ଓ ଗଣମାଧ୍ୟମ ସଂସ୍ଥାମାନେ ପୁନର୍ବାର ନୀତିନିଷ୍ଠ ସାମ୍ବାଦିକତା ପ୍ରତି ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ। ଉପଲବ୍ଧ ତଥ୍ୟକୁ ଭଲ ଏବଂ ବିଭିନ୍ନ ବାଟରେ ଯାଞ୍ଚ କରନ୍ତୁ। ଫ୍ୟାକ୍ଟ-ଚେକିଂ (Fact-checking) ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଉଠିଲାଣି। ଏଥିପାଇଁ ସ୍ୱାଧୀନ ତଥ୍ୟ ଯାଞ୍ଚ ସଂଗଠନ, ତଥ୍ୟର ସତ୍ୟାସତ୍ୟ ଯାଞ୍ଚ କରିବାର ଉପକରଣ ବ୍ୟବହାର କରାଯାଇପାରେ। ସୂଚନା ଉତ୍ସ ଓ ତଥ୍ୟ ଯାଞ୍ଚ ପ୍ରକ୍ରିୟାର ପାରଦର୍ଶିତା ଗଣମାଧ୍ୟମ ଉପରେ ଆସ୍ଥା ପୁନର୍ନିର୍ମାଣର ଚାବିକାଠି।

**ମାଧ୍ୟମ ସାକ୍ଷରତା:** ଜାଲି ଖବର ପ୍ରସାରଣ କାମ କରିବା ପାଇଁ ମାଧ୍ୟମ ସାକ୍ଷରତା (media literacy) ର ପ୍ରସାର ମଧ୍ୟ ଆବଶ୍ୟକ। ଗଣମାଧ୍ୟମ ସଙ୍ଗଠନ ଏବଂ ସଂଘମାନେ ସାଧାରଣ ଲୋକେ କେମିତି ସୂଚନାକୁ ଯାଞ୍ଚ କରିବେ ତାହା ଶିଖେଇବା ଦରକାର। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ସରକାରୀ ଅନୁଷ୍ଠାନରେ ଏହା ପାଇଁ ଶିକ୍ଷା ଦେବା ଆବଶ୍ୟକ।

ସମ୍ବାଦ ପ୍ରସାରଣ ମଞ୍ଚ ଗୁଡ଼ିକର ଉତ୍ତରଦାୟିତ୍ୱ (ଆକାଉଣ୍ଟିବିଲିଟି) ବୃଦ୍ଧି ଫେସବୁକ୍, X (ପୂର୍ବତନ Twitter), ଓ YouTube ଭଳି ଡିଜିଟାଲ ଖବର ପ୍ରସାରଣ ମଞ୍ଚଗୁଡିକୁ ଜାଲି ଓ ମିଛ ଖବର ପ୍ରସାରଣ କ୍ଷେତ୍ରରେ ଅଧିକ ଉତ୍ତରଦାୟୀ କରାଯିବାର ଆବଶ୍ୟକତା ରହିଛି। ଏ ଦିଗରେ ସରକାର ଏବଂ ନିୟନ୍ତ୍ରକ ସଂସ୍ଥାମାନେ ଦୃଷ୍ଟି ଦେବା ଦରକାର।

ପ୍ରେସର ବିଶ୍ୱସନୀୟତା ସୁରକ୍ଷା କେବଳ ଏକ ବୃତ୍ତି ରକ୍ଷା ନୁହେଁ — ଏହା ଗଣତନ୍ତ୍ରର ଆତ୍ମାକୁ ସୁରକ୍ଷିତ କରିବା। ସ୍ୱାଧୀନ ପ୍ରେସ ସେତେବେଳେ ଅର୍ଥପୂର୍ଣ୍ଣ ଯେତେବେଳେ ଲୋକମାନେ ତା'ପରେ ଆସ୍ଥା ରଖନ୍ତି। ମିଥ୍ୟା ଯେତେବେଳେ ସତ୍ୟକୁ ଘୋଡ଼େଇ ପକାଏ, ସେତେବେଳେ ସାମ୍ବାଦିକଙ୍କ ଦାୟିତ୍ୱ କେବଳ ଖବର ଦେବାରେ ସୀମିତ ନୁହେଁ; ସାମ୍ବାଦିକମାନେ ଏହା ବି ଦେଖାନ୍ତୁ ସତ୍ୟ କାହିଁକି ଗୁରୁତ୍ୱପୂର୍ଣ୍ଣ। ଏକ ସୁସ୍ଥ ସମାଜ ଏବଂ କାର୍ଯ୍ୟକାରୀ ଗଣତନ୍ତ୍ର ପାଇଁ ଏହା ଜରୁରୀ।

# ଗଣମାଧ୍ୟମ ବାଟ ଭୁଲୁଛି !!

**ଡକ୍ଟର ବଦ୍ରି ମିଶ୍ର**

ଗଣମାଧ୍ୟମ ର ଇତିହାସ ଅନୁଯାୟୀ ସାଧାରଣ ମଣିଷ ର କଥା ପ୍ରଶାସନ ତଥା ସରକାରଙ୍କ ଠାରେ ପହଞ୍ଚାଇବା ଓ ସରକାରଙ୍କ କଲ୍ୟାଣକାରୀ ଯୋଜନା ଜନଗଣଙ୍କ ପାଖରେ ପହଞ୍ଚାଇବା ଜନ୍ମ ନେଇଥିଲା ଗଣମାଧ୍ୟମ। ସ୍ୱାଧୀନତା ପୂର୍ବରୁ ଏହା ବିଟ୍ରିଶ ସରକାର ଏକ ଜନଜାଗରଣ ସୃଷ୍ଟି କରିଥିଲା। ସେତେବେଳେ ଶହଶହ ଅପାଠୁଆ ମଣିଷ, ଦେଶାତ୍ମବୋଧ ରେ ଭାବବିହ୍ୱଳ ହୋଇ ସ୍ୱାଧିନ ଭାରତ ପାଇଁ ପାଲଟିଥିଲେ ସାମ୍ବାଦିକ।

ଦେଶ ସ୍ୱାଧୀନ ହେବା ପରେ ଯେଉଁ ସମ୍ବାଦପତ୍ର ଆରମ୍ଭ ହେଲା,ତା'ର ପୃଷ୍ଠପୋଷକ ହେଲେ ପ୍ରାୟତଃ ଜଣେ ଜଣେ ଶିଳ୍ପପତି। ପରେ ପରେ ଏହାକୁ ଦଖଲ କଲେ ଅନେକ ରାଜନେତା।ପାଲା, ଦାଶକାଠିଆ ଠାରୁ ଆରମ୍ଭ ହୋଇଥିବା ଗଣମାଧ୍ୟମ ଆସ୍ତେ ଆସ୍ତେ ଦିଗହରା ହେଲା। ବିଭିନ୍ନ ରାଜନୈତିକ ଦଳ ର ରାଜନେତାମାନେ,ନିଜ ଦଳ ର ଆଭିମୁଖ୍ୟ ଜନଗଣଙ୍କ ଉପରେ ଲଦିଦେଲେ।ଏବେ ଜନହିତ ପାଇଁ ସୃଷ୍ଟି ହୋଇଥିବା ଗଣମାଧ୍ୟମ, ରାଜନୈତିକ ହିତ ପାଇଁ ଏକପ୍ରକାର ଉଦ୍ଦିଷ୍ଟ ହୋଇଗଲା। ବିଜ୍ଞାପନରେ ବଞ୍ଚୁଥିବା ଅନେକ ସମ୍ବାଦପତ୍ର ସରକାରଙ୍କ ଗୁଣଗାନ କରୁକରୁ,ଏହା ପାଲଟିଗଲା,ଏକ ଏକ ରାଜନୈତିକ ଦଳ ର ମୁଖପତ୍ର। ବିରୋଧୀ ଦଳ ର ଅର୍ଥନୈତିକ ପୃଷ୍ଠପୋଷକତା ରେ ସୃଷ୍ଟ ସମ୍ବାଦପତ୍ର, ବିଜ୍ଞାପନ ପ୍ରାପ୍ତି ଜନିତ କ୍ଷୁବ୍ଧତା କୁ ସାଥିରେ ଧରି, ସରକାରଙ୍କ ଚରିତ୍ର ସ୍ଖଳନ କରିବା ଉଚିତ ମଣିଲେ। ଏବେ ତ' ଅଭିଯୋଗ ହେଉଛି ସରକାରଙ୍କୁ ଟାର୍ଗେଟ କରି,ଅନେକ ଘଟଣା ଗଣମାଧ୍ୟମ ଦ୍ୱାରା ପ୍ରସ୍ତୁତ ହେଉଛି,ଯାହା ଜନହିତ କୁ ବିଭ୍ରାନ୍ତ କରୁଛି।



ଏବେ ଆସିଯାଇଛି ସାମାଜିକ ଗଣମାଧ୍ୟମ। ଅନେକ ଭାବୁଥିଲେ ତୁରନ୍ତ ଖବର ଓ ଜନହିତ ପାଇଁ ଜନଗଣଙ୍କ ସମସ୍ୟା କୁ ଏହା ଆଗକୁ ନେବ। ହେଲେ ଏହି ଗଣମାଧ୍ୟମ, ପ୍ରତିଦିନ ବିଭ୍ରାନ୍ତିକର ଖବର ଓ ଅରୁଚିକର ମନ୍ତବ୍ୟ ର ଗନ୍ତାଘର ପାଲଟିଛି। ଆଧୁନିକତାର ସ୍ପର୍ଶରେ ଆଗକୁ ଏହି ଗଣମାଧ୍ୟମ ର ରୂପରେଖ କଣ ହେବ ଏଥିପାଇଁ ସମସ୍ତେ ଚିନ୍ତିତ।

ଯଦି ସ୍ପଷ୍ଟ କୁହାଯାଏ ଆଜି ଗଣମାଧ୍ୟମ ନେତା ଓ ଶିଳ୍ପପତିଙ୍କ ନିୟନ୍ତ୍ରଣ ଭିତରେ ନିଜର ସ୍ୱାଧୀନତା ହରାଇ ବସିଛି।ଜନହିତ କରୁକରୁ ଗଣମାଧ୍ୟମ, ପ୍ରତିଦିନ ପାଠକ ଓ ଦର୍ଶକମାନଙ୍କୁ ଅପରାଧ କାହାଣୀ ଦେଖାଇ, ଅପରାଧୀ ସୃଷ୍ଟି ର ଅନ୍ୟତମ କାରଣ ହେବା ବେଳେ, ଅରୁଚିକର ଦୃଶ୍ୟ,ନଷ୍ଟ ବିଜ୍ଞାପନ ବିଶେଷ କରି ଅଶ୍ଳୀଳ ତଥ୍ୟ ଦେଖାଇ ସମାଜ ତଥା ଦେଶକୁ ବିପଥଗାମୀ କରୁଛି। ବିଭିନ୍ନ ସମୟରେ ସରକାର ନେଉଥିବା ନିଷ୍ପତ୍ତି ଓ ନିର୍ଦ୍ଦେଶ ର ଅନ୍ଧକାର ଭାଗ ଉପରେ ସରକାର ଙ୍କୁ ଅବଗତ କରାଇବା ରେ ଗଣମାଧ୍ୟମ ଯେତିକି ବିଫଳ ହୋଇଛି, ନ୍ୟାୟାଳୟର ଉଦ୍ଭଟ ଆଦେଶ "ଲିଭ୍ ଇନ୍ ଟୁଗେଦର" ର ଅପକାରିତା ଉପରେ ନିରବ୍ଧ ରହି, ସମାଜ ଓ ଦେଶକୁ ବିପଥଗାମୀ କରିଛି କହିଲେ ବୋଧହୁଏ ଭୁଲ ହେବନାହିଁ।

ଗଣମାଧ୍ୟମ କୁ ରାଜନୈତିକ ହିତ ରେ ଉପଯୋଗ ନକରିବା ପାଇଁ ଜାତୀୟ ମିଡ଼ିଆ ଫାଉଣ୍ଡେସନ ର ରାଜସ୍ଥାନ ସମାବେଶ ରେ ସେଠାକାର ବାଚସ୍ପତି ବାସୁଦେବ ଦେବନାନୀଙ୍କ ମନ୍ତବ୍ୟ ନିଶ୍ଚୟ ଆଲୋଚ୍ୟ ବିଷୟ।ସେ ସେଦିନ ଉଦବୋଧନ ଦେଇଥିଲେ -" ଗଣମାଧ୍ୟମ ନେତାଙ୍କ ଭାଷଣ ରେ ପୃଷ୍ଠା ମଣ୍ଡନ ନକରି,ସେ ସ୍ଥାନ ରେ ସମାଜର ଅସହାୟ ଓ ଅବହେଳିତ ମଣିଷମାନଙ୍କ କଥା କହୁ। ମାଆ ମାଟି ର ସମସ୍ୟା ଉତଥାପନ କରୁ ଓ ବିଭିନ୍ନ କ୍ଷେତ୍ରରେ ରହିଥିବା ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣୁ"।

ହେଲେ ଦେଶ ର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ କୁ ରାଜନୈତିକ ହିତ ଠାରୁ ଦୂରେଇ ନେଇ ଜନହିତ ପଟକୁ ଆଣିବ କିଏ ? ?ଆମ ଗଣତନ୍ତ୍ର ରେ ପାର୍ଲିଆମେଣ୍ଟ ଶ୍ରେଷ୍ଠ। କିନ୍ତୁ ଆମ ସମ୍ବିଧାନ ଅନୁଯାୟୀ ଯଦି ଭଲ କଥା ପାଇଁ ସଂଖ୍ୟା ଏକ ଆବଶ୍ୟକତା, ତେବେ ଭଲ ହେବ କିପରି ? ଦେଶ ସ୍ୱାଧୀନତାକୁ ରାତି ପାହିଲେ ୮୦ ଧରିବ। ଅଥଚ ଏଯାଏଁ ଅନେକ ଅପରାଧୀ ଓ ଅପାଠୁଆ ଆମ ସମ୍ବିଧାନ ଦାୟିତ୍ୱ ରେ।ଜନହିତ ପାଇଁ ଅର୍ଥାତ୍ ଏକ ବିଲ୍ କୁ ଆଇନ୍ ରେ ପରିଣତ କରିବା ପାଇଁ ଜଣେ ସାଂସଦ କଣ ସର୍ବନିମ୍ନ ଗ୍ରାଜୁଏଟ୍ ହେବା ଆବଶ୍ୟକ ନୁହେଁ ? ଅପରାଧିକ ମାମଲା ନଥିବା ବ୍ୟକ୍ତିଟିଏ କଣ ଆମର ମାନ୍ୟବର ସାଂସଦ ହେବା ଆବଶ୍ୟକ ନୁହେଁ। ଜଣେ ସାଂସଦ ହେବାର ବୟସ ଯଦି ୨୫/୩୫ ରହିଛି, ସମ୍ବିଧାନ କଣ ସେମାନଙ୍କ ପାଇଁ ଅବସର ବୟସ ଧାର୍ଯ୍ୟ କରିବା ଆବଶ୍ୟକ ନୁହେଁ ? ଏକ ସମୃଦ୍ଧ ଭାରତ ପାଇଁ ଆଜି ସଂରକ୍ଷଣ ବିହୀନ ମେଧା ସୃଷ୍ଟି କଣ ଆବଶ୍ୟକ ନୁହେଁ ?

ତେବେ ଏହା ଅସମ୍ଭବ,କାରଣ କ୍ଷମତା ପାଇଁ ଭୋଟ୍ ଓ ଭୋଟ୍ ପାଇଁ ଭଲକୁ ସଂଖ୍ୟା ମାଧ୍ୟମରେ ଭୁଲ କରିବା ଏବେ ନେତାଙ୍କ ଆଦର୍ଶ ହୋଇଯାଇଛି। ସଂରକ୍ଷଣ ରେ ନିର୍ବାଚିତ ପ୍ରତିନିଧି କଣ ନିଜ ବିରୁଦ୍ଧରେ ଭୋଟ୍ ଦେଇ ସଂରକ୍ଷଣ ହଟାଇପାରେ ? ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା,ଅବସର ସମୟ ଓ ଅପରାଧମାମଲା ବିହୀନ ନେତୃତ୍ୱ ପାଇଁ ଅପାଠୁଆ, ଅପରାଧଯୁକ୍ତ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କଣ ଏ ସଂପର୍କରେ ସଂଶୋଧନ ଭୋଟ୍ ଦେବେ ? ଯଦି ଏହା ସମ୍ଭବ ନୁହେଁ,ତେବେ କିପରି ହେବ ରାଜନୀତିମୁକ୍ତ ଓ ଜନହିତଯୁକ୍ତ ଗଣମାଧ୍ୟମ!!!

ମୁଁ ଭାବେ ଶିକ୍ଷା ହିଁ ମଣିଷକୁ ସମୃଦ୍ଧ କରେ। ଜଣେ ସମୃଦ୍ଧ ହେଲେ ଜନହିତ କଥା ଚିନ୍ତା କରିପାରେ। ହେଲେ ଆଜି ଅନେକ ଅପାଠୁଆ ବ୍ୟକ୍ତି, ଗଣମାଧ୍ୟମ ର ପ୍ରତିନିଧି ଭାବରେ କାର୍ଯ୍ୟରତ। ସ୍ୱାଧୀନତା ପୂର୍ବରୁ ଗାନ୍ଧୀ , ନେତାଜୀ ଓ ଭାରତବାସୀଙ୍କ ପାଖକୁ ଦେଶାତ୍ମବୋଧ ର ଖବର ଦେଉଥିବା ବ୍ୟକ୍ତିମାନଙ୍କୁ ପରବର୍ତ୍ତୀ ସମୟରେ ସାମ୍ବାଦିକ କୁହାଗଲା। ତେବେ ୮୦ ବର୍ଷର ସ୍ୱାଧୀନତା ପରେ ଓ ଆଜି ର ସମୟରେ କଣ ଗଣମାଧ୍ୟମ ପାଇଁ ଗଣମାଧ୍ୟମ ଓ ଗଣଯୋଗାଯୋଗ ଶିକ୍ଷା ଏକ ସାମ୍ବାଦିକ ପାଇଁ ଆବଶ୍ୟକ ନୁହେଁ ? ଯଦି ନୁହେଁ, ତେବେ "ଜନହିତ" ଶବ୍ଦକୁ ସେମାନେ ଜାଣିବେ କିପରି ? ?

କହିବାକୁ ଗଲେ ଶିକ୍ଷା ଓ ଚେତନା ଆମର ଜନପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏବେ ପ୍ରଥମ ଆବଶ୍ୟକତା। ଯଦି ଏହା ହୋଇପାରେ ତେବେ ଏକ ସମୃଦ୍ଧ ଓ ବିକଶିତ ଭାରତ ହୁଏତ ସମ୍ଭବ ହୋଇପାରିବ।


ରାଜ୍ୟ ଉପ-ସଭାପତି ତଥା ମୁଖପାତ୍ର
ଜାତୀୟ ମିଡ଼ିଆ ଫାଉଣ୍ଡେସନ, ନୁଆଦିଲ୍ଲୀ


# ଗଣମାଧ୍ୟମ: ସୁଦୃଢ଼ ଗଣତନ୍ତ୍ରର ସେତୁ

ଗଣମାଧ୍ୟମର ଭୂମିକା କେବଳ ସୂଚନା ପହଞ୍ଚାଇବା ଓ ସମସ୍ୟ ଉଦ୍‌ଭାବନ କରିବାରେ ନାହିଁ। ଶାସନ, ପ୍ରଶାସନ, ସାମାଜିକ ପରିବର୍ତ୍ତନ ଓ ସମୟର ଆହ୍ୱାନକୁ ଗଣମାଧ୍ୟମ ପ୍ରଭାବିତ କରୁଛି। ଗଣମାଧ୍ୟମ କେତେବେଳେ ପାୱାର କରିଡ଼ରରେ ଆସୁଛି ତ କେତେବେଳେ କମନମ୍ୟାନ ବା ସାଧାରଣ ଲୋକଙ୍କ ସ୍ୱରର ପ୍ରତିଧିତ୍ୱ କରୁଛି। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପରିଗଣିତ ସମ୍ବାଦପତ୍ର ସର୍ବଦା ସମାଜର ବିଭିନ୍ନ କ୍ଷେତ୍ର ଉପରେ ପର୍ଯ୍ୟବସିତ ହୋଇଥାଏ। ଜନ ଅଧିକାର, ପରିବେଶ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସମ୍ବାଦପତ୍ର ଓ ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି କ୍ଷେତ୍ର ଗୁଡ଼ିକରେ କାର୍ଯ୍ୟ କରିଆସୁଥିବା ସାମ୍ବାଦିକମାନେ ବି ଅନେକ ସମୟରେ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥାନ୍ତି ଏବଂ ନିଜର କର୍ତ୍ତବ୍ୟ ପଥରେ ଅଗ୍ରସର ହୋଇଥାନ୍ତି। ସେମାନଙ୍କୁ ଇତିହାସ ମନେ ରଖିବ କି ନ ରଖିବ ତାହା ଅଲଗା କଥା ମାତ୍ର ସେମାନେ ଯେଉଁପରି ଭାବେ କଲମ ଚାଳନା କରିଥାନ୍ତି ତାହା ବାସ୍ତବିକ ପ୍ରଶଂସାର ବିଷୟ। ଅପରପକ୍ଷେ ଏପରି କିଛି ସାମ୍ବାଦିକ ଅଛନ୍ତି ଯେଉଁମାନେ ସାମ୍ବାଦିକତା କରିବା ସହ ସମାଜର ବିଭିନ୍ନ ସ୍ତରରେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିଥାନ୍ତି। କେଉଁ ସାମ୍ବାଦିକ ଶିକ୍ଷା ଅଧିକାର ସକାଶେ ସଂଗ୍ରାମ ଜାରି ରଖିଛନ୍ତି ତ କେଉଁ ସାମ୍ବାଦିକ ପରବେଶ ପାଇଁ ଜୀବନ ଉତ୍ସର୍ଗ କରିଛନ୍ତି। କେହି କେହି ବସ୍ତି ବାସିନ୍ଦାଙ୍କ ସ୍ୱାର୍ଥ ପାଇଁ ଓ ଆଦିବାସୀଙ୍କ ସ୍ୱାର୍ଥରକ୍ଷା ଲାଗି ସଂଗ୍ରାମ କରୁଛନ୍ତି। ଗଣମାଧ୍ୟମର ଭୂମିକା ସାମାଜିକ ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦୁର୍ବଳ ଲୋକଙ୍କ କଥା କହିବା, ଅସହାୟଙ୍କୁ ପ୍ରଶାସନ ଜରିଆରେ ସାହାଯ୍ୟ ପ୍ରଦାନ କରିବା, ଅନ୍ଧାରରେ ଥିବା ସମସ୍ୟା ଗୁଡ଼ିକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର କର୍ତ୍ତବ୍ୟ। ଖବର ପ୍ରକାଶ ଜରିଆରେ ଅନେକ ଅନାଲୋଚିତ ବିଷୟ ଲୋକଲୋଚନକୁ ଆସିଥାଏ ଏବଂ ପ୍ରଶାସନର ଦୃଷ୍ଟିକୁ ଆସିଥାଏ। ଫଳରେ ସମସ୍ୟା ଦୂର ହୋଇଥାଏ।



ସାଂପ୍ରତିକ ସମଜାରେ ନାନା ପ୍ରକାର ସମସ୍ୟା ରହିଛି। କନ୍ୟାଭ୍ରୁଣ ହତ୍ୟା, ପରିବେଶ, ଭୀବ ହତ୍ୟା, ଶିଶୁ ଶ୍ରମିକ, ରକ୍ତଦାନ ଆଦି ନାନା ପ୍ରକାର ସାମାଜିକ ସମସ୍ୟା ରହିଛି। ବ୍ୟବସାୟିକ ଦୃଷ୍ଟିରୁ ନୁହଁ ବରଂ ସାମାଜିକ ବାର୍ତ୍ତା ପ୍ରାଦନା କରି ଗଣମାଧ୍ୟମ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସଂପାଦନ କରିଆସିଛି। ଏହାଦ୍ୱାରା କେବଳ ଗଣମାଧ୍ୟମ ନଜର କର୍ତ୍ତବ୍ୟ ସଂପାଦନ କରୁନାହିଁ ବରଂ ସାମାଜିକ ସଚେତନତା ସୃଷ୍ଟି କରି ନୂଆ ପିଢି ନିମନ୍ତେ ବର୍ତ୍ତା ପ୍ରଦାନ କରୁଛି। ଓଡ଼ିଶାରେ ଅନେକ ପ୍ରକାର ସାମାଜିକ ସମସ୍ୟା ରହିଛି। ଶିଶୁଶ୍ରମିକ, ପରବେଶ, ବ୍ୟଘ୍ର ସୁରକ୍ଷା, ଜଙ୍ଗ ସୁରକ୍ଷା, ଜୀବଜନ୍ତୁ ଓ ପକ୍ଷୀମାନଙ୍କ ସୁରକ୍ଷା ଆଦି କ୍ଷେତ୍ରରେ ଅନେକ ସମସ୍ୟା ରହିଛି। ଜନସଚେତନତା ଅଭାବରୁ ପରିବେଶ ନଷ୍ଟ ହେଉଥିବା ବେଳେ କନ୍ୟାଭ୍ରୁଣ ହତ୍ୟା ବ୍ୟାପକ ଭାବେ ବୃଷ୍ଟି ପାଉଛି। ସେହିପରି ଜଙ୍ଗ ଧ୍ୱଂସ ବ୍ୟାପକ ଆକାର ଧାରଣ କରିଥିବାବେଳେ ନାନା ପ୍ରକାର ସାମାଜିକ ସମସ୍ୟା ରହିଛି। ତେବେ ଏ କ୍ଷେତ୍ରରେ ଗଣମାଧ୍ୟମ ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି।

ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜଭୁତ୍ କରିଥାଏ। ଗଣମାଧ୍ୟମ ସ୍ୱାଧୀନ ହେଲେ ଗଣତନ୍ତ୍ର ସୁଦୃଢ଼ ହେବ। ଗଣତନ୍ତ୍ରକୁ ସୁରକ୍ଷା ଦେବା ତଥା ସମାଜରେ ଥିବା ବିଭିନ୍ନ କୁପ୍ରଥାକୁ ଦୂର କରିବାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମାଜକୁ ସୁଧାରିବା ସହିତ ଲୋକଙ୍କୁ ସଚେତନ କରିବାର ଦାୟିତ୍ୱ କେବଳ ଗଣମାଧ୍ୟମ ହିଁ କରିପାରେ। ସାଧାରଣ ଲୋକଙ୍କ ସମସ୍ୟା ଓ ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଏବଂ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରକଳ୍ପ ସଂପର୍କରେ ସାଧାରଣ ଲୋକଙ୍କ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ବିଭିନ୍ନ ବିପର୍ଯ୍ୟୟ, କରୋନା ଇତ୍ୟାଦି କଷ୍ଟର ସମୟରେ ମଧ୍ୟ ଗଣମାଧ୍ୟମ ଯେପରି କାର୍ଯ୍ୟ କରିଛନ୍ତି ତାହା ବେଶ୍ ପ୍ରଶଂସନୀୟ। ଗଣତନ୍ତ୍ରକୁ ମଜଭୁତ୍ କରିବାକୁ ହେଲେ ଏହାର ସମସ୍ତ ସ୍ତମ୍ଭକୁ ସୁଦୃଢ଼ କରିବା ପଡ଼ିବ। କେବଳ ଗଣମାଧ୍ୟମକୁ ଚତୁର୍ଥ ସ୍ତମ୍ଭ ବୋଲି କହି ଏହା ଉପରେ ସମସ୍ତ ଦାୟିତ୍ୱ ଲଦିଦେଲେ ଚଳିବ ନାହିଁ, ଏଥିପାଇଁ ସମସ୍ତ ଜନସାଧାରଣ ସଚେତନ ହେବା ସହିତ ନିଜର ଅଧିକାର ଏବଂ ଦାୟିତ୍ୱ ବିଷୟରେ ଜାଣିବା ଆବଶ୍ୟକ।

**ଶ୍ୟମ ପ୍ରକାଶ ସେନାପତି**

ସମ୍ବାଦପତ୍ର ଗଣମାଧ୍ୟମ ହେଉ ଅବା ଇଲେକ୍‌ଟ୍ରୋନିକ୍ ଗଣମାଧ୍ୟମ-ଏହା ଉପରେ ଡିଲ୍ କରି ଆମ ଗଣମାଧ୍ୟମ ଦଣ୍ଡାୟମାନ। ଆମ ସ୍ୱାଧୀକାରର ଜାଗ୍ରତ ପ୍ରହରୀ ତଥା ରକ୍ଷାପର୍ତ୍ତା। ଗଣମାଧ୍ୟମ ଦ୍ୱାରା ବିଶ୍ୱଯୁଦ୍ଧ ହୋଇଛି, ଶାନ୍ତି ବି ପ୍ରତିଷ୍ଠା ହୋଇଛି, ଜନମତ ସେଇମାନେ ଗଢ଼ନ୍ତି, ଆଉ ଜନମତକୁ ସେଇମାନେ ହିଁ ପ୍ରଭାବିତ କରଥାଆନ୍ତି। ଗଣମାଧ୍ୟମର ଭୂମିକା ଗଠନଶୀଳ ହେଲେ, ଜନମତ ମଧ୍ୟ ଗଠନଶୀଳ ହେବ। ନିତ୍ୟନିୟତ ଘଟୁଥିବା ଘଟଣାବଳୀ ଏବଂ ଜନଜୀବନର ନାନାବିଧ ସମସ୍ୟାର ବାସ୍ତବ ପ୍ରତିଫଳନ ଘଟେ ଗଣମାଧ୍ୟମରେ। ସଂକ୍ଷେପରେ କହିଲେ ଗଣମାଧ୍ୟମ ହେଉଛି ଆମ ସମାଜର ଦର୍ପଣ। ଗଣମାଧ୍ୟମରେ ଜୀବନର ସ୍ପନ୍ଦନ, ସମୟର ଆହ୍ୱାନ ଓ ସମାଜର ଛନ୍ଦ ହିଁ ପ୍ରତିବିମ୍ବିତ। ସେ ସମସ୍ୟାଟି ଦର୍ଶାଏ ଆଉ ସମାଧାନ ପାଇଁ ପଥଟିଏ ଉନ୍ମୋଚନ ବି କରିଥାଏ। ପ୍ରତିବର୍ଷ ମେ ମାସ ୩ ତାରିଖରେ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ପାଳିତ ହୋଇଆସୁଛି। ସରା ବିଶ୍ୱରେ ମୁକ୍ତ ସାମ୍ବାଦିକତାର ଅନୁଶୀଳନ, ଗଣମାଧ୍ୟମ ସ୍ୱାଧୀନତା ଉପରେ ଆକ୍ରମଣ ବା କଣ୍ଠରୋଧ ଏବଂ ସାମ୍ବାଦିକତା ବୃତ୍ତିରେ ଥାଇ ପ୍ରାଣ ହରାଇଥିବା ନିର୍ଭୀକ ସାମ୍ବାଦିକମାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ଏହି ଦିବସ ପାଳନର ମୁଖ୍ୟଲକ୍ଷ୍ୟ। ଗଣମାଧ୍ୟମର ଗୁରୁତ୍ୱ ସଂପର୍କରେ ସଚେତନତା ସୃଷ୍ଟି କରିବା ସହ ସମ୍ବିଧାନର ଧାରା ୧୯ ଆଧାରରେ ସ୍ୱାଧୀନ ଭାବେ ମତପୋଷଣ କରିବା ଅଧିକାରକୁ ଅକ୍ଷୁର୍ଣ୍ଣ ରଖିବାରେ ସରକାରଙ୍କ ଦାୟିତ୍ୱବୋଧତା ତଥା ନିଷ୍ଠାପରତାକୁ ସ୍ମରଣ କରାଇଦେବା ହେଉଛି ଏହାର ପ୍ରମୁଖ ଉଦ୍ଦେଶ୍ୟ।

ଗଣମାଧ୍ୟମକୁ ଏକ ନିରପେକ୍ଷ ସ୍ୱୟଂଶାସିତ ଭାବେ ଗଢ଼ିତୋଳିବାର ଲକ୍ଷ୍ୟ ନେଇ ସ୍ୱାଧୀନ ଭାରତରେ ୧୯୫୬ ମସିହାରେ ପ୍ରଥମ ପ୍ରେସ୍ କମିଶନ ଗଠନ କରାଯାଇଥିଲା। ପ୍ରେସ୍ କମିଶନଙ୍କ ସୁପାରିଶ ଅନୁଯାୟୀ ୧୯୬୬ ମସିହା ନଭେମ୍ବର ୧୬ ତାରିଖ ଦିନ ପ୍ରେସ୍ କାଉନ୍‌ସିଲ୍ ଅଫ ଇଣ୍ଡିଆ ଗଠିତ ହେଲା। ସମ୍ବାଦବାହୀ ଗଣମାଧ୍ୟମକୁ ସାମଗ୍ରିକ ଭାବେ 'ପ୍ରେସ୍' ବୋଲି କୁହାଯାଏ। ଏକ ମୁକ୍ତ ଓ ଦାୟିତ୍ୱଶୀଳ ପ୍ରତୀକ ଭାବରେ ନଭେମ୍ବର ୧୬ ତାରିଖକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଏ। ଦୁଇଟି ମୁଖ୍ୟ ଉଦ୍ଦେଶ୍ୟରେ ଏହା ଗଠିତ ହୋଇଥିଲା। ପ୍ରଥମ : ଗଣମାଧ୍ୟମର ମାନ ବଜାୟ ରଖିବା ଏବଂ ଦ୍ୱିତୀୟ: ଏହାକୁ ବାହ୍ୟ ଚାପ ଓ ପ୍ରଭାବରୁ ମୁକ୍ତ ରଖିବା। ଏହି ଘୋଷଣାର ସ୍ମାରକୀ ସ୍ୱରୂପ ୧୯୯୭ ମସିହା ଠାରୁ ପ୍ରତିବର୍ଷ ନଭେମ୍ବର ୧୬ ତାରିଖ 'ଜାତୀୟ ପ୍ରେସ୍ ଦିବସ' ରୂପେ ପାଳିତ ହୋଇ ଆସୁଅଛି।

ସାମାଜିକ ବିକାଶରେ ଗଣମାଧ୍ୟମର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗଣତନ୍ତ୍ରକୁ ସୁସ୍ଥ ଭାବେ ବଜାୟ ରଖିବା ପାଇଁ ଗଣମାଧ୍ୟମକୁ ମୁକ୍ତ ଭାବେ କାର୍ଯ୍ୟ କରିବାର ସ୍ୱାଧୀନତା ଦେବା ଆବଶ୍ୟକ। ଗଣମାଧ୍ୟମ ଗଣଙ୍କ ପାଇ ସମାଜକୁ ସମାଜ ସହିତ ଯୋଡ଼େ। ଗଣମାଧ୍ୟମ ହେଉଛି ସେତୁ, ଲୋକମାନଙ୍କ ପାଖରେ ଓ ସରକାରଙ୍କ ପାଖରେ ପହଞ୍ଚେ। ଏହା ସାମାଜିକ, ଅର୍ଥନୈତିକ, ରାଜନୈତିକ, ସବେର୍‌ାପରି ସାଂପ୍ରତିକ ସ୍ଥିତିକୁ ଅନୁଶୀଳନ କରେ ଏବଂ ଲୋକମାନଙ୍କୁ ତତ୍‌ସଂପର୍କୀତ ସୂଚନା ଦିଏ। ଏହା ଏକ ସାମଗ୍ରିକ ଓ ଅତ୍ୟାବଶ୍ୟକ ବ୍ୟବସ୍ଥା। ତେଣୁ ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଷୟକୁ ବିଶ୍ୱ ବିଦ୍ୟାଳୟ ପାଠ୍ୟକ୍ରମରେ ସାମିଲ କରାଯାଇଛି। ଲକ୍ଷ୍ୟ ରହିଛି, ଛାତ୍ରଛାତ୍ରୀମାନେ ଉକ୍ତ ବିଷୟକୁ ଅନୁଶୀଳନ କରିବେ ଏବଂ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହେବେ। ପ୍ରତ୍ୟେ ଗଣମାଧ୍ୟମ ନିର୍ଦ୍ଦିଷ୍ଟ ନୀତିନିୟମରେ ବନ୍ଧା। ସକରାତ୍ମକ, ଗଠନମୂଳକ ଓ ବାସ୍ତବବାଦୀ ଚିନ୍ତା ହିଁ ସୁସ୍ଥ ଗଣତନ୍ତ୍ର ତିଆରି କରିପାରିବ। ଗଣମାଧ୍ୟମ ନିରପେକ୍ଷ ହେଲେ ଗଣତନ୍ତ୍ର ସୁଦୃଢ଼ ହୋଇପାରିବ। ସତ ଜାଣିବାର ଅଧିକାର ସାଧାରଣ ଲୋକଙ୍କର। ସେମାନଙ୍କ ନିକଟରେ ସତ ପହଞ୍ଚାଇବାର ଦାୟିତ୍ୱ ସାମ୍ବାଦିକର, ଗଣମାଧ୍ୟମର। ଶେଷରେ ଏତିକି କୁହାଯାଇପାରେ, ଆମ ସ୍ୱର ସମାଜକୁ ଶୃଙ୍ଖଳିତ କରୁ। ସମାଜ ସଚେତନ ହେଉ ଆଉ ଲୋକଙ୍କ ଚିନ୍ତାଧାରା ପରିବର୍ତ୍ତନ ହେଉ।


**ପ୍ରତିଷ୍ଠାତା ସମ୍ପାଦକ- 'ଅଭିନନ୍ଦନିକା', ସେନାପତି ଭବନ,ପୁରୀ**

# ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟିତ



## ଯୋଗଦେଲେ ମୁଖ୍ୟମନ୍ତ୍ରୀ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

### ଆସ୍ଥା, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ: ଶ୍ରୀଜଗନ୍ନାଥ ମନ୍ଦିରର ଉଦ୍‌ଘାଟନ କେବଳ ଏକ ସ୍ଥାପତ୍ୟର ଶୁଭାରମ୍ଭ ନୁହେଁ, ମାତ୍ର ଆସ୍ଥା, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପୁନଃଜାଗରଣ। ଉତ୍ତରପ୍ରଦେଶର ପ୍ରୟାଗରାଜର ପବିତ୍ର ତ୍ରିବେଣୀ ସଙ୍ଗମ କୂଳରେ ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଉଦ୍‌ଘାଟନ ଅବସରରେ ଯୋଗଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଗଙ୍ଗା ଆରତୀରେ ଅଂଶଗ୍ରହଣ କରି ମୁଖ୍ୟମନ୍ତ୍ରୀ କହିଥିଲେ, ଜଗନ୍ନାଥ ମନ୍ଦିର ଓଡ଼ିଶାର ଭକ୍ତି ପରମ୍ପରା ଓ ତ୍ରିବେଣୀ ସଙ୍ଗମର ଆଧ୍ୟାତ୍ମିକ ମହିମାକୁ ଏକତ୍ର କରି ଜାତୀୟ ଏକତାର ବାର୍ତ୍ତା ପ୍ରସାର କରିବ। ପ୍ରୟାଗରାଜରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଦ୍ୱାରା ଉତ୍ତର ଓ ପୂର୍ବ ଭାରତ ମଧ୍ୟରେ ଏକ ସୁଦୃଢ଼ ଆଧ୍ୟାତ୍ମିକ ସେତୁ ସୃଷ୍ଟି ହୋଇଛି। ପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଶାର ପରିଚୟ ଓ ଗର୍ବର ପ୍ରତୀକ ହେବା ସହ ସମଗ୍ର ଭାରତର ଆତ୍ମା ସହିତ ଜଡ଼ିତ। ଶ୍ରୀଜଗନ୍ନାଥ ସଂସ୍କୃତି ସମାନତା, ସେବା ଓ ସମନ୍ୱୟର ବାର୍ତ୍ତା ଦେଇଥାଏ। ସମସ୍ତଙ୍କୁ ଏକ ସୂତ୍ରରେ ବାନ୍ଧେ ରଖିଥାଏ।

ମନ୍ଦିର ପ୍ରତିଷ୍ଠାରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ୟମକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ମନ୍ଦିର ଭକ୍ତି, ସଂସ୍କୃତି ଓ ଦେଶପ୍ରେମର ସଙ୍ଗମ ସୃଷ୍ଟି କରିଛି। ପ୍ରାଚୀନକାଳରୁ ପ୍ରୟାଗରାଜ ଋଷିମୁନିଙ୍କ ତପୋଭୂମି ଭାବେ ପରିଚିତ। ଏଠାରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଭାରତର ଅଖଣ୍ଡ ସାଂସ୍କୃତିକ ଏକତାର ଜୀବନ୍ତ ପ୍ରମାଣ। ଏହି ମନ୍ଦିର ଆଗାମୀ ଦିନରେ ଭକ୍ତଙ୍କ ପାଇଁ ଆଧ୍ୟାତ୍ମିକ ପ୍ରେରଣାର କେନ୍ଦ୍ର ହେବା ସହିତ ମାନବତା, ସେବା ଓ ଶାନ୍ତିର ବାର୍ତ୍ତାର ପ୍ରସାର କରିବ। ମନ୍ଦିର ଉଦ୍‌ଘାଟନ ଅବସରରେ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ, ଉତ୍ତରପ୍ରଦେଶର ଜଳ ଶକ୍ତି ମନ୍ତ୍ରୀ ସ୍ୱତନ୍ତ୍ର ଦେବସିଂହ, ଓଡ଼ିଶାର ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଓ ଶହ ଶହ ସାଧୁ ସନ୍ଥ ଯୋଗ ଦେଇଥିଲେ।

# 'ଓଡ଼ିଶା ଭବନ' ନୂତନ କୋଠାର ଶିଳାନ୍ୟାସ

## ଖର୍ଚ୍ଚହେବ ୯୩.୨୭କୋଟି, ୩ଟିବେସ୍‌ମେଣ୍ଟଉପରେ୭ମହଲା, ୪୫ଟିରୁମ୍



ନୂଆଦିଲ୍ଲୀ: ନୂଆଦିଲ୍ଲୀର ଚାଣକ୍ୟପୁରୀଠାରେ ନୂତନ ଓଡ଼ିଶା ଭବନର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୂତନ ଭବନର ନିର୍ମାଣଶୈଳୀରେ ଓଡ଼ିଶାର ସମୃଦ୍ଧ ଐତିହ୍ୟ, କଳା ଓ ସଂସ୍କୃତିର ପ୍ରତିଫଳନ ଦେଖିବାକୁ ମିଳିବ। ସୂଚନାଯୋଗ୍ୟ, ପୂର୍ବରୁ ଥିବା ଭବନଟି ପୁରୁଣା ହୋଇଯାଇଥିବା ସହ ସ୍ଥାନ ଓ ସୁବିଧାର ଅଭାବ ଥିବାରୁ ବର୍ତ୍ତମାନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ନୂଆ ଭବନ ନିର୍ମାଣ କରାଯାଉଛି। ଏଥିରେ ୩ଟି ବେସ୍‌ମେଣ୍ଟ, ଗ୍ରାଉଣ୍ଡ୍ ଫ୍ଲୋର୍ ସହିତ ଆଉ ୬ଟି ମହଲା ରହିବ। ସମସ୍ତ ଅତ୍ୟାଧୁନିକ ସୁବିଧା ସହ ୪୫ଟି ସୁଇଟ୍ ବ୍ୟବସ୍ଥା କରାଯିବ। ପ୍ରଥମ ମହଲାରେ ଏକ ଏକ୍‌ଜିବିସନ୍ ଏରିଆ ଏବଂ ଦ୍ୱିତୀୟ ମହଲାରେ ପ୍ରାୟ ୭୦ ଆସନ ବିଶିଷ୍ଟ କନ୍‌ଫରେନ୍ସ ହଲ୍ ରହିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ନିର୍ମାଣ କାମ ଆରମ୍ଭ ହେବ। ଏଥିପାଇଁ ମୋଟ ୯୩.୨୭ କୋଟି ଟଙ୍କା ବ୍ୟୟ ହେବ। ନୂଆଦିଲ୍ଲୀ ସହିତ ଦେଶର ବିଭିନ୍ନ ସହରରେ ଓଡ଼ିଶାର ପ୍ରଶାସନିକ ସମନ୍ୱୟ ଓ ସାଂସ୍କୃତିକ ସମ୍ପର୍କ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାର ଓଡ଼ିଶା ଭବନ ନିର୍ମାଣ ଯୋଜନା କରିଛନ୍ତି। ଆଗାମୀ ଦିନରେ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ ହେବ। ଏଥିପାଇଁ ସଂପୃକ୍ତ ରାଜ୍ୟମାନଙ୍କୁ ଜମି ମଗାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

▶▶ ନିର୍ମାଣଶୈଳୀରେ ପ୍ରତିଫଳିତ ହେବ ଓଡ଼ିଶାର ସମୃଦ୍ଧ କଳା ଓ ସଂସ୍କୃତିର ଝଲକ

▶▶ ୩ଟି ବେସ୍‌ମେଣ୍ଟ ଉପରେ ୭ ମହଲା, ୪୫ଟି ରୁମ୍

▶▶ ଅଯୋଧ୍ୟା, ବେଙ୍ଗାଲୁରୁ ଓ ସୁରଟରେ ହେବ ଓଡ଼ିଶା ଭବନ: ମୁଖ୍ୟମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ କୋଲକାତା, ଚେନ୍ନାଇ ଓ ମୁମ୍ବାଇରେ ଓଡ଼ିଶା ଭବନ କାର୍ଯ୍ୟକ୍ଷମ ଅଛି। ଜନସାଧାରଣଙ୍କ ସୁବିଧା ପାଇଁ ମୁମ୍ବାଇରେ ଆଉ ଏକ ଭବନ ନିର୍ମାଣର ପ୍ରସ୍ତାବ ରହିଛି । ଏହି ସବୁ ଭବନ ଓ ସଦନଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ସ୍ୱତନ୍ତ୍ର ଡିଭିଜନ୍ ସୃଷ୍ଟି କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଜରୁରି କାମରେ ଭୁବନେଶ୍ୱର ଆସୁଥିବା ଲୋକମାନଙ୍କ ପାଇଁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ପାଖରେ ଏକ ଜନଆଶ୍ରୟ ଭବନ ନିର୍ମାଣ କରାଯିବ, ଯେଉଁଥିରେ କି ରାଜ୍ୟର ଜନସାଧାରଣଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ତିନି ଦିନର ରହଣି ବ୍ୟବସ୍ଥା କରାଯିବ।

ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍, ଓଡ଼ିଶାର ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE DEPUTY DIRECTOR OF HORTICULTURE, PURI**
SAKHIGOPAL

**ପୁରୀ ଜିଲ୍ଲା ଉଦ୍ୟାନ କୃଷି ବିଭା ଦ୍ୱାରା ଚାଷୀମାନଙ୍କ ଉନ୍ନତି ନିମନ୍ତେ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ**

୧. ଜାତୀୟ ଉଦ୍ୟାନ ମିଶନ ମାଧ୍ୟମରେ ଫଳ ଚାଷ ଯଥା : ଆମ୍ବ, ଅମୃତଭଣ୍ଡା, କଦଳୀ (ଟିସୁକଲଚର), ସପୁରି ଇତ୍ୟାଦି ଚାଷ ପାଇଁ ହିତାଧିକାରୀମାନଙ୍କୁ ୦.୨୮ ହେକ୍ଟର ରୁ ୪ ହେକ୍ଟର ଜମିରେ ନୂତନ ଫଳ ବଗିଚାର ସୃଷ୍ଟି ନିମନ୍ତେ ଧାର୍ଯ୍ୟ ଖର୍ଚ୍ଚ ଅଟକଳ ଶତକଡ଼ା ୫୦ ଭାଗ ରିହାତି ୨ ବର୍ଷରେ ପର୍ଯ୍ୟାୟ କ୍ରମେ ଦେବାର ବ୍ୟବସ୍ଥା ଅଛି।
ସେହିପରି ଝୁରା ଫୁଲ ଚାଷ ବାବଦରେ ସାଧାରଣ ଚାଷୀଙ୍କୁ ୧ ହେକ୍ଟର ପ୍ରତି ଟ ୨୦୦୦୦/-, ହାଇବ୍ରିଡ୍ ପନିପରିବା ଚାଷ ପାଇଁ ହେକ୍ଟର ପିଛା ଟ ୨୪୦୦୦/- ରିହାତି ଦେବାର ବ୍ୟବସ୍ଥା ଅଛି।
୨. ସମନ୍ୱିତ ରୋଗପୋକ ନିୟନ୍ତ୍ରଣ / ସମନ୍ୱିତ ଖାଦ୍ୟସାର ପରିଚାଳନା ନିମନ୍ତେ ହେକ୍ଟର ପ୍ରତି ଟ୧୨୦୦/-
୩. ପୁରୁଣା ବଗିଚାର ପୁନରୁଦ୍ଧାର ନିମନ୍ତେ ହେକ୍ଟର ପ୍ରତି ୨୦୦୦୦/- ର ଆର୍ଥିକ ସହାୟତା।
୪. ଛତୁ ମଞ୍ଜି ଉତ୍ପାଦନ, ଛତୁ ଚାଷ, ଜିଆ ଚାଷ ଏବଂ ମହୁଚାଷର ପ୍ରସାର ପାଇଁ ମଧ୍ୟ ସରକାରୀ ଅନୁଦାନର ବ୍ୟବସ୍ଥା ରହିଛି।
୫. ସୁରକ୍ଷିତ ଚାଷର ପ୍ରୋତ୍ସାହନ ନିମନ୍ତେ ପଲିଥିନି ସବୁଜ ଗୃହ (ଜିଆଇ ଓ ବାଉଁଶ ଦ୍ୱାରା), ଛାୟାଗୃହ (ଜିଆଇ ଓ ବାଉଁଶ ଦ୍ୱାରା) ପ୍ଲାଷ୍ଟିକ୍ ଟନେଲ ଇତ୍ୟାଦି ସ୍ଥାପନା ନିମନ୍ତେ ହିତାଧିକାରୀମାନଙ୍କୁ ଶତକଡ଼ା ୫୦ ରିହାତିର ବ୍ୟବସ୍ଥା ରହିଛି।
୬. ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ ବୁନ୍ଦା ଜଳସେଚନ ଓ ସିଞ୍ଚନ ଜଳସେଚନ ନିମନ୍ତେ ତପଃସିଲଭୁକ୍ତ ଜାତି ଓ ଉପଜାତି ଶ୍ରେଣୀର ଚାଷୀମାନଙ୍କୁ ୮୦% କ୍ଷୁଦ୍ର ନାମମାତ୍ର ଚାଷୀଙ୍କୁ ୭୦% ଓ ଅନ୍ୟ ଚାଷୀମାନଙ୍କୁ ୬୦%ର ରିହାତି ବ୍ୟବସ୍ଥା ରହିଛି।
୭. ରାଜ୍ୟ ଯୋଜନା ମାଧ୍ୟମରେ
(କ) ରାଜ୍ୟ ମଧ୍ୟରୁ ଉତ୍ପାଦିତ ଆଳୁ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ଗୁଡ଼ିକର ବିଦ୍ୟୁତ୍ ଶୁଳ୍କ ଉପରେ ରିହାତି ୬ ବର୍ଷ ପାଇଁ ବ୍ୟବସ୍ଥା ଅଛି। ପ୍ରଥମ ୨ ବର୍ଷ -୫୦%, ପରବର୍ତ୍ତୀ ୨ ବର୍ଷ ୩୦% ଓ ଶେଷ ୨ ବର୍ଷ -୨୦ %। ଫଳନ୍ତି ନଡ଼ିଆ ବଗିଚା ପାଇଁ କ୍ଷେତ୍ର ପରିଦର୍ଶନ- ହେକ୍ଟର ପ୍ରତି ମୋଟ ଅନୁଦାନ ଟ ୩୫୦୦୦/-
(ଖ) ପିଆଜ ଓ ଆଳୁ ବିହନ ଯୋଗାଣ ରବି ଋତୁ ପାଇଁ ହେକ୍ଟର ପ୍ରତି ଟ ୫୮୦୦୦/- ରିହାତି।
(ଗ) ମସଲା ଚାଷ ପାଇଁ ସହାୟତା ହେକ୍ଟର ପ୍ରତି - ଲଙ୍କା ଟ ୨୮୦୦୦/-, ହଳଦୀ - ଟ. ୪୭୦୦୦/-, ଧନିଆ - ଟ ୨୦୦୦୦/-, ମେଥି- ଟ ୨୦୦୦୦/- , ଅଦା - ଟ ୨୮୦୦୦/-
(ଘ) ଏତଦ୍ ବ୍ୟତୀତ ରାଜ୍ୟର ଏକ ସ୍ୱତନ୍ତ୍ର ଫଳ ଚାଷ ଯୋଜନା ମାଧ୍ୟମରେ, ନଡ଼ିଆ, ଅମୃତଭଣ୍ଡା, କଦଳୀ, ବରକୋଳି, ଷ୍ଟ୍ରବେରୀ ଇତ୍ୟାଦିର ଚାଷ ପାଇଁ ସରକାରୀ ଅନୁଦାନର ବ୍ୟବସ୍ଥା ରହିଛି।
(ଙ) ନାରୀକେଳ ଉନ୍ନୟନ ବୋର୍ଡର ମିଳିତ ଆନୁକୂଲ୍ୟରେ ନଡ଼ିଆ ଚାରା ରୋପଣ- ହେକ୍ଟର ପ୍ରତି ମୋଟ ଅନୁଦାନ ଟ ୫୬୦୦୦/-
୮. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧ୍ୟମରେ ବେରୋଜଗାରୀଙ୍କର ଆତ୍ମନିଯୁକ୍ତି ପାଇଁ ବିଭିନ୍ନ ପ୍ରକାର ଫଳ, ଫୁଲ, ପନିପରିବା ଚାଷ, ଛତୁ, ମହୁ ଚାଷ ସହିତ ଯେ କୌଣସି ଗୋଟିଏ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଶତକଡ଼ା ୪୦ ରୁ ୫୦ ଭାଗ ସହାତୟା ଦିଆଯାଉଛି।
ଉପରୋକ୍ତ ସମସ୍ତ କରକାରୀ ଯୋଜନାର ବିସ୍ତୃତ ବିବରୀ ବା ଅଧିକ ଜାଣି ପାଇଁ ନିକଟସ୍ଥ ଉଦ୍ୟାନ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

ସ୍ୱା/-ଉଦ୍ୟାନ କୃଷି ଉପନିର୍ଦ୍ଦେଷକ, ପୁରୀ, ସାକ୍ଷୀଗୋପାଳ



**ଭା.କୃ.ଅ.ପ.- ସିଫା : ଜଳକୃଷି ବିକାଶ କ୍ରାନ୍ତିର ଗନ୍ତାଘର**

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଭାକୃଅପ) ଅନ୍ତର୍ଗତ କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ସଂସ୍ଥା (ସିଫା) ଦେଶରେ ମଧୁର ଜଳ କୃଷି ଗବେଷଣା କ୍ଷେତ୍ରରେ ଏକ ଉତ୍କର୍ଷ ଅନୁଷ୍ଠାନ ହିସାବରେ ୧୯୮୭ ମସିହାରେ ଓଡିଶାର ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗ ଠାରେ ପ୍ରତିଷ୍ଠିତ ହୋଇ ଭା.କୃ.ଅ.ପ.-ସିଫା ରୂପେ ପରିଚିତ ହୋଇଛି। ସଂପ୍ରତି ଭା.କୃ.ଅ.ପ.-ସିଫା ମଧୁର ଜଳକୃଷିର ମୌଳିକ ଗବେଷଣା ନିର୍ଦ୍ଧାରକ ତଥା ପ୍ରୟୋଗାତ୍ମକ ଗବେଷଣାରେ ନିଜକୁ ନିୟୋଜିତ କରିଛି । ବେଙ୍ଗାଲୁରୁ, ରହରା-କଲ୍ୟାଣୀ, ବିଜୟୱାଡ଼ା ଏବଂ ଭଟିଣ୍ଡା ଠାରେ ଏହାର ଚାରିଗୋଟି ଆଂଚଳିକ ଗବେଷଣା କେନ୍ଦ୍ର ରହିଅଛି ।

**ଭା.କୃ.ଅ.ପ.-ସିଫାର ଉଦ୍ଦେଶ୍ୟ:**
ଚାଷୀର ଉତ୍ପାଦନ ଓ ଉପାର୍ଜନ ବଢ଼ାଇବା ପାଇଁ ମଧୁର ଜଳକୃଷିରେ ବିବିଧ ଦୀର୍ଘସ୍ଥାୟୀ ପରିଚାଳନା ଗବେଷଣାରେ ପାରଦର୍ଶୀତା ଲାଭ କରିବା ।

**ଭା.କୃ.ଅ.ପ.-ସିଫାର ଲକ୍ଷ୍ୟ:**
ଜୀବିକା ଓ ପୁଷ୍ଟି ସହାୟତା ନିମନ୍ତେ ଭାରତୀୟ ମଧୁର ଜଳ କୃଷିକୁ ପରିବେଶ ଉପଯୋଗୀ ତଥା ବିଶ୍ୱସ୍ତରୀୟ ପ୍ରତିଦ୍ୱନ୍ଦି କରି ମତ୍ସ୍ୟ ଓ ବର୍ମମତ୍ସ୍ୟ (ଫିସ୍ ଏଣ୍ଡ ସେଲ୍‌ଫିସ୍)ର ଉତ୍ପାଦନ ଏବଂ ଉପାର୍ଜନ ବଢ଼ାଇବା ।

**ପ୍ରମୁଖ ଉପଲବ୍ଧି**
- ଜୈବିକ ଭାବରେ ଉନ୍ନତ ଜୟନ୍ତୀରୋହି, ମଧୁରଜଳ ବଡ଼ ଚିଙ୍ଗୁଡ଼ି (ସିଫା ଜିଆଇ ସ୍କାମ୍ପି), ଭାକୁର (ଜିଆଇ-କାଟ୍‌ଲା) ଯଥାକ୍ରମେ ୬୦%, ୫୦%, ୩୦% ଅଧିକ ବଢ଼ୁଥିବା ପ୍ରଜାତିର ବିକାଶ। ପୁନଶ୍ଚ ଅଧିକ ବଢ଼ୁଥିବା ଏଏଚ୍‌ଆର୍ ଜୟନ୍ତୀର ଏରୋମୋନାସ୍ ହାଇଡ୍ରୋଫିଲା ଜୀବାଣୁ ପ୍ରତିରୋଧକ ଶକ୍ତି, ଏବଂ ପ୍ରଜନନ ଭିତ୍ତିକ ଉନ୍ନତ ରୋହି ବାର୍ଦ୍ଧରୁ ସୃଷ୍ଟ ସାଇନ୍ସ ବାର୍ଦ୍ଧ ର ବିକାଶ ।
- ଖାଦ୍ୟର ପୋଷକ ଉପାଦାନର ପ୍ରାଥମିକ ପରୀକ୍ଷା, ରାସାୟନିକ ବିଶ୍ଳେଷଣ ପାଇଁ ଜାତୀୟ ପରୀକ୍ଷାଗାର ଓ ରେଫେରାଲ ଲାବୋରେଟୋରୀ, ମାଛ ରୋଗ ନିରୂପଣ ପାଇଁ ଜାତୀୟ ରେଫେରାଲ ଲାବୋରେଟୋରୀ ପ୍ରତିଷ୍ଠା ।
- ଜଳଜୀବ ମାନଙ୍କ ନିମନ୍ତେ ସିଫାକ୍ସ, ସିଫା କିଓ଼ୋର ଓ ସିଫା ଆର୍ଗୁଭାକ୍ସ-୧ ଭଳି ଔଷଧର ବିକାଶ । କାର୍ପ ଜାତୀୟ ବଡ଼ମାଛ ତଥା ପୋଖରୀ ମାଛ ପାଇଁ ସିଫା ବ୍ରୁଡ୍ ତଥା ବଡ଼ ମାଛ ନିମନ୍ତେ ସିଫା କାର୍ପ ଗ୍ରୋୟର ଖାଦ୍ୟ ପ୍ରସ୍ତୁତିର ବାଣିଜ୍ୟକରଣ । ଜଳଜୀବ ପାଳନ କ୍ଷେତ୍ରରେ ପ୍ଲାଷ୍ଟିକ ସୃଷ୍ଟ ବିଭିନ୍ନ ଉପକରଣର ବ୍ୟବହାରକୁ ଜନପ୍ରିୟ କରାଯାଇପାରିଛି ।
- ଜଳକୃଷି ଭିତ୍ତିକ ପ୍ରଯୁକ୍ତିବିଦ୍ୟାକୁ ସମାଜର ସମସ୍ତ ଉପଭୋକ୍ତାଙ୍କ ନିକଟରେ ପହଂଚାଇବାକୁ ଗୁରୁତ୍ୱ ପ୍ରଦାନ । ଜୀବିକା ବିକାଶ, ମହିଳା ସଶକ୍ତିକରଣ, ଉଦ୍ୟୋଗ ବିକାଶ, ଜଳଜୀବ ପାଳନ କ୍ଷେତ୍ରରେ ପ୍ରଶିକ୍ଷଣ ଓ ଦକ୍ଷତାର ବିକାଶକୁ ଗୁରୁତ୍ୱ ପ୍ରଦାନ ।
- ଭାରତ ସରକାରଙ୍କ ବିଭିନ୍ନ ପ୍ରମୁଖ ପ୍ରକଳ୍ପ କାର୍ଯ୍ୟକ୍ରମ ଯଥା: ମୋ ଗାଁ ମୋ ଗୌରବ, ଫାର୍ମରଫାଷ୍ଟ ପ୍ରକଳ୍ପ, ସ୍ୱଚ୍ଛଭାରତ ଅଭିଯାନ, ଅନୁସୂଚିତ ଜାତି ଓ ଜନଜାତି ଉପଯୋଜନା, ଉତରପୂର୍ବ ପାର୍ବତ୍ୟାଂଚଳ ବିକାଶ ନିମନ୍ତେ ଉଦ୍ଦିଷ୍ଟ ବିଶେଷ ଆର୍ଥିକ ସହାୟତାକୁ କାର୍ଯ୍ୟକାରୀ କରାଯାଉଛି ।
- ୨୦ଟି ଜଳଜୀବ ପାଳନ ଫିଲ୍ଡସ୍କୁଲ ସ୍ଥାପନ କରାଯାଇ ଜଳକୃଷିକୁ କୃଷକ ଠାରୁ କୃଷକ ପର୍ଯ୍ୟନ୍ତ ସଂପ୍ରସାରଣ କରିବାରେ ସଫଳତା ଅର୍ଜନ ।
- ଅନ୍‌ଲାଇନ୍ ପାଠ୍ୟକ୍ରମ 'ମତ୍ସ୍ୟସେତୁ ଆପ୍' ମାଧ୍ୟମରେ ମଧୁର ଜଳଜୀବ କୃଷି ପ୍ରଶିକ୍ଷଣକୁ ସୁଦୃଢ଼ୀକରଣ ।


Grow Fish Grow with Fish

ICAR
**ICAR-CENTRAL INSTITUTE OF FRESHWATER AQUACULTURE**
(An ISO 9001:2015 Certified Institute)
Kausalyaganga, Bhubaneswar-751 002, Odisha, India
www.cifa.nic.in | Follow us on – www.facebook.com/icarcifa


# ପଟ୍ଟାରେ ରହିବ କ୍ୟୁଆର୍ କୋଡ୍

ଭୁବନେଶ୍ୱର: ରାଜ୍ୟରେ ଜମି ଜାଲିଆତି ରୋକିବାକୁ ରାଜ୍ୟ ସରକାର ବଡ଼ ପଦକ୍ଷେପ ନେବାକୁ ଯାଉଛନ୍ତି। ଯେପରି କେହି ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ବିକ୍ରି କରିପାରିବେନି, ଜମି ଉପରେ କୌଣସି ଆଇନଗତ ବିବାଦ ଥିଲେ ତାକୁ ଯେପରି ବିକ୍ରି କରାଯାଇପାରିବନି, ସେ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନୂଆ ବ୍ୟବସ୍ଥା ଅଣାଯାଉଛି। ଏଥିରେ ପ୍ରତି ଜମି ପଟ୍ଟାରେ ଏକ କ୍ୟୁଆର୍ କୋଡ୍ ରହିବ। ଏହି କୋଡ୍‌କୁ ସ୍କାନ୍ କଲେ ସମ୍ପୃକ୍ତ ଜମିର ସମସ୍ତ ବିବରଣୀ ଯଥା ମାଲିକଙ୍କ ନାମ, କେତେ ଜଣଙ୍କୁ ପୂର୍ବରୁ ବିକ୍ରି ହୋଇଛି, ଏବେ ଜମି ଉପରେ କିଛି ଆଇନଗତ ମାମଲା ଅଛି କି ନାହିଁ ତାହା ମୋବାଇଲ୍ ସ୍କ୍ରିନ୍‌ରେ ଆସିଯିବ। ଏହାଦ୍ୱାରା ଲୋକମାନେ ଜମି ଠକେଇରୁ ବର୍ତ୍ତିପାରିବେ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପୂଜାରୀ ଗଣମାଧ୍ୟମକୁ କହିଛନ୍ତି ଯେ ଏପରିକି ଜମି ଉପରେ କୌଣସି ବିବାଦ ଥାଇ ଏହାକୁ ବିକ୍ରି କରାଯାଉଥିଲେ ବା ଜମି ମାଲିକଙ୍କ ଅଜାଣତରେ ଜମି କିଣାବିକା ହେଉଥିଲେ ସେଲ୍‌ଡିଡ୍ ହେବା ପୂର୍ବରୁ ସ୍ଥାନୀୟ ଆର୍‌ଆଇ ଏବଂ ତହସିଲଦାରଙ୍କ ପାଖକୁ ଏକ ସତର୍କ ସୂଚନା ଯିବ। ଯଦି ଉଭୟ ଅଧିକାରୀ ଏ ସଂକ୍ରାନ୍ତରେ ସବୁଜ ସଂକେତ ଦେବେନି ତେବେ ଜମି କିଣାବିକା ହୋଇପାରିବନି। ଆଉ ଦଲାଲ୍‌ଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଏହିଭଳି ଜ୍ଞାନକୌଶଳ ସମ୍ପନ୍ନ ଜମି ପଟ୍ଟା ପ୍ରସ୍ତୁତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ବିଭାଗ ପକ୍ଷରୁ ଖୁବଶୀଘ୍ର ରାଜ୍ୟବ୍ୟାପୀ ଜମି ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହେବ। ସରକାରୀ ଓ ଘରୋଇ ଜମିର ସୀମା ନିର୍ଦ୍ଧାରଣ କରାଯିବ। ପୂର୍ବରୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ସରକାରୀ ଜମିର ବର୍ତ୍ତମାନ ସ୍ଥିତି ଓ ଉପଯୋଗ ସମ୍ପର୍କରେ ମଧ୍ୟ ଡାଟାବେସ୍ ପ୍ରସ୍ତୁତ ହେବ।

# ମୋହନଙ୍କ ପେଡ଼ିରେ ଦ୍ରୁତବିକାଶ

## ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍



ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ଆଗତ କରିଛନ୍ତି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ ସବୁ କ୍ଷେତ୍ର ଓ ବର୍ଗର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ବଜେଟ୍‌ରେ ଅନେକ ଆଖିଦୃଶିଆ ଏବଂ ଆକର୍ଷଣୀୟ ଯୋଜନା ଘୋଷଣା କରିଛନ୍ତି। କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ଖର୍ଚ୍ଚ ହେବ ୪୨ ହଜାର ୪୯୨ କୋଟି। ଗ୍ରାମ୍ୟ ଉନ୍ନୟନକୁ ୧୩ ପ୍ରତିଶତ ଅଧିକ ପାଣ୍ଠି। ଭିତ୍ତିଭୂମି ବିକାଶ ପାଇଁ ୭୨ ହଜାର କୋଟି। ଦକ୍ଷିଣରୁ ଉତ୍ତର ଆଉ ପୂର୍ବରୁ ପଶ୍ଚିମକୁ ଯୋଡ଼ିବ ୩ ଏକ୍ସପ୍ରେସ୍ ୱେ। ସହରାଞ୍ଚଳ ବିକାଶ ବ୍ୟୟ ବରାଦ ୧୦ ହଜାର ୭୩୮ କୋଟିକୁ ବଢ଼ିଲା। ଉପକୂଳ, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ବିକାଶ କରାଯିବ ୪ଟି ଅର୍ଥନୈତିକ କରିଡ଼ର। ଏଭଳି ଅଭିନବ ଓ ଦୂରଦୃଷ୍ଟି ସଂପନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବଳରେ ଉଚ୍ଚ ଅଭିବୃଦ୍ଧି ହାସଲ କରି ବିକଶିତ ଓଡ଼ିଶା ଲକ୍ଷ୍ୟ ଦିଗରେ ଆଗେଇ ନେବାକୁ ଉଦ୍ୟମ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ରାଜ୍ୟ ବଜେଟ୍ ଆକାର ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟପିଛି। ଅର୍ଥାତ୍ ୨୦୨୬-୨୭ ବର୍ଷ ଲାଗି ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି ସରକାର। ୨୦୨୫-୨୬ ତୁଳନାରେ ବଜେଟ୍ ଆକାର ପାଖାପାଖି ୭ ପ୍ରତିଶତ ବଢ଼ିଛି। କେବଳ ସେତିକି ନୁହେଁ, ରାଜ୍ୟର ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି)ର ଏହା ୨୮ ପ୍ରତିଶତରେ ପହଞ୍ଚିଛି। ମୋଟ ବ୍ୟୟରୁ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧ ଲକ୍ଷ ୮୦ ହଜାର କୋଟି ରଖାଯାଇଛି। ୨୦୨୫-୨୬ ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ୧,୭୦,୦୦୦ କୋଟିରେ ରହିଥିଲା। ତେଣୁ ପୂର୍ବ ବଜେଟ୍ ତୁଳନାରେ ଏଥିର କାର୍ଯ୍ୟକ୍ରମ ବ୍ୟୟ ୧୦ ହଜାର କୋଟି ବୃଦ୍ଧି ପାଇଛି।

ବଜେଟ୍‌ରେ ବିକଶିତ ଭାରତ-ଜି ରାମ ଜି ପାଇଁ ୫୫୭୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ସମୃଦ୍ଧ ଅଙ୍ଗନବାଡ଼ି ଯୋଜନାକୁ ୬୩୫ କୋଟି, ୧୦୦ଟି ସ୍ମାର୍ଟ ଫାର୍ମ ବଜାର (ମଡେଲ୍ ମଣ୍ଡି) ପାଇଁ ୧୦୦ କୋଟି, ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିସନ୍‌କୁ ୧୦୦ କୋଟି, ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା ପାଇଁ ୨୪୦ କୋଟି, ରେଆର୍ ଆର୍ଥ କରିଡର୍ ପାଇଁ ୧୦ କୋଟି, ସଂଯୋଗବିହୀନ ବାସସ୍ଥାନ ସହିତ ସଂଯୋଗୀକରଣ ପାଇଁ ୧୦୦୦ କୋଟି, ରାଜ୍ୟ ଏଆଇ ମିସନ୍ ପାଇଁ ୨୩ କୋଟି, ପର୍ଯ୍ୟଟନ ଭୂମି ବ୍ୟାଙ୍କ ଯୋଜନାରେ ୧୫୦ କୋଟି, ଡାଲଖାଇ ଯୋଜନାରେ ୨୨୦ କୋଟି, ଫିଟ୍ ଓଡ଼ିଶା ମିସନ୍ ପାଇଁ ୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଏହାବ୍ୟତୀତ ପୁରୀରେ ଶ୍ରୀ ଜଗନ୍ନାଥଙ୍କ ବ୍ୟାଖ୍ୟା କେନ୍ଦ୍ର, ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର, ରାଜ୍ୟ ରୂପାନ୍ତରମୂଳକ ପଦକ୍ଷେପ ପ୍ରତିଷ୍ଠାନ (ଏସ୍‌ଆଇଟିଆଇ-ଓଡ଼ିଶା), ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା, ମୁଖ୍ୟମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦ ଆଦି ଘୋଷଣା କରାଯାଇଛି।

ମୋଟ ୩,୧୦,୦୦୦ କୋଟିର ବ୍ୟୟ ଅଟକଳ ମଧ୍ୟରୁ ସରକାର କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୫୮ ପ୍ରତିଶତ, ପ୍ରାଶାସନିକ ବ୍ୟୟରେ ୩୭ ପ୍ରତିଶତ ଖର୍ଚ୍ଚ କରିବେ। ମୋଟ ପ୍ରାଶାସନିକ ବ୍ୟୟରୁ ପ୍ରତିଷ୍ଠାନ, ପରିଚାଳନା ଓ ରକ୍ଷଣାବେକ୍ଷଣ ବାବଦରେ ୨୭ ପ୍ରତିଶତ, ଋଣ ପରିଶୋଧ ବାବଦରେ ୭ ପ୍ରତିଶତ ଓ ସ୍ଥାନୀୟ ନିକାୟ ସଂସ୍ଥାଗୁଡ଼ିକୁ ଅର୍ଥ ସ୍ଥାନାନ୍ତର ବାବଦରେ ୩ ପ୍ରତିଶତ ଅର୍ଥ ଖର୍ଚ୍ଚ ହେବ। ଏହାବ୍ୟତୀତ ମୋଟ ବ୍ୟୟରୁ ସୁଧ ଦେୟ ବାବଦରେ ୩ ପ୍ରତିଶତ ଏବଂ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ବାବଦରେ ୨ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବେ। ପୁଞ୍ଜିବ୍ୟୟ ୭୨,୧୦୦ କୋଟି ଟଙ୍କାରେ ବା ଜିଏସ୍‌ଡିପିର ୬.୫ ପ୍ରତିଶତରେ ରହିଛି। ସାମାଜିକ କ୍ଷେତ୍ର ପାଇଁ ମୋଟ ୧,୨୫,୫୮୩ କୋଟି ଟଙ୍କା ଖର୍ଚ୍ଚ କରାଯିବ, ଯାହାକି ମୋଟ ବଜେଟ୍ ଅଟକଳର ୪୦.୫ ପ୍ରତିଶତ। ଉନ୍ନୟନମୂଳକ ବ୍ୟୟ ୨,୨୮,୦୩୮ କୋଟି ଟଙ୍କା ବା ମୋଟ ବଜେଟ୍ ଅଟକଳର ୭୩.୬ ପ୍ରତିଶତ ରହିବ ବୋଲି ଦର୍ଶାଯାଇଛି।

ସରକାର ୩୩ ହଜାର କୋଟି ଟଙ୍କାର ରାଜସ୍ୱ ବଳକା ବଜେଟ୍ ଆଣିଥିବାବେଳେ ବିତ୍ତୀୟ ନିଅଣ୍ଟକୁ ୩୮,୮୦୦ କୋଟି ଟଙ୍କା (କେନ୍ଦ୍ରରୁ ପୁଞ୍ଜିନିବେଶ ବାବଦରେ ଆଣୁଥିବା ଋଣକୁ ମିଶାଇ) ବା ଜିଏସ୍‌ଡିପିର ୩.୫ ପ୍ରତିଶତରେ ରଖିଛନ୍ତି। ଏହି ଋଣକୁ ବାଦ୍ ଦେଲେ ବିତ୍ତୀୟ ନିଅଣ୍ଟ ୨୯,୮୦୦ କୋଟିରେ (ଜିଏସ୍‌ଡିପିର ୨.୭ ପ୍ରତିଶତ) ରହିବା ନେଇ ଆକଳନ କରାଯାଇଛି।

ସେହିଭଳି ସରକାରଙ୍କ ଆୟରେ ନିଜସ୍ୱ ଟିକସ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱ ଯଥାକ୍ରମେ ୨୩ ପ୍ରତିଶତ ଲେଖାଏଁ ରହିଛି। କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଭାବେ ୨୨ ପ୍ରତିଶତ ଅର୍ଥ ପାଇବାକୁ ଥିବାବେଳେ କେନ୍ଦ୍ରୀୟ ଅନୁଦାନରୁ ୧୩ ପ୍ରତିଶତ ଅର୍ଥ ମିଳିବ। ଏଥିସହିତ ପୁଞ୍ଜି ଆୟ ୧୯ ପ୍ରତିଶତ ରହିବ।

ଆହୁରି ସରଳ ଭାବେ କହିଲେ, ମୋଟ ବଜେଟ୍‌ରେ ରାଜ୍ୟର ନିଜସ୍ୱ ଆୟ ୧,୪୧,୦୦୦ କୋଟି ଟଙ୍କା ରହିଛି। ଏଥିରୁ ନିଜସ୍ୱ ଟିକସ ରାଜସ୍ୱ ୭୦,୦୦୦ କୋଟି ଓ ଅଣଟିକସ ରାଜସ୍ୱ ୭୧,୦୦୦ କୋଟି ରହିଛି। କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଭାବେ ସରକାର ୬୭୪୬୦ କୋଟି ଟଙ୍କା ପାଇବେ। କେନ୍ଦ୍ରୀୟ ଅନୁଦାନ ବାବଦରେ ୪୦,୦୪୦ କୋଟି ଟଙ୍କା ପାଇବା ନେଇ ହିସାବ ଦିଆଯାଇଛି। ଅର୍ଥାତ୍ ଅର୍ଥ ଆୟୋଗ ସୁପାରିସ ଓ କେନ୍ଦ୍ରୀୟ ଅନୁଦାନ ବାବଦରେ ରାଜ୍ୟ ସରକାର କେନ୍ଦ୍ରଠାରୁ ଏଥର ମୋଟ ୧,୦୭,୫୦୦ କୋଟି ଟଙ୍କା ପାଇବେ। ରାଜ୍ୟର ମୋଟ ଋଣ ଭାର ୧,୫୫,୭୧୦ କୋଟି ଟଙ୍କାରେ ପହଞ୍ଚିଛି, ଯାହାକି ଜିଏସ୍‌ଡିପିର ୧୪.୧ ପ୍ରତିଶତ ବୋଲି ଦର୍ଶାଯାଇଛି।

ସାମାଜିକ କ୍ଷେତ୍ରଗୁଡ଼ିକୁ ଦେଖିଲେ ଶିକ୍ଷାକୁ ୪୨,୫୬୫ କୋଟି ବା ମୋଟ ବଜେଟ୍‌ର ୧୩.୭ ପ୍ରତିଶତ, ଜିଏସ୍‌ଡିପିର ୩.୮% ଅର୍ଥ ପ୍ରଦାନ କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ କ୍ଷେତ୍ରକୁ ୨୩,୧୮୨ କୋଟି ବା ମୋଟ ବଜେଟ୍‌ର ୭.୫ ପ୍ରତିଶତ ଏବଂ ଜିଏସ୍‌ଡିପିର ୨.୧ ପ୍ରତିଶତ ପ୍ରଦାନ କରାଯାଇଛି। ସାମାଜିକ ସୁରକ୍ଷାକୁ ୨୫,୨୦୮ କୋଟି ବା ବଜେଟ୍‌ର ୮.୧ ପ୍ରତିଶତ ଏବଂ ଜିଏସ୍‌ଡିପିର ୨.୩ ପ୍ରତିଶତ ପ୍ରଦାନ କରାଯାଇଛି। ମହିଳାମାନଙ୍କ ନିମନ୍ତେ ୧୮,୯୫୭ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହା ମୋଟ ବଜେଟ୍‌ର ୬.୧ ପ୍ରତିଶତ ଏବଂ ଜିଏସ୍‌ଡିପିର ୧.୭ ପ୍ରତିଶତ ରହିଛି।

କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ୪୨,୪୯୨ କୋଟି ଟଙ୍କା ଦିଆଯାଇଛି। ଏହା ମୋଟ ବଜେଟ୍‌ର ୧୩.୭ ପ୍ରତିଶତ ଓ ଜିଏସ୍‌ଡିପିର ୩.୮ ପ୍ରତିଶତ। ପୂର୍ବ ଥର ତୁଳନାରେ ଏଥର କୃଷି ବଜେଟ୍‌ରେ ୧୨.୩ ପ୍ରତିଶତ ଅଧିକ ଅର୍ଥ ଦିଆଯାଇଛି। ସେହିଭଳି ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ଲାଗି ୧୭,୮୫୫ କୋଟି, ଗ୍ରାମୀଣ ବିକାଶ ପାଇଁ ୪୪,୩୦୯ କୋଟି, ନଗର ଉନ୍ନୟନ ଲାଗି ୧୦୭୩୮ କୋଟି ଅର୍ଥ ପ୍ରଦାନ କରାଯାଇଛି। ବିଭାଗ ଅନୁସାରେ ଦେଖିଲେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ସର୍ବାଧିକ ୧୧ ପ୍ରତିଶତ ଅର୍ଥ ପ୍ରଦାନ କରାଯାଇଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ୧୦.୩ ପ୍ରତିଶତ ଅର୍ଥ ଦିଆଯାଇଛି।

## ଜଳ ଭିତ୍ତିଭୂମି ସୁଦୃଢ଼ ହେବ

ଭୁବନେଶ୍ୱର: ୨୦୨୬-୨୭ରେ ଜଳ ଭିତ୍ତିଭୂମି ଓ ଜଳସେଚନକୁ ସୁଦୃଢ଼ କରିବା ପାଇଁ ଅନେକ ଗୁଡ଼ିଏ ପଦକ୍ଷେପ ଘୋଷଣା କରାଯାଇଛି। ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ବଜେଟ୍‌ରେ ୧୦ କୋଟି ଟଙ୍କା ରଖାଯାଇଛି। ମହାନଦୀ ତଟବର୍ତ୍ତୀ ସୁରକ୍ଷା, ସହରାଞ୍ଚଳ ସହନଶୀଳତା ଓ ପର୍ଯ୍ୟଟନକୁ ପ୍ରୋତ୍ସାହନ ନିମନ୍ତେ ୮୦ କୋଟି ଟଙ୍କା ବ୍ୟୟରେ ମହାନଦୀ ନଦୀ କୂଳ ବିକାଶ ଯୋଜନା ଜାରି ରହିବ। ପୁରୁଣା ଓ କ୍ଷତିଗ୍ରସ୍ତ ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ପାଇଁ ଇମ୍ପ୍ରୁଭମେଣ୍ଟ୍ ଟୁ ଡାଇଭର୍ସନ ୱେର୍ସ ସ୍କିମ୍‌ରେ ୧୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ବିପର୍ଯ୍ୟୟ ପ୍ରସ୍ତୁତି ଓ ନଦୀ ପରିବହନ କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ୫୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିଭଳି ନଦୀ ଭିତରେ ଜଳାଶୟ ନିର୍ମାଣ ଯୋଜନା ପାଇଁ ୧ ହଜାର କୋଟି ଟଙ୍କା, ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଅଧୀନରେ ୧୮୦ କୋଟି, ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ୨୮୦ କୋଟି ଟଙ୍କାର ବ୍ୟୟବରାଦରେ ଚେକ୍ ଡ୍ୟାମ୍ ଓ ଜଳସେଚନ ସମ୍ଭାବନା ସୃଷ୍ଟି କରାଯିବ। ଏଥିସହିତ ପ୍ରାଚୀନ ନଦୀକୈନ୍ଦ୍ରିକ ଐତିହ୍ୟକୁ ପୁନରୁଜ୍ଜୀବିତ କରିବା ପାଇଁ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ସଞ୍ଜୀବନୀ ମାଧ୍ୟମରେ ଜଳ ସଂରକ୍ଷଣ ପଦକ୍ଷେପର ସଂପ୍ରସାରଣ ଜାରି ରହିବ। ଏଥିପାଇଁ ୧୦୦ କୋଟିର ବ୍ୟୟବରାଦ ବଜେଟ୍‌ରେ କରାଯାଇଛି।

୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଅତିରିକ୍ତ ଜଳସେଚନ ସୁବିଧା ଉପଲବ୍ଧ କରାଇବା ଲକ୍ଷ୍ୟ ରଖାଯାଇଛି। ୨୦୨୬-୨୭ରେ ୩ ଲକ୍ଷ ୩୩ ହଜାର ହେକ୍ଟର ଜମିରେ ଆଧୁନିକ ପ୍ରଯୁକ୍ତି ଏବଂ ଚାହିଦା ଆଧାରିତ ଜଳସେଚନ ପରିଚାଳନା ଲକ୍ଷ୍ୟ ରଖାଯାଇଛି। ଏହି ବର୍ଷ କୁସୁମି ସ୍ମାର୍ଟ ଜଳସେଚନ ପ୍ରକଳ୍ପକୁ ସାରିବା ସହିତ ଅନ୍ୟାନ୍ୟ ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଆଗକୁ ନେବେ।

ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା ଅଧୀନରେ ଚାଲୁଥିବା ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ପ୍ରକଳ୍ପ ସମାପ୍ତିକୁ ତ୍ୱରାନ୍ୱିତ କରିବା ଏବଂ ଉଚ୍ଚଭୂମି ଅଞ୍ଚଳଗୁଡ଼ିକରେ ଜଳସେଚନ ସୁବିଧା ପାଇଁ ୨୦୨୬-୨୭ ଆର୍ଥିକବର୍ଷରେ ୩୨ଟି ପ୍ରକଳ୍ପର ଲକ୍ଷ୍ୟ ରଖାଯାଇଛି। ବୃହତ୍ ଉଠା ଜଳସେଚନର ସଂପ୍ରସାରଣ, ୨୦ ହଜାର ଗଭୀର ନଳକୂଳ ଖନନ, ୨ ହଜାର ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ଏବଂ ଉଠା ଜଳସେଚନ ଭିତ୍ତିଭୂମିର ପୁନରୁଦ୍ଧାର ଏବଂ ସୁଦୃଢ଼ୀକରଣ ପାଇଁ ୨୦୨୯ କୋଟି ଟଙ୍କା ଏକ ସମନ୍ୱିତ ବଜେଟ୍ ବ୍ୟବସ୍ଥା ହୋଇଛି। ସେହିଭଳି ୨୦୨୬-୨୭ରେ ସେଚାଞ୍ଚଳ ଉନ୍ନୟନ ଓ ଜଳ ପରିଚାଳନା ଯୋଜନା ଅଧୀନରେ ଦକ୍ଷ ଜଳ ଯୋଗାଣକୁ ନିଶ୍ଚିତ କରିବା ପାଇଁ ୨୮୮ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ମୁଖ୍ୟମନ୍ତ୍ରୀ କେନାଲ ଲାଇନିଂ ଯୋଜନାରେ ୧୬୦ କିମି ନିର୍ମାଣ ନିମନ୍ତେ ୪୦୦ କୋଟି ଟଙ୍କା ଆବଣ୍ଟନ ରଖାଯାଇଛି। ଏହାବ୍ୟତୀତ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନା ଅଧୀନରେ ୧୮୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ଚାଲୁଥିବା ଜଳବାୟୁ ସହନଶୀଳ ଜଳବାୟୁ ସହନଶୀଳ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ଅଧୀନରେ ୩୪୫ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ବିଶ୍ୱବ୍ୟାଙ୍କ ସହାୟତାରେ ଡ୍ୟାମ୍ ଥଇଥାନ ଓ ଉନ୍ନତି କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟରେ ହୀରାକୁଦ ଡ୍ୟାମ୍‌ର ଅତିରିକ୍ତ ସ୍ପିଲ୍‌ୱେ ନିର୍ମାଣ, ନିରୀକ୍ଷଣାଧୀନ ନିୟନ୍ତ୍ରଣ ଓ ତଥ୍ୟ ସଂଗ୍ରହ ପ୍ରଣାଳୀ ବ୍ୟବହାର କରି ଗେଟ୍ ସ୍ୱୟଂଚାଳିତକରଣ ଏବଂ ବିପର୍ଯ୍ୟସ୍ତ ଡ୍ୟାମଗୁଡ଼ିକର ସର୍ଭେଭିତ୍ତିକ ଥଇଥାନ କାର୍ଯ୍ୟ ନିମନ୍ତେ ୧୧୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ୧୭୦୦ କିମି ନାଳ ଏବଂ ୨୫ ହଜାର ହେକ୍ଟର ଜଳବନ୍ଦୀ ଚାଷ ଜମିର ପୁନରୁଦ୍ଧାର ନିମନ୍ତେ ଜଳ ନିଷ୍କାସନ କାର୍ଯ୍ୟକ୍ରମ ଅଧୀନରେ ୩୬୫ କୋଟି ଟଙ୍କା ପ୍ରସ୍ତାବ ରହିଛି। ଡ୍ୟାମ୍, ବ୍ୟାରେଜ୍ ଓ ଆନ୍ତଃ-ନଦୀ ଜଳଭଣ୍ଡାରରେ ଥିବା ୫୭୩ଟି ଗେଟ୍‌କୁ ସ୍ୱୟଂଚାଳିତ କରିବା ପାଇଁ ୩୦ କୋଟିର ବଜେଟ୍ ବ୍ୟବସ୍ଥା ହୋଇଛି। ଏହାସହିତ ଅନ୍ୟାନ୍ୟ କେତେକ ଯୋଜନା ମଧ୍ୟ ବଜେଟ୍‌ରେ ଘୋଷିତ ହୋଇଛି।

## ମୟୂରଭଞ୍ଜ ଓ ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ

ଭୁବନେଶ୍ୱର, ୨୦/୨(ଇମିସ): ବଜେଟ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୀଳ ଅର୍ଥନୀତିକୁ ଗୁରୁତ୍ୱ ଦେଇଛନ୍ତି। ଅର୍ଥନୀତିର ଏକ ପ୍ରମୁଖ ଚାଳକ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ୨୦୪୭ ସୁଦ୍ଧା କୃଷି ଜିଏସ୍‌ଡିପିର ୨୦ରୁ ୨୫ ପ୍ରତିଶତ ଅଂଶ ହାସଲ ନେଇ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପାଇଁ ୨୦୨୯ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୧୦ ହଜାର ହେକ୍ଟରରୁ ଅଧିକ ପରିବେଶ ଅନୁକୂଳ ଜଳଚାଷକୁ ସଂପ୍ରସାରିତ କରି, ଚିଙ୍ଗୁଡ଼ି ରପ୍ତାନିକୁ ବାର୍ଷିକ ୨ ଲକ୍ଷ ଟନ୍ ବୃଦ୍ଧି କରି ୧୨ ହଜାର କୋଟି ଟଙ୍କା ଆୟ କରିବା, ନିଯୁକ୍ତି, ତାଲିମ ଏବଂ ଉଚ୍ଚ ଆୟ ମାଧ୍ୟମରେ ୨ ଲକ୍ଷରୁ ଅଧିକ ଚାଷୀଙ୍କୁ ଉପକୃତ କରିବା ପାଇଁ ଚିଙ୍ଗୁଡ଼ି ମିସନରେ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଏକ ଜଳଚାଷ ଓ ଚିଙ୍ଗୁଡ଼ି ରପ୍ତାନି ସେଲ୍ ଗଠନ ପ୍ରସ୍ତାବ ରହିଛି।

୫ ବର୍ଷ ମଧ୍ୟରେ ୧୫୦ଟି ନୂତନ ଗଭୀର ସମୁଦ୍ର ଜାହାଜ ନିର୍ମାଣ ଏବଂ ୫ ଶହ ଯାନ୍ତ୍ରିକ ଡଙ୍ଗାର ଉନ୍ନତୀକରଣ କରି ଆଧୁନିକ ମାଛ ବଜାର ସହିତ ପାରାଦୀପ, ଧାମରା, ଚାନ୍ଦିପୁର ଏବଂ ଅସ୍ତରଙ୍ଗରେ ବନ୍ଦରର ବିକାଶ କରାଯିବ। ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଅଧୀନରେ ୨୦୧ କୋଟି ଆବଣ୍ଟନ କରାଯାଇଛି। ଅସ୍ତରଙ୍ଗ ମାଛଧରା ବନ୍ଦରର ଆଧୁନିକୀକରଣ ଏବଂ ଗୋପାଳପୁରରେ ଗଭୀର ସମୁଦ୍ରରେ ମାଛଧରା ବନ୍ଦର ନିର୍ମାଣ ସମେତ ୪୦ଟି ହିତାଧିକାରୀଭିତ୍ତିକ ଯୋଜନାକୁ ପ୍ରଭାବଶାଳୀ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସଂପଦ ଯୋଜନା ଅଧୀନରେ ୨୪୫ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

ବଜେଟ୍‌ରେ ଓଡ଼ିଶାକୁ ୨୦୪୭ ସୁଦ୍ଧା ଅଣ୍ଡା, ଦୁଗ୍ଧ ଏବଂ ମାଂସ ଉତ୍ପାଦନ କ୍ଷେତ୍ରରେ ଆତ୍ମନିର୍ଭରଶୀଳ କରିବାକୁ ଲକ୍ଷ୍ୟ ରଖାଯାଇଛି। ବାର୍ଷିକ ୧୭୦୦ କୋଟି ଅଣ୍ଡା, ୨୭୪ ଲକ୍ଷ ଲିଟର ଦୁଗ୍ଧ ଏବଂ ୮ ଲକ୍ଷ ମେଟ୍ରିକ ଟନ୍ ମାଂସ ଉତ୍ପାଦନ କରିବା ପାଇଁ ବଜେଟ୍‌ରେ ଲକ୍ଷ୍ୟ ରଖାଯାଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାକୁ ବଜେଟରେ ୧୫୯ କୋଟି ଟଙ୍କା ଦିଆଯାଇଛି। ସେହିପରି ପ୍ରାଣୀ ସମୃଦ୍ଧି ଯୋଜନାରେ ୧୮୫ କୋଟି ଟଙ୍କାର ପ୍ରସ୍ତାବ ରହିଛି। ପଶୁ ରୋଗର ନିୟନ୍ତ୍ରଣ ପାଇଁ ଗୋମାତା ଯୋଜନାରେ ୫୭ କୋଟିର ପ୍ରସ୍ତାବ ରହିଛି।

ଉନ୍ନତ ପ୍ରାଣୀ ଚିକିତ୍ସା ପାଇଁ ସରକାର ଫୁଲନଖରାରେ ଏକ ୨୪ ଘଣ୍ଟିଆ ରେଫରାଲ ଚିକିତ୍ସାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରହିଛି। ଆଧୁନିକ ରୋଗ ନିର୍ଣ୍ଣୟ ସହିତ ଅନ୍ୟାନ୍ୟ ସୁବିଧା ଏହି ଚିକିତ୍ସାଳୟରେ ରହିବ। ଦୈନିକ ୧୦୦ ଆନ୍ତଃଗୃହ ପ୍ରାଣୀ ଓ ୩୦୦ ବହିର୍ବିଭାଗ ପ୍ରାଣୀଙ୍କୁ ରଖିବା କ୍ଷମତା ରହିବ। ଏଥିପାଇଁ ବଜେଟ୍‌ରେ ୧୦ କୋଟିର ବ୍ୟବସ୍ଥା ହୋଇଛି। ମୟୂରଭଞ୍ଜରେ ନୂଆ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦ କୋଟି ଟଙ୍କା ପ୍ରସ୍ତାବ ଦିଆଯାଇଛି। ଏହି ମହାବିଦ୍ୟାଳୟ ପାଇଁ ଜମି ଚିହ୍ନଟ ଏବଂ ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ଏହାବ୍ୟତୀତ ଚିପିଲିମାରେ ଏକ ପଶୁ ଚିକିତ୍ସା ବିଜ୍ଞାନ ମହାବିଦ୍ୟାଳୟ, ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ, ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ଏହି ପଦକ୍ଷେପଗୁଡ଼ିକ ପାଇଁ ମୋଟ ୩୦ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଅସହାୟ ପଶୁମାନଙ୍କୁ ଜରୁରୀକାଳୀନ ସେବା ଯୋଗାଇବା ପାଇଁ ରାଜ୍ୟରେ ୨୬ଟି ସ୍ଥାନରେ ଆମ୍ବୁଲାନ୍ସ ସେବା ସୁବିଧା ରହିଛି। ଏଥିପାଇଁ ୩୩ କୋଟି ଟଙ୍କା ବରାଦ କରାଯାଇଛି।


## ହୀରାକୁଦ ଅଞ୍ଚଳ ହେବ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ

୨୦୨୬-୨୭ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟରେ ପର୍ଯ୍ୟଟନ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟର ଉପକୂଳ ଓ ବେଳାଭୂମି ପର୍ଯ୍ୟଟନ ସହିତ ହୀରାକୁଦ ଜଳଭଣ୍ଡାର ଅଞ୍ଚଳରେ ସମନ୍ୱିତ ପର୍ଯ୍ୟଟନ ବିକାଶର ଲକ୍ଷ୍ୟ ରଖାଯାଇଛି। ହୀରାକୁଦ ଜଳଭଣ୍ଡାର ଅଞ୍ଚଳ ସମେତ ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ, ଦ୍ୱୀପ ସମୂହ ଓ ଆଖପାଖ ଜିଲ୍ଲାଗୁଡ଼ିକୁ ଅନ୍ତର୍ଭୁକ୍ତ କରି ଏକ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରାଯିବ। ଏହି ଅଞ୍ଚଳକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରାଯିବ ବୋଲି ବଜେଟ ଅଭିଭାଷଣରେ ଉଲ୍ଲେଖ ରହିଛି। ସେହିପରି ବେଳାଭୂମି ପର୍ଯ୍ୟଟନକୁ ଗୁରୁତ୍ୱ ଦିଆଯାଇଛି। ପୁରୀ ସଂଲଗ୍ନ ବେଳାଭୂମିରେ ୧୫ ଶହ ଏକର ଜମିରେ ବିଶ୍ୱମାନର ଶାମୁକା ପ୍ରକଳ୍ପ ସ୍ଥାପନ ସହ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ସ୍ଥାପନ କରାଯିବ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ସହିତ ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ଭିତ୍ତିଭୂମି ସ୍ଥାପନ କରାଯିବ।

## କାର୍ଯ୍ୟକାରୀ ହେବ ନଦୀ ସଂଯୋଗୀକରଣ ଯୋଜନା

ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ ଉଦ୍ଦେଶ୍ୟରେ ସରକାର ନଦୀ ସଂଯୋଗୀକରଣକୁ ଗୁରୁତ୍ୱ ଦେଇଛନ୍ତି। ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା କାର୍ଯ୍ୟକାରୀ ହେବ ବୋଲି ବଜେଟ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଘୋଷଣା କରିଛନ୍ତି। ଏଥିପାଇଁ ୨୦୨୬-୨୭ ବଜେଟରେ ୧୦ କୋଟି ଟଙ୍କାର ପ୍ରସ୍ତାବ ରହିଛି। ସେହିପରି ମହାନଦୀ ତଟବର୍ତ୍ତୀ ସୁରକ୍ଷା ଓ ପର୍ଯ୍ୟଟନ ପ୍ରୋତ୍ସାହନରେ ୮୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିବା ବେଳେ ବ୍ୟାପକ ବନ୍ୟା ପରିଚାଳନା ଯୋଜନାରେ ୫୩୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ 'ସଞ୍ଜୀବନୀ' ପାଇଁ ୧ ଶହ କୋଟି ଟଙ୍କାର ବ୍ୟୟବରାଦ ହୋଇଛି।

## ଏକ ଟଙ୍କାର ବଜେଟ୍




## ଶିଳ୍ପରୁ ଆସିବ କୋଟିଏ ଚାକିରି

ଭାରତ ସରକାରଙ୍କ ସହଯୋଗରେ ଓଡ଼ିଶା ଶିଳ୍ପ ଖଣିଜ ଆଧାରିତ ଅର୍ଥନୀତିକୁ ମଇକ୍ରୋଚିପ୍ ଆଧାରିତ ଉନ୍ନତ ଶିଳ୍ପ ଦିଗରେ ଅଗ୍ରସର ହେଉଛି। ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଇଲେକ୍ଟ୍ରୋନିକ୍ସ ଏବଂ ସବୁଜ ଶକ୍ତି ଭଳି ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ କ୍ଷେତ୍ରରେ ଓଡ଼ିଶା ମୂଲ୍ୟଯୁକ୍ତ ଉତ୍ପାଦନକୁ ପ୍ରୋତ୍ସାହିତ କରିବାକୁ ପ୍ରାଥମିକତା ଦେଉଛି। ୨୦୪୭ ସୁଦ୍ଧା ୧ କୋଟି ନିଯୁକ୍ତି ସୃଷ୍ଟି ପାଇଁ ରାଜ୍ୟ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଶିଳ୍ପ ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ପାଇଁ ୧୯୭୦ କୋଟି ଟଙ୍କାର ବ୍ୟୟବରାଦ ବଜେଟ୍‌ରେ କରାଯାଇଛି, ଯାହାକି ୨୦୨୩-୨୪ର ବ୍ୟୟବରାଦଠାରୁ ୧.୫ ଗୁଣ ଅଧିକ। ଇଡ୍‌କୋ ପକ୍ଷରୁ ଦୁଇଟି ଫାର୍ମା ପାର୍କ ସ୍ଥାପନ କରାଯିବ। ସେଥିରୁ ଗୋଟିଏ ନୟାଗଡ଼ରେ ଓ ଅନ୍ୟଟି ଖୋର୍ଦ୍ଧାରେ ହେବ। ନୟାଗଡ଼ରେ ୫୦୦ ଏକର ବିଶିଷ୍ଟ ଓଡ଼ିଶା ଫାର୍ମା ପାର୍କ ଏବଂ ଖୋର୍ଦ୍ଧାଠାରେ ୨୦୦ ଏକର ବିଶିଷ୍ଟ ଓଡ଼ିଶା ମେଡଟେକ୍ ପାର୍କ ସ୍ଥାପନ ନେଇ ଘୋଷଣା କରଯାାଇଛି। କାର୍ଯ୍ୟସ୍ଥଳ ନିକଟରେ ବାସିନ୍ଦାଙ୍କ ସାମାଜିକ ଭିତ୍ତିଭୂମି, ଉତ୍ପାଦକତା, ଧାରଣ ଏବଂ ଶ୍ରମିକଙ୍କ ସଂପୂର୍ଣ୍ଣତା ପାଇଁ ସୁବିଧା ସୃଷ୍ଟି କରାଯିବ। ଏଥିପାଇଁ ବଜେଟ୍‌ରେ ୧୦ କୋଟିର ବ୍ୟବସ୍ଥା କରାଯାଇଛି। ଏଥିସହିତ ଖଣି ପ୍ରଭାବିତ ଅଞ୍ଚଳର ବାସିନ୍ଦାଙ୍କ ଜୀବନ ମାନରେ ଉନ୍ନତି ଆଣିବା ଲାଗି ସିଏମ୍-ସଂପଦ ନାମରେ ଏକ ନୂଆ ଯୋଜନା ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏକ ବାସ୍ତବ-ସମୟ ଡ୍ୟାସବୋର୍ଡ ଏବଂ ଏକ ବହୁସ୍ତରୀୟ ସମୀକ୍ଷା ବ୍ୟବସ୍ଥାର ଉପଯୋଗ କରି ଏହା ସମାଜର ଦୁର୍ବଳ ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟସେବା, ବିଶୁଦ୍ଧ ଜଳ ଓ ଶିକ୍ଷା ଭଳି ଅତ୍ୟାବଶ୍ୟକ ସେବାର ଉତ୍ତରଦାୟୀ ଓ ପ୍ରଭାବଶାଳୀ ବିତରଣକୁ ନିଶ୍ଚିତ କରିବ। ଓଡ଼ିଶା ସାମୁଦ୍ରିକ ବୋର୍ଡ ଏବଂ ପାରାଦୀପ ବନ୍ଦର ପ୍ରାଧିକରଣ ସହଭାଗିତାରେ ୨୨ ହଜାର ୭ ଶହ କୋଟି ଟଙ୍କା ବିନିଯୋଗରେ କେନ୍ଦ୍ରାପଡ଼ାରେ ଏକ ଜାତୀୟ ବୃହତ୍ ଜାହାଜ ନିର୍ମାଣ କ୍ଲଷ୍ଟର ସ୍ଥାପନ କରାଯାଉଛି। ସାଗରମାଳା ଫାଇନାନ୍ସ କର୍ପୋରେସନ ଲିମିଟେଡର ୨୧,୫୦୦ କୋଟି ଟଙ୍କା ସହାୟତାରେ ଗଞ୍ଜାମର ବାହୁଦା ମୁହାଣରେ ଏକ ସବୁଦିନିଆ ସାଟେଲାଇଟ ବନ୍ଦର ନିର୍ମାଣ କରାଯାଉଛି। ଆଭ୍ୟନ୍ତରୀଣ କାର୍ଗୋ ପରିବହନରେ ଉନ୍ନତି ଆଣିବା ପାଇଁ ୧୨,୨୦୦ କୋଟି ଟଙ୍କାରେ ଜାତୀୟ ଜଳପଥ-୫ କାର୍ଯ୍ୟକ୍ଷମ ହେବ।

# ଭାରତ-ଇସ୍ରାଏଲ ମଧ୍ୟରେ ସ୍ୱାକ୍ଷରିତ ହେଲା ଐତିହାସିକ ଚୁକ୍ତି



## କୃଷିଠାରୁ ସାଇବର୍ ସୁରକ୍ଷା ପର୍ଯ୍ୟନ୍ତ ସବୁଥିରେ ବଢ଼ିବ ସହଯୋଗ

ଜେରୁଜେଲମ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୁଇଦିନିଆ ଇସ୍ରାଏଲ୍ ଗସ୍ତ ଅବସରରେ ଗୁରୁବାର ଭାରତ-ଇସ୍ରାଏଲ ମଧ୍ୟରେ କୃଷି, ସାଇବର ସୁରକ୍ଷା, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଶିକ୍ଷା ଓ ବାଣିଜ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏକାଧିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଜେରୁଜେଲମଠାରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପସ୍ଥିତିରେ ଏହି ଐତିହାସିକ ଚୁକ୍ତିନାମା ସବୁ ସମ୍ପନ୍ନ ହୋଇଛି, ଯାହା ଦୁଇ ଦେଶର ରଣନୀତିକ ସମ୍ପର୍କକୁ ଏକ ନୂତନ ଶିଖରକୁ ନେଇଯାଇଛି।

ଏହି ଚୁକ୍ତିଗୁଡ଼ିକ ମଧ୍ୟରେ ଭାରତୀୟ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ୟୁପିଆଇକୁ ଇସ୍ରାଏଲରେ ପ୍ରଚଳନ କରିବା ପାଇଁ ହୋଇଥିବା ବୁଝାମଣା ସବୁଠାରୁ ଉଲ୍ଲେଖନୀୟ ରହିଛି। ଏହା ବ୍ୟତୀତ ସମୁଦ୍ର ସମ୍ପଦର ବିକାଶ, ଜଳ ପରିଚାଳନା ଏବଂ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି ପାଇଁ ନିଷ୍ପତ୍ତି ନିଆଯାଇଛି। ଭାରତ-ଇସ୍ରାଏଲ୍ କୃଷି ନବସୃଜନ କେନ୍ଦ୍ର ପ୍ରତିଷ୍ଠା ମାଧ୍ୟମରେ ଭାରତୀୟ ଚାଷୀମାନଙ୍କୁ ଇସ୍ରାଏଲର ଉନ୍ନତ ଜ୍ଞାନକୌଶଳ ଯୋଗାଇ ଦିଆଯିବ। ପ୍ରଧାନମନ୍ତ୍ରୀ ମୋଦୀ ଏହି ସହଯୋଗକୁ ଏକ 'ସ୍ୱତନ୍ତ୍ର ରଣନୀତିକ ସହଭାଗିତା' ଭାବେ ବର୍ଣ୍ଣନା କରିବା ସହ ଆତଙ୍କବାଦ ବିରୋଧରେ ଦୁଇ ଦେଶ ଏକାଠି ଲଢ଼ିବା ନେଇ ସଙ୍କଳ୍ପବଦ୍ଧ ବୋଲି କହିଛନ୍ତି। ଏହି ଗସ୍ତ କାଳରେ ମୋଟ ୨୭ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ବିଶେଷ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା ଏବଂ ସମୁଦ୍ରକୂଳବର୍ତ୍ତୀ ଅଞ୍ଚଳର ବିକାଶ ପାଇଁ ନୀଳ ଅର୍ଥନୀତି ଉପରେ ଗୁରୁତ୍ୱ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଦୁଇ ଦେଶର ବିଶ୍ୱବିଦ୍ୟାଳୟ ମଧ୍ୟରେ ଗବେଷଣା ବୃଦ୍ଧି ପାଇଁ ମଧ୍ୟ ସହମତି ପ୍ରକାଶ ପାଇଛି। ପ୍ରଧାନମନ୍ତ୍ରୀ ମୋଦୀ ଇସ୍ରାଏଲର ସଂସଦ କ୍ନେସେଟ୍‌କୁ ସମ୍ବୋଧିତ କରି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଇତିହାସ ରଚିଛନ୍ତି।

ପ୍ରଧାନମନ୍ତ୍ରୀ ନେତ ନ୍ୟାହୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଦୁଇ ଦେଶର ସରକାର, ଶିଳ୍ପ ଏବଂ ଲୋକମାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ସମ୍ପର୍କ ବଜାୟ ରଖିବା ଲାଗିନିଜ ରପ୍ରତିବଦ୍ଧତାକୁ ଦୋହରାଇଥିଲେ। ଏହାର ଏକସାଧାରଣ ଦୃଷ୍ଟିକୋଣ ରହିଛି ଏବଂ ତାହା ହେଉଛି ଏକ ସ୍ଥାୟୀ ଭାରତ-ଇସ୍ରାଏଲ ଭାଗିଦାରୀ ଗଢ଼ିବା। ଏହା ଆମର ଜ୍ଞାନ ଆଧାରିତ ଅର୍ଥ ବ୍ୟବସ୍ଥାର ମହତ୍ୱାକାଂକ୍ଷାକୁ ବ୍ୟବହାର କରି ସୃଜନଶୀଳତା, ପ୍ରଯୁକ୍ତି, ସହଭାଗିତା ଏବଂ ପାରସ୍ପରିକ ସଫଳତାବଳରେ ଦୃଢ଼ଭବିଷ୍ୟତ ଗଢ଼ିବ।

## 'ଦୁଇଟି ଟିମରେ ହେବ ରତ୍ନଭଣ୍ଡାର ଗଣତି ମଣତି'



ପୁରୀ: ରତ୍ନଭଣ୍ଡାର ଗଣତି ମଣତି ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇ କହିଛନ୍ତି, ରାଜ୍ୟ ସରକାରଙ୍କ ଅନୁମୋଦିତ ଏସଓପି ଆମର ହସ୍ତଗତ ହୋଇଛି। ୧୪ ପୃଷ୍ଠାର ଏକ ବିସ୍ତୃତ ଏସଓପି ଆମର ହସ୍ତଗତ ହୋଇଛି । ଗଣତି ମଣତି ପାଇଁ ୨ଟିମ ଗଠନ ପାଇଁ ନିଷ୍ପତ୍ତି ହୋଇଛି ।ଦୁଇଟି ଯାକ ଟିମକୁ ମୁଖ୍ୟ ପ୍ରଶାସକ ଲିଡ କରିବେ । ତତ୍ତ୍ୱାବଧାରକ ଟିମ ଓ କାର୍ଯ୍ୟବାହୀ ଟିମ ଗଠନ କରାଯିବ । କେଉଁଦିନ ଠାରୁ ଗଣତି ମଣତି ହେବ ପରିଚାଳନା କମିଟି ସ୍ଥିର କରିବା।ନୀତିବହୁଳ ଦିନମାନଙ୍କରେ ଗଣତିମଣତି ହୋଇପାରିବ ନାହିଁ । ଆଜିଠୁ ନୀଳାଦ୍ରି ବିଜେ ମଧ୍ୟରେ ଆମ ପାଖରେ ୧୩୫ ଦିନ ରହିଛି । ମାତ୍ର ଏହି ୧୩୫ ଦିନ ଭିତରୁ ୧୦୦ ଦିନ ଗଣତି ମଣତି ହୋଇ ପାରିବନି। ନୀଳାଦ୍ରିବିଜେ ଭିତରେ ଗଣତି ମଣତି ପାଇଁ ଆମକୁ କେବଳ ୨୪ ଦିନ ମିଳିବ। ଗଣତି ମଣତିରେ ଏସବିଆଇ ପ୍ୟାନେଲଭୁକ୍ତ ୬ ବଣିଆଙ୍କୁ ସାମିଲ କରାଯିବ । ଜଣେ ଜେମୋଲୋଜିଷ୍ଟ ଓ ଆରବିଆଇର ୨ ଜଣ ଅଧିକାରୀ ମଧ୍ୟ ରହିବେ ।



ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ୍ ନୂଆଦିଲ୍ଲୀରେ ଭାରତୀୟ ଜନ ଯୋଗାଯୋଗ ସଂସ୍ଥାନ (ଆଇଆଇଏମସି)ର ନୂତନ ଏକାଡେମିକ୍ ବ୍ଲକ ଏବଂ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ଏବଂ ଆଇଆଇଏମସିର କୁଳପତି ଅଶ୍ୱିନୀ ବୈଷ୍ଣବ; ଆଇଆଇଏମସିର କୁଳପତି ଡକ୍ଟର ପ୍ରଜ୍ଞା ପାଲିୱାଲ ଗୌର, ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।




**ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ପୁରୀ**

**PROJECT DIRECTOR, ATMA, PURI**

Krushi Bhawan, C.T. Road, email ID-puriagriculture@gmail.com

**ପ୍ରଗତି ପଥେ ଆତ୍ମା, ପୁରୀ**

- **ସି.ଏମ୍.କିଷାନ-** ଏତଦ୍ୱାରା ଜଣାଇବାକୁ ଚାହୁଁକି, ସି.ଏମ୍. କିଷାନ ଯୋଜନାର ବାଧ୍ୟତାମୂଳକ ଆବଶ୍ୟକତା, ଯଥା ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ଏବଂ କୃଷକ ଓଡ଼ିଶା ପୋର୍ଟାଲରେ ପଂଜୀକରଣ ପୂରଣ କରିନଥିବା ହିତାଧିକାରୀମାନେ ଆଧାର ଲିଙ୍କ୍ ଥିବା ମୋବାଇଲ ନମ୍ବର ଜରିଆରେ ଇ.କେୱାଇସି ସହିତ ନିକଟସ୍ଥ ଜନସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସି.ଏମ୍.କିଷାନ ପୋର୍ଟାଲରେ ପଂଜୀକରଣ କରାଇ ନିଅନ୍ତୁ। ପଂଜୀକରଣ ଶେଷ ତାରିଖ ୨୭ ଫେବୃୟାରୀ ୨୦୨୬ ଅଟେ। ଏହି ସମୟସୀମା ମଧ୍ୟରେ ପଂଜୀକରଣ କରିନଥିବା ହିତାଧିକାରୀମାନେ ଯୋଜନାରୁ ବାଦ ପଡ଼ିପାରନ୍ତି।
- **କୃଷକ ରେଜିଷ୍ଟ୍ରି -** ସରକାରଙ୍କର ଡିଜିଟାଲ କୃଷି ଅଧିନରେ କୃଷକ ପଂଜୀକରଣ ଜାରୀ ରହିଛି। ସମସ୍ତ ବର୍ଗର ଚାଷୀ ଓ ପି.ଏମ୍.କିଷାନ ହିତାଧିକାରୀ ଆଧାର କାର୍ଡ, ଆଧାର ସଂପୃକ୍ତ ମୋବାଇଲ ନମ୍ବର, ନିଜ ନାମରେ ଥିବା ଜମି ପଟା ନେଇ ନିକଟସ୍ଥ ଜନସେବା କେନ୍ଦ୍ର, ବ୍ୟକ୍ତିଗତସ୍ତର, ଗ୍ରାପଞ୍ଚାୟତ ସ୍ତରରେ ନିଯୁକ୍ତ ସହାୟକ ନିକଟକୁ ଯାଇ କୃଷକ ରେଜିଷ୍ଟ୍ରି ପୋର୍ଟାଲରେ ପଂଜୀକରଣ କରାଇ ନିଅନ୍ତୁ। ଜମିଜମା ରେକର୍ଡ ନିଜ ନାମରେ ନ ଥିଲେ ନିକଟସ୍ଥ ତହସିଲ କାର୍ଯ୍ୟାଳୟରେ ଯୋଗାଯୋଗ କରି ଜମପଟା /ROR ରେ ନାମ ସଂଶୋଧନ କରାଇ ନିଅନ୍ତୁ।

ସ୍ୱା/-ପ୍ରକଳ୍ପ ନିର୍ଦ୍ଦେଶକ,
କୃଷି ବୈଷୟିକ ପରିଚାଳନା ସଂସ୍ଥା (ଆତ୍ମା), ପୁରୀ












ପୁରୀ ବେଳାଭୂମିର ସ୍ୱର୍ଗଦ୍ୱାରଠାରେ ଗୋବିନ୍ଦ ଦ୍ୱାଦଶୀ ସ୍ନାନ ସମିତି ଦ୍ୱାରା ଗୋବିନ୍ଦ ଦ୍ୱାଦଶୀ ସ୍ନାନ ଅନୁଷ୍ଠିତ ହୋଇଯାଇଛି

# ବ୍ଲକ୍ ସ୍ତରୀୟ ଆଇନ ସଚତନତା କାର୍ଯ୍ୟକ୍ରମ ଶିବିର

ପୁରୀ: କାକଟପୁର ବ୍ଲକ ରେ ଓଡ଼ିଶା ମହିଳା କମିଶନ ତରଫରୁ ତଥା ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ସହଯୋଗରେ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମହିଳା କମିଶନ ସଦସ୍ୟା ଶ୍ରୀମତି ଉର୍ମିଳା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ, କାକଟପୁର ବ୍ଲକର ଅଧ୍ୟକ୍ଷ ଶ୍ରୀ ଶ୍ରୀଧର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀ ନାରାୟଣ ଦିକ୍ଷୀତି ସମ୍ମାନନୀୟ ଅତିଥି ଭାବରେ ଯୋଗଦେଇ ଥିଲେ, ତତ୍ ସହିତ ଶିଶୁ ବିକାଶ ଅଧିକାରୀ, ପିଉଷ ମୟୀ ପଣ୍ଡା,ଜିଲ୍ଲାର ପୋଗ୍ରମ୍ ଅଫସର, ସୁହାଗି ହେମ୍ବ୍ରମ୍ ଉପଖଣ୍ଡ ଲୋକସଂପର୍କ ଅଧିକାରୀ ଶ୍ରୀ ପ୍ରଦୀପ୍ତ କୁମାର ସେନାପତି ଓ ଶକ୍ତି ସଦନ, ସଖୀ ସେଣ୍ଟର କର୍ମକର୍ତ୍ତା, ଜନ ପ୍ରତିନିଧି ,ଛାତ୍ରୀ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ମା ଓ ଭଉଣୀ ମାନେ, କିଶୋରୀ ବାଳିକାମାନେ ଯୋଗ ଦେଇଥିଲେ, ଓଡିଶା ମହିଳା କମିଶନ ସଦସ୍ୟା ଶ୍ରୀମତି ଉର୍ମିଳା ମହାପାତ୍ର ମହୋଦୟା ନିଜ ବକ୍ତବ୍ୟରେ ନାରୀମାନେ କିପରି ଆଜିର ସମାଜରେ ସମ୍ମାନ ର ସହିତ କିପରି ସୁରକ୍ଷିତ ଭାବେ ପରିବାରରେ ରହିବା ଦରକାର , କାକଟପୁର ବ୍ଲକର ଗୋଷ୍ଠି ଉନ୍ନୟନ ଅଧିକାରୀ ତାଙ୍କ ବଂକ୍ତବ୍ୟ ରେ ପ୍ରକାଶ କରିଥଲେ ଘରେଇ ହଂସା, ଯୌତୁକ ନିର୍ଯାତନା, ବାଲ୍ୟ ବିବାହ ଏପରି ଏକ ଘୃନ୍ୟ ବ୍ୟବସ୍ତା ବନ୍ଦ କରିବା ପାଇଁ ଓଡିଶା ମହିଳା କମିଶନ ର ସାହାଯ୍ୟ ନେବା ଆବଶ୍ୟକ, ଯିଏ ସମସ୍ୟାରେ ପଡୁଛନ୍ତି ସ୍ୱର ଉତ୍ତୋଳନ ସହିତ ଅଭିଯୋଗ କରିବା ନିହାତି ଆବଶ୍ୟକ, ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ସନ୍ତୋଷ କୁମାର ସାହୁ ଓ ମୋହନ ସୁନ୍ଦର ଜେନା ବିଭିନ୍ନ ମହିଳା ସୁରକ୍ଷିତ ଆଇନ୍ ବିଷୟରେ ତାଲିମ ପ୍ରଦାନ କରିଥଲେ, କାର୍ଯ୍ୟକ୍ରମର ସଭା ପରିଚାଳନା କରିଥଲେ ମୁଖ୍ୟ ସୁପରଭାଇଜର ବଲ୍ୟବତୀ ମହାନ୍ତି, ଶେଷରେ ପୋଗ୍ରାମ ଅଫସର ଧନ୍ୟବାଦ ଅର୍ପଣ କରି ସଭା କାର୍ଯ୍ୟ ଶେଷ କରିଥିଲେ




# କାହା ପାଇଁ ଗଣମାଧ୍ୟମ ?

**ପୂର୍ଣ୍ଣେନ୍ଦୁ ପଟ୍ଟନାୟକ**

ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ର ପାକ୍ଷିକ ସମ୍ବାଦ ପତ୍ର ର ଶୁଭ ସ୍ୱନକ୍ଷତ୍ର ଉପଲକ୍ଷେ ସମ୍ବାଦ ପତ୍ରର ପ୍ରକାଶକ,ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନଙ୍କୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଗତ ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏକ ବିତର୍କିତ ଅଧିବେଶନ ର ଆୟୋଜନ କରାଯାଉଛି ସମ୍ବାଦ ପତ୍ର ତରଫରୁ ସେଥି ପାଇଁ ମୁଁ ଖୁବ୍ ଆନନ୍ଦିତ ମଧ୍ୟ ଚଳିତ ବର୍ଷ ର ମୋର ଆନନ୍ଦ ର ଖୋରାକ ଦେଇଛି ଚଳିତ ବର୍ଷ ର ବିଷୟବସ୍ତୁ ସ୍ୱାଧୀନତା ପରବର୍ତ୍ତୀ ସମୟ ରେ ଭାରତ ରେ ଗଣମାଧ୍ୟମ ଲୋକଙ୍କ ହିତରେ ନା ରାଜନୈତିକ ସ୍ୱାର୍ଥ ରେ। ଗଣମାଧ୍ୟମ ମୋର ଜ୍ଞାନରେ ମୁଁ ଯାହା ଜାଣିଛି ଏହାକୁ ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ କୁହାଯାଏ।ଏହି ଚତୁର୍ଥ ସ୍ତମ୍ଭ ର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ଏହାକୁ ଆମେ ଜନତା ଓ ଶାସକ ଗୋଷ୍ଠୀ ଭିତରେ ଏକ ସୂଚନା ର ସେତୁବନ୍ଧ ବୋଲି କହି ପାରିବା। ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଲୋକଙ୍କ ସ୍ୱର ସାଜିଥିଲା ଗଣତନ୍ତ୍ର। ଅତୀତର ଅନେକ ଘଟଣା ସ୍ୱାଧୀନଚେତା ଗଣମାଧ୍ୟମ ପାଇଁ ନୂଆ ମୋଡ଼ ନେଇଛି ଆଉ ସେତେବେଳର ଶାସକ ଗୋଷ୍ଠୀ ଜନତାଙ୍କ ଅପେକ୍ଷା ଅଧିକ ଉତ୍ତର ଦାୟୀ ଗଣମାଧ୍ୟମ ନିକଟରେ ରହୁଥିଲେ। ଯେଉଁଥି ପାଇଁ ଉଭୟ ସମ୍ପର୍କ ଥିଲା କିନ୍ତୁ ବିଗତ ଦୁଇ ଦଶନ୍ଧି ଭିତରେ ଏ ସମ୍ପର୍କ ଭାଙ୍ଗି ଯାଇଛି ବୋଲି ଅନେକ ଅନୁଭବ କରନ୍ତି।ତାର ଦୁଇଟି କାରଣ ବୋଲି ଆମେ କହିପାରିବା ପ୍ରଥମ କାରଣ ଟି ହେଉଛି ଶାସକ ଓ ବିରୋଧିଙ୍କ ଲୋଲୁପ ଦୃଷ୍ଟି ଗଣମାଧ୍ୟମ ଉପରେ ପଡ଼ିଛି ଏବଂ ଦ୍ୱିତୀୟ କାରଣ ଟି ହେଉଛି ଗଣମାଧ୍ୟମର ମାଲିକ ମାନେ ଅଧିକ ବ୍ୟବସାୟିକ ମନୋବୃତ୍ତି ଆପଣାଉଛନ୍ତି।ଯଦି ଗଣମାଧ୍ୟମ ନିରପେକ୍ଷତା ଅବଲମ୍ବନ ନ କରି ଖବର ବା ସୂଚନା ପ୍ରସାରଣ ଓ ପ୍ରକାଶିତ କରନ୍ତି ତେବେ ଜନତା ଭ୍ରମରେ ପଡିବା ଛଡ଼ା ଅନ୍ୟକିଛି ହେବନାହିଁ। ଗତ କିଛି ବର୍ଷ ତଳୁ ଆଉ ଏକ ଧାରା ମଧ୍ୟ ଗଣମାଧ୍ୟମ ଜଗତରେ ଦେଖିବାକୁ ମିଳୁଛି। ଭାରତର ଅନେକ ବଡ ବଡ ଶିଳ୍ପଦ୍ୟୋଗୀ ଗଣମଧ୍ୟାମ କୁ ଏକ ବ୍ୟବସାୟ ଭାବେ ଗ୍ରହଣ କରି ଏଥିରେ ପ୍ରବେଶ କରିଛନ୍ତି। ଏବଂ ଆବଶ୍ୟକତା ସମୟ ରେ ନିଜ ସ୍ୱାର୍ଥ ସାଧନ କରିବା ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଛନ୍ତି ଯାହାର ନଜିର ବିଗତ ଦିନରେ ଆମେ ଦେଖିଛେ। ସେହିପରି ସାମ୍ବାଦିକତାକୁ ବୃତ୍ତି ଭାବେ ଗ୍ରହଣ କରିଥିବା ଅନେକ ପ୍ରତିଷ୍ଠିତ ସାମ୍ବାଦିକ ମଧ୍ୟ ଏହି ଢାଞ୍ଚାରେ ନିଜକୁ ସାମିଲ କରିସାରିଲେଣି। ଅବଶ୍ୟ ଅନେକ ନିରପେକ୍ଷ ସାମ୍ବାଦିକ ମାନେ ଏଥିରୁ ବିରତି ନେଇ ନିଜସ୍ୱ ମତ କୁ ସ୍ୱାଧୀନ ଭାବେ ଉପସ୍ଥାପିତ କରୁଛନ୍ତି ଯାହା ଏବେବି ସ୍ୱଚ୍ଛ ଓ ନିରପେକ୍ଷ ସାମ୍ବାଦିକତା କୁ ନେଇ ମନ ଭିତରେ ଆଶା ସଂଚାର କରେ। ଆମେ ଯଦି ଗଣମାଧ୍ୟମ ଓ ଶାସକଙ୍କ ମଧ୍ୟରେ ସମଦୂରତା ରକ୍ଷା କରିପାରିବା ତେବେ ଯାଇ ଜନତାଙ୍କ ମଙ୍ଗଳ ହୋଇ ପାରିବ। ପ୍ରକୃତରେ ବର୍ତ୍ତମାନ ସେହି ସମୟ ଆସିଯାଇଛି ଯେତେବେଳେ ଏ ବିଷୟ ରେ ଆମକୁ ମାନସ ମନ୍ଥନ କରିବାକୁ ପଡ଼ିବ।ଆମକୁ ନୂଆ ଦିଶା ଅନୁସନ୍ଧାନ କରିବାକୁ ପଡ଼ିବ।ଏଥିପାଇଁ ଗଣମଧ୍ୟମ ର ମାଲିକ ମାନଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ।ଗଣମାଧ୍ୟମ ମାଲିକ ମାନେ ଯଦି ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବେ ତେବେ ଏହି ଧାରାରେ ପରିବର୍ତ୍ତନ ଆସିପାରେ। ତାହେଲେ ଯାଇ ୨୦୪୭ ମସିହାରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ ବେଳକୁ ଆମେ ଗଣମାଧ୍ୟମ ର ଏକ ନୂଆ ନିରପେକ୍ଷ ଓ ସ୍ୱଚ୍ଛ ରୂପ ଆମେ ଦେଖିବାକୁ ପାଇ ପାରିବା।

**ବଳଭଦ୍ର ଗଳି, ପୁରୀ**

# ସାହିଯାତ ନେଇ ସୁରକ୍ଷା ବୈଠକ



ପୁରୀ: ଆଗକୁ ଆସୁଛି ସାହିଯାତ। ପରେ ପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା । ଏଣୁ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାଙ୍କ ଯାତାୟାତ ଓ ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେଉଛନ୍ତି ଏସ୍‌ପି ପ୍ରତୀକ ସିଂ । ଶୁକ୍ରବାର ଗଉନ୍ ଥାନା ଅଧୀନ କାଳିକାଦେବୀସାହି ଗଣ୍ଡମାଳ ଜାଗା ପରିସରରେ ଏସ୍‌ପି ଶ୍ରୀ ସିଂଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଅଧିବାସୀମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏସ୍‌ପି ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଆଗାମୀ ଦିନରେ ସାହିରେ ଯେଭଳି ନିଶା ଓ ଅପରାଧମୁକ୍ତ ହେବ ଏବଂ ସାହିଯାତ, ରଥଯାତ୍ରା ସମେତ ଅନ୍ୟ ପର୍ବପର୍ବାଣୀ ସମୟରେ ପୁଲିସ ସହ ମିଳିତ ଭାବେ ସୁପରିଚାଳନା କରିବା ହିଁ ପୁଲିସର ଲକ୍ଷ୍ୟ। ଟ୍ରାଫିକ କଟକଣାଠାରୁ ଆରମ୍ଭ କରି ଆପାତକାଳୀନ ସେବା, ସାଧାରଣ ଲୋକଙ୍କ ସୁରକ୍ଷା ପୁଲିସର ପ୍ରଥମ ଦାୟିତ୍ୱ । ଆଗକୁ ଆସୁଥିବା ପାରମ୍ପରିକ ସାହିଯାତକୁ ଅତ୍ୟନ୍ତ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିବା ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ଏସ୍‌ପି । ଉକ୍ତ ବୈଠକରେ ସିଟି ଡିଏସ୍ ରଶ୍ମିରଞ୍ଜନ ମହାପାତ୍ର, ଟାଉନ୍ ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାଶ, ଟ୍ରାଫିକ ଆଇଆଇସି ସଙ୍ଗୀତା ଦାଶଙ୍କ ସମେତ କମିଟିସ ଭ୍ୟ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦାମାନେ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମହୋଦଧିରେ ...

ପୁରୀ କହିଛନ୍ତି, ଗୋବିନ୍ଦ ଦ୍ୱାଦଶୀ ସ୍ନାନ ସମ୍ପର୍କରେ ବାମଦେବ ସଂହିତା, ବାୟୁ ପୁରାଣ, ବ୍ରହ୍ମାଣ୍ଡ ପୁରାଣ, ବିଷ୍ଣୁ ଧର୍ମୋତ୍ତର ଆଦି ଶାସ୍ତ୍ରରେ ବର୍ଣ୍ଣନା ରହିଛି। ଅମୃତ ବେଳାରେ ସ୍ନାନ କଲେ ସମସ୍ତ ପାତକ ନାଶ ହୁଏ ବୋଲି ଶାସ୍ତ୍ର ବର୍ଣ୍ଣିତ ହୋଇଛି। ପରିବର୍ତ୍ତନ ଓଡ଼ିଶା, ଶ୍ରୀକ୍ଷେତ୍ର ମଠାଧୀଶ ସେବା ସଂଘ, ଶ୍ରୀମନ୍ଦିର ଛତିଶା ନିଯୋଗ, ଆଠସାହି ଆଖଡ଼ା, ଶ୍ରୀଜଗନ୍ନାଥ ସେବା ସଂସ୍ଥାନ, ବିଶ୍ୱହିନ୍ଦୁ ପରିଷଦ, ପଞ୍ଚତୀର୍ଥ ସେବାୟତ, ବଜରଙ୍ଗ ଦଳ ସହ ଅନ୍ୟ ସଂଗଠନ ସହଯୋଗରେ ଏହାକୁ ଭବ୍ୟ ଆକାରରେ ପାଳନ କରାଯାଇଛି। ଉତ୍ତରପାର୍ଶ୍ୱ ମଠର ନାରାୟଣ ରାମାନୁଜ ଦାସ, ସାବୁତ ନିଯୋଗ ସମ୍ପାଦକ ବିପିନ ପତ୍ରୀ, ମହାସୁଆର ନିଯୋଗ ସମ୍ପାଦକ ଗଣେଶ୍ୱର ମହାସୁଆର, ଲୋକନାଥ ମନ୍ଦିର ସେବାୟତ ସଂଘ ସଭାପତି ରବିନାରାୟଣ ପଣ୍ଡା, ଆଠସାହି ଆଖଡ଼ା ସଂଯୋଜକ ନରେନ୍ଦ୍ର ମହାନ୍ତି, ପରିବର୍ତ୍ତନ ଓଡ଼ିଶା ସଭାପତି ଜିତେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ସନ୍ଥସାମିଲ ହୋଇଥିଲେ।

### ମଧ୍ୟପ୍ରାଚ୍ୟରେ...

ବୃଦ୍ଧି ପାଇଛି।

ଆମେରିକା ଏବଂ ବ୍ରିଟେନ ପରି ଦେଶଗୁଡ଼ିକ ସ୍ଥିତି ଉପରେ ନଜର ରଖିଛନ୍ତି ଏବଂ ନିଜର ନାଗରିକମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ଆକ୍ରମଣ ପରେ ଇରାନ୍ ନିଜ ଆକାଶମାର୍ଗ ସିଲ୍ କରିଛି। ଇସ୍ରାଏଲ ମଧ୍ୟ ନିଜ ଆକାଶମାର୍ଗ ସିଲ୍ କରିବା ସହ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି।

# IN SERVICE OF THE PEOPLE: MEDIA INDEPENDENCE IN THE AGE OF AI

DR RAJEEV KUMAR PANDA

Media independence is the foundation of a healthy democracy. In a country as diverse and vibrant as India, the media plays a crucial role in shaping public understanding. It informs citizens, explains policies, highlights social issues, and encourages dialogue. An important question before us today is simple yet significant: does the media consistently serve public interest, or does it sometimes drift toward political interest? This question is not about criticism. It is about reflection and responsibility.

Public interest means serving the needs of citizens. It includes reporting on education, health, employment, environment, rural development, gender issues, and governance. It means focusing on matters that affect daily life. Political reporting is also necessary in a democracy. Policies, elections, debates, and legislative developments must be covered with depth and fairness. However, when coverage becomes excessively personality-driven or reactive, long-term public concerns may receive less attention. Balance is therefore essential.

Media independence does not only mean freedom from interference. It also means freedom for responsibility. Journalists must have the freedom to question and investigate. At the same time, they must follow ethical standards. Independence becomes meaningful when it is guided by truth, verification, and public welfare.

To strengthen this orientation, news organizations should clearly define their editorial mission. A public statement of values can guide newsroom decisions. Clear separation between news, analysis, and opinion is equally important. Readers should easily understand what is factual reporting and what is commentary. Transparency in ownership patterns and revenue sources further builds trust. When audiences know how a media organization functions, confidence increases.

Another important step is institutional accountability. Newsrooms can appoint ombudspersons or public editors. They can publish corrections and clarifications prominently. Explaining editorial decisions fosters openness. Such practices do not weaken credibility; they strengthen it.

Today, the media environment is changing rapidly. Digital platforms allow information to spread within seconds. This speed has improved access to information. At the same time, it has created new challenges. One of the most serious challenges is misinformation.

Misinformation is false information shared without harmful intent. Disinformation is false information created and shared deliberately to mislead. Both weaken public trust. They create confusion and sometimes deepen social divisions. In the digital ecosystem, misleading content often travels faster than verified news.

In such circumstances, professional journalism must act as a stabilizing force. Verification must come before amplification. Newsrooms should avoid sensational headlines. They must cross-check claims, especially those trending on social media. Dedicated fact-checking desks can help. Collaboration with independent verification networks can improve accuracy. Data journalism can counter misleading narratives with evidence and context.

The tone of reporting also matters. Even when debunking false claims, media must avoid unnecessary repetition of unverified information. Clarity, not virality, should guide decisions. Responsible journalism values accuracy over speed.

Another major transformation is the rise of Artificial Intelligence. AI tools are now used for data analysis, automated news writing, translation, and audience analytics. These tools can improve efficiency and expand reach. They can help journalists analyze complex datasets and detect patterns.

However, AI also introduces risks. Deepfakes and AI-generated audio or video can appear authentic. Synthetic content can damage reputations and distort public discourse. Therefore, media organizations must adopt AI carefully. Clear guidelines on AI use are necessary. If AI assists in content production, it should be transparently disclosed. Human editorial oversight must remain central. AI should support journalists, not replace editorial judgment. Training journalists to detect manipulated content is equally important.

Media independence also depends on internal discipline. There must be a clear separation between editorial and commercial interests. Sponsored content should be labeled clearly. Revenue pressures should not influence factual reporting. Diverse ownership structures and sustainable business models can reduce vulnerabilities. When economic foundations are stable, editorial independence becomes stronger.

Professional behavior in newsrooms must reflect maturity and balance. Journalists should seek diverse sources. They should represent different regions, communities, and perspectives. They should avoid language that increases polarization. Contextual reporting is essential. Complex issues require explanation, not simplification.

Journalism education has a critical role to play. Media schools must combine skill with conscience. Ethics, media law, digital literacy, and AI awareness should be central to the curriculum. Students should practice fact-checking and community reporting. They must understand that journalism is not merely a profession; it is a public service.

Citizens also influence the media environment. Audiences who value credible journalism create demand for responsible content. Supporting quality journalism through subscriptions and engagement helps sustain independence. Media literacy programs in schools and colleges can empower young people to evaluate information critically.

Redefining media independence is not about blaming any institution or political actor. It is about strengthening systems and habits. Policymakers can ensure supportive legal frameworks that protect freedom of expression. Media organizations can improve transparency and accountability. Technology platforms can cooperate in limiting harmful misinformation. Academic institutions can conduct research that guides best practices.

In the end, media independence rests on trust. Trust grows when journalism is fair, verified, and transparent. It grows when mistakes are corrected openly. It grows when technology is used responsibly. It grows when the primary commitment remains to the people.

India's democratic strength lies in its diversity and dialogue. The media is a vital part of this democratic fabric. Its freedom is valuable. Its responsibility is equally valuable. True independence is not only freedom from pressure. It is fidelity to purpose. When the media consistently places public interest at the center of its mission, it strengthens democracy and serves the nation with dignity.

Dean, School of Mass Communication,
Fashion Technology and
Film & Media Sciences

# Public Interest or Political Interest ?

BIBHU PRASAD MISHRA

### Redefining Media Independence in India

The idea of media independence in India has always existed in tension— between serving the public interest and navigating political influence. In theory, a free press acts as the fourth pillar of democracy, holding power accountable. In practice, however, the lines between public interest journalism and political interest often blur.

### Public Interest: The Democratic Ideal

Public interest journalism prioritizes:

- Accountability and transparency
- Protection of constitutional values
- Amplification of marginalized voices
- Fact-based, evidence-driven reporting

From covering corruption scandals to reporting on social justice issues, Indian media has historically played a powerful watchdog role. During pivotal moments— such as the Emergency era (1975- 77)— sections of the press resisted censorship, reinforcing the media's democratic responsibility.

### Political Interest: Influence and Alignment

Political interest in media emerges through:

- Ownership patterns tied to political actors
- Government advertising as financial leverage
- Selective access to information
- Narrative framing that aligns with ruling or opposition parties

India's media landscape today reflects growing consolidation, where large corporate conglomerates own multiple television, print, and digital platforms. This concentration raises concerns about editorial autonomy when business interests intersect with political power.

### Structural Pressures on Media Independence

Several factors complicate media independence in India:

1. Economic Dependence - Declining subscription revenue has increased reliance on advertising, including government ads.
2. Regulatory and Legal Pressures - Defamation laws, sedition provisions, and regulatory bodies can create chilling effects.
3. Digital Disruption - Social media has democratized voices but also amplified misinformation and polarization.
4. Polarized Audiences - Media outlets increasingly cater to ideological segments, reinforcing echo chambers.

### Rethinking "Independence"

True media independence may not simply mean freedom from government control. It must include:

- Transparent ownership structures
- Strong editorial firewalls between management and newsroom
- Sustainable funding models (subscriptions, reader-supported journalism)
- Ethical standards enforced internally and externally

The debate, therefore, is not merely "public interest vs political interest." It is about redefining independence in a complex democracy where media, markets, and politics are deeply intertwined.

The Way Forward

### For India, strengthening media independence requires:

- Media literacy among citizens
- Legal reforms protecting press freedom
- Independent regulatory frameworks
- Support for public service journalism

Ultimately, media independence is not a static condition— it is a continuous negotiation between power and responsibility. The question remains: will the media prioritize democratic accountability, or will political alignment define its future ?

puribibhu@gmail.com,
Mob: 9337622020

# INFLUENCE OF SRI JAGANNATH CULTURE ON SOCIO-ECONOMIC AND RELIGIOUS LIFE OF THE PEOPLE OF ODISHA.

DR. JAGANNATH MOHANTY

The sacred place of Puri or Purusottam in the East assumed increasing prominence through ages as one of the four famous Dhams, others being Badrinath in the North, Dwaraka in the West and Rameswaram in the South. It was recognised by Adi Shankaracharya as one of the eminent places of pilgrimage in the eighth century A.D. Puri assumed more and more importance as great Vaishnava Acharyas like Sri Ramanuja, Sri Vishnuswami, Sri Nimbark and Sri Madhavacharya visited this place. Subsequently, it was visited by great saints of various religious communities namely Nanak, Kabir, Sri Chaitanya and so on. It was compared with Kashi, Mathura, Vrindavan, Ujjain, Prayag, Gaya, Ayodhya and other sites of pilgrimage.

Lord Jagannath is the presiding deity of Puri and a prominent symbol of Hindu Kingdom. The Gajapati King of Puri was recognized as the supreme royal authority, for safeguarding the hoary traditions and long-ranging rituals, year-round festivals with all Pujas, Veshas, Prasads and Mahaprasads. But the king did not claim any supremacy rather he was humble, loyal, devoted and committed to the famous traditions and heritage honoured by all sections of Hindu community. The king however, felt himself as the first servant of Lord Jagannath although he is ever regarded as the moving god (Chalanti Vishnu), the temporal incarnation of god.The glory of Lord Jagannath and supremacy of the king are acknowledged by all as part and parcel of every day life from birth of a child to the first day of the new year as per the royal Anka calculation. Although over the years hundreds of kings came into existence in Orissa and India, the Gajapati King was given utmost recognition as the source of strength and inspiration, great cultural and religious sanctity. The day-to-day life of the people, customs and traditions, the ceremonies and festivals are influenced by him. The birth, marriage, engagements, Upanayan, even death of individuals are marked by influences of the celestial blessings, instructions, guidance and approval. Even roads and buildings are constructed, bridges are installed with some rituals as per the approval of Sri Jagannath. Puri is connected with all important places and regions throughout the country with roads, railways and flights. Due to increasing number of pilgrims the British government also constructed the network of communication from the ancient times. Pilgrims and devotees pay visits to Lord Jagannath from every nook and corner of India. Due to strong attraction of God they grow in number day by day. Particularly they gather in thousands during festivals and ceremonies like Rath Yatra (Car Festival), Durga Puja, Jhulan, Govind Dwadashi, Snana Purnima and so on. Mahaprasad is regarded as the sacred food cherished by everybody and for preparation of the Prasad and Mahaprasad huge amount of rice, flour, vegetable, milk, sugar, ghee etc are required and these materials are imported from various places. For all these activities, a large number of people and transport facilities are engaged throughout the year. Thousands of people, artists, artisans, producers and priests are employed through generations.

Specific potteries and paintings are required at a large scale. Pandas and Purohits, Pandits, dancers and musicians are engaged in various rituals and festivities. Various specific services are rendered by people through hereditary arrangements. Previously hundred of acres were given to these people through endowments. The systems of Pattachitra paintings, the Chamar Seva and of the Devadasis are very specific to the Puri temple. The 'Chamar Seva' is a special service rendered to gods and it is a right enjoyed by some people. Similarly Chitrakaras are required for preparing Pattachitra and painting the idols of gods etc in the temple and cars during festivals. These people mostly live in some lanes in and around the Puri town and the village like Raghurajpur. Similarly various kinds of potteries are prepared by some people who enjoy this right through endowments of land from ancient times. Devadasi system was prevalent for entertaining the Gods, but this system is going to end shortly.

The Orissan art, literature and music are influenced immensely by Sri Jagannath Culture. The traditional Mahari dance Odishi dance, classical songs, are mostly developed under the influence of Lord Jagannath and His favourite lyrics of Geet Govind composed by the immortal poet Jayadev. Many poems and fictions are also written under the influence of Sri Jagannath culture. A lot of folk tales, folk songs, proverbs Chautisas etc. are also influenced by Sri Jagannath culture. Mahaprasad has acquired a special and significant position in the life and religion of Odisha. The cookery of Srimandir is known as the largest cooking system. The sanctity of this holy food is boundless and it is known as a sacred bond between gods and men and among the people. It is interesting to note that Mahaprasad is not only delicious, but also enjoyed by all irrespective of caste, creed and religion. This is also given priority before serving any other food in a feast. It strengthens the bondage between castes and relations. Especially newly formed bondages of marriage are solemnized by Mahaprasad. The Mahaprasad is prepared daily many times inside the temple very scientifically. Even during the Car Festival, Mahaprasad is cooked in Gundicha Mandir and taken by thousands of people.

It is thus found that Sri Jagannath Culture has a great impact on the socio-religious and economic life of Oriya people in particular and Hindu community in general. A deep sanctity and significance is attached to the culture of Lord Jagannath not only by Hindus, but also by many people belonging to other religions. Particularly. Srimandir, Sri Jagannath and His allied objects are given great honour and reverence by the people of Odisha. Lord Jagannath is not only the presiding deity, but also His temple is regarded as the nerve centre controlling all aspects and spheres of Oriya people.

Prof. (Dr) Jagannath Mohanty lives at Plot No.2935, Gouri Nagar, Bhubaneswar-2.

# THE JAGANNATH TEMPLE OF MANIPUR

SANTOSH KUMAR MOHANTY

Not only in Odisha; but 'Jagannath' culture has spread out all over India and world also. We know it very well that now a days some countries are celebrating the Car Festival of Lord Jagannath.

Before some days I went to Manipur for some work. Manipur is one of the smallest states in our country haveing a population of 23,88,634 as per 2001 Census (provisional record).

I spent some days in hilly and natural areas of Manipur when I saw 'Bahuda Ratha Jatra' of Lord Jagannath in the capital city Imphal

Lord Jagannath, Lord Balabhadra and Devi Shubhadra are being worshipped in Govindji Temple. That temple is divided by two parts. One part is for Lord Jagannath; and another side is for Lord Govindji (Radha Krishna).

The height of this temple is near about 66 feet. Govindji temple's architectural style is different from other temples. That temple looks like a 'Gambuja' which neither South Indian nor North Indian style.

The worship of Lord Jagannath was started in 1832 during the reign of king Ganibhir Singh. In the British period Lord Govindji and Lord Jagannath were worshipped in one temple at Kanglasha, the old capital of Manipur. This new temple was built by king Churachand in the year 1908.

The idols of the deities are made of mango wood. According to a worshipper all idols were made of




mango wood by the suggestion of Puri Pandas.

One small Jagannath Murti is installed in place of Sudarshan under the three idols of Lord Jagannath, Lord Balabhadra and Devi Subhadra. In Puri Jagannath temple 'Sudarshan, is there. But in place of Sudarshan, idol of Jagannath is being worshipped since long time in Manipur. A mythological animal 'kanglasha' is placed in kneeled down position under the Ratna Singhashan. That animal is with a body of half lion and half Dragon which is the state emblem of Manipur.

Interestingly the three idols have hands with palms. In my knowledge, Garoi Ashrama at Naugan in the District of Jagatsinghpur is having such idols of Trinity having hands with palms and fingers. I visited some states all over India; but I have never seen palms in the hands of Jagannath idol. This is the uniqueness of Jagannath idols of Manipur.

During the Ratha Yatra (Kangchingba) festival, the Pahandi of Lord Jagannath is very attractive. Thousands of devotees attired with white dress dance in musical tuning. That scene looks very attractive and feels with spirituality in heart and mind, which is beyond description.

When I knew that one Jagannath temple is there (Manipur), before commencement of Rathayatra I went to the temple campus and met some Pujaks and trustee board members for having discussion on Jagannath Culture in Manipur. That time I came to know about the legend of Jagannath and what is the difference between Puri culture and Manipur culture? When did Jagannath culture started in Manipur ? I asked some basic questions; but I could not get the satisfactory answers.

Then I saw one book on Jagannath culture, titled - 'Sri Sri Jagannath Upasana', written by Nabakumar Singh in Manipuri language in Bengali Scripts and two small books available in trustee board office about Jagannath culture. That time I thought; if I will come another time, I will deeply analysis about Jagannath culture in Manipur.

at Dua, Durga Nivas, Borikina, district Jagatsinghpur.

## ନୀତିଶିକ୍ଷା

ଆତ୍ମା ଅବିନଶ୍ୱର

ଆତ୍ମା ବା ଅରେ ଦ୍ରଷ୍ଟବ୍ୟଃ ଶ୍ରୋତବ୍ୟୋ ମନ୍ତବ୍ୟୋ ନିଦିଧ୍ୟାସିତବ୍ୟଃ ।।

ବୃହଦାରଣ୍ୟକ ଉପନିଷଦରେ ଯାଜ୍ଞବଲ୍‌କ୍ୟ ଋଷିଙ୍କ ଜୀବନୀ ବିଷୟରେ କୁହାଯାଇଛି । ଋଷି ଯାଜ୍ଞବଲ୍‌କ୍ୟଙ୍କର ଦୁଇଜଣ ପତ୍ନୀଥିଲେ । ଜଣେ ହେଲେ କାତ୍ୟାୟନୀ ଓ ଅନ୍ୟଜଣେ ମୈତ୍ରେୟୀ । ଉପରୋକ୍ତ ବାକ୍ୟଟି ଏହି ଉପନିଷଦରେ ଯାଜ୍ଞବଲ୍କ୍ୟ ଋଷି ମୈତ୍ରେୟୀଙ୍କୁ ଉପଦେଶ ଦେବାକୁ ଯାଇ ବୁଝାଇଛନ୍ତି ଯେ - ହେ ମୈତ୍ରେୟୀ! ଆତ୍ମା ହେଉଛି ଯାହା ପ୍ରକୃତରେ ଦେଖିବା (ସାକ୍ଷାତ କରିବା) ଯୋଗ୍ୟ । ଗୁରୁଙ୍କ ମୁଖରୁ ସେହି ଆତ୍ମା ବିଷୟରେ ଶୁଣିବା ଉଚିତ୍ ତଥା ତର୍କ ଏବଂ ଯୁକ୍ତି ସହିତ ଯାହା ଶୁଣାଯାଏ ତାହା ଉପରେ ଚିନ୍ତନ କରିବା ଉଚିତ୍ ଓ ଆତ୍ମାକୁ ନିରନ୍ତର ଧ୍ୟାନ କରିବା କିମ୍ବା ଅନୁଭବ କରିବା ଉଚିତ୍।

ଆତ୍ମା ଅବିନଶ୍ୱର ଓ ଐଶ୍ୱରିକ ।

ଯାଜ୍ଞବଲ୍କ୍ୟ ଋଷିଙ୍କର ଆନ୍ତରିକ ଇଚ୍ଛା ଥିଲା ଗୃହତ୍ୟାଗ କରି ସନ୍ନ୍ୟାସ ଜୀବନଯାପନ କରିବା । ତେଣୁ ନିଜ ସମ୍ପତ୍ତିକୁ ଦୁଇଭାଗ କରି ଦୁଇ ପତ୍ନୀଙ୍କୁ ଅର୍ପଣ କରିବା ଇଚ୍ଛା ସେ ପ୍ରକାଶ କରନ୍ତେ, କାତ୍ୟାୟନୀ ସେ ପ୍ରସ୍ତାବ ଗ୍ରହଣ କରିନେଲେ । କିନ୍ତୁ ମୈତ୍ରେୟୀ ତାଙ୍କୁ ପ୍ରଶ୍ନ କଲେ, -" ଆପଣ ଘରଦ୍ୱାର ଛାଡ଼ି ବାହାରେ ବୁଲି କ'ଣ କରିବାକୁ ଇଚ୍ଛା କରୁଛନ୍ତି, ତାହା ନିଶ୍ଚିତ ଉଚ୍ଚକୋଟୀର କର୍ମ ହୋଇଥିବ" । ଋଷି ଯେତେବେଳେ କହିଲେ ଯେ ସେ ଅମର ଆତ୍ମାର ସନ୍ଧାନରେ ଯିବେ, ସେତେବେଳେ ମୈତ୍ରେୟୀ କହିଲେ ସେ କୌଣସି ସମ୍ପତ୍ତି ଗ୍ରହଣ କରିବେ ନାହିଁ । କାରଣ ପୃଥିବୀର ସକଳ ଧନରତ୍ନ ମଧ୍ୟ ତାଙ୍କୁ ଅମରତ୍ୱ ଦେଇ ପାରିବ ନାହିଁ । ମୈତ୍ରେୟୀ କହିଲେ ଯାଜ୍ଞବଲ୍‌କ୍ୟଙ୍କ ଠାରୁ ଆତ୍ମା ବିଷୟରେ ଜ୍ଞାନଲାଭ କରିବାକୁ ତାଙ୍କର ଇଚ୍ଛା ।ତପ୍ରେ ଯାଜ୍ଞବଲ୍‌କ୍ୟ ଋଷି ପତ୍ନୀ ମୈତ୍ରେୟୀଙ୍କ ସହ କଥାବାର୍ତ୍ତା କଲାବେଳେ ଆତ୍ମାର ଏକ ସୁନ୍ଦର ଓ ମହତ୍ୱପୂର୍ଣ୍ଣ ବର୍ଣ୍ଣନା କରିଛନ୍ତି ଏବଂ କହିଛନ୍ତି ଯେ ପ୍ରେମ ହିଁ ଆତ୍ମା ଯାହାକି ଭଗବାନଙ୍କ ଉପରେ

ଗର୍ବ



ଭବତୋଷ ତ୍ରିପାଠୀ

ପର୍ଯ୍ୟବସିତ ।


ଋଷି ଯାଜ୍ଞବଲ୍‌କ୍ୟଙ୍କ ଉକ୍ତି : "ନ ବା ଅରେ ପତ୍ନୀ କାମାୟ ପତିଃ ପ୍ରିୟୋ ଭବତି, ଆତ୍ମନସ୍ତୁ କାମାୟ ପତିଃ ପ୍ରିୟୋ ଭବତି ‖ ନ ବା ଅରେ ଜାୟାୟୈଃ କାମାୟା ଜାୟା ପ୍ରିୟା ଭବତି, ଆତ୍ମନସ୍ତୁ କାମାୟ ଜାୟା ପ୍ରିୟା ଭବତି ‖ ନ ବା ଅରେ ସର୍ବସ୍ୟ କାମାୟ ସର୍ବଂ ପ୍ରିୟଂ ଭବତି, ଆତ୍ମାନସ୍ତୁ କାମାୟ ସର୍ବଂ ପ୍ରିୟଂ ଭବତି ॥"

ଅର୍ଥାତ୍ - ପତ୍ନୀ ପାଇଁ ପତି ପ୍ରିୟ ତା' (ପତି) ନିଜ ପାଇଁ ପାଇଁ ନୁହେଁ, ବରଂ ପତି ମଧ୍ୟରେ ଲୁକ୍କାୟିତ ଆତ୍ମା ପାଇଁ । ସେହିପରି ପତ୍ନୀ ପତିର ପ୍ରିୟ ତା' ନିଜ ପାଇଁ ନୁହେଁ, ବରଂ ତା' (ପତ୍ନୀ) ମଧ୍ଯରେ ବାସ କରୁଥିବା ଆତ୍ମା ପାଇଁ । ଜଣେ ପୁତ୍ର ବା ଜଣେ କନ୍ୟା ଏତେ ପ୍ରିୟ ସେମାନଙ୍କ ନିଜ ପାଇଁ ନୁହେଁ, ବରଂ ସେମାନଙ୍କ ମଧ୍ୟରେ ଉପସ୍ଥିତ ଆତ୍ମା ପାଇଁ । ମୁଁ ଭଲପାଉଥିବା ଯେ କୌଣସି ବସ୍ତୁ ତା' ନିଜ ପାଇଁ ନୁହେଁ, ବରଂ ତା' ନିଜ ମଧ୍ୟରେ ଲୁକ୍କାୟିତ ତା' ଆତ୍ମା ପାଇଁ ପ୍ରିୟ । ଯାହାକିଛି ମୁଁ ଭଲପାଏନା କାହିଁକି, ତା' ଭିତରେ ମୁଁ ଆତ୍ମାକୁ ହିଁ ଦେଖିପାରେ ।

ମର୍ମବାଣୀ : ଆମେ ଲୋକମାନଙ୍କର ରୂପ ବା ଚେହେରା ପ୍ରତି ଯଦିଓ ଆକୃଷ୍ଟ ହୋଇଥାଉ କିନ୍ତୁ ପ୍ରକୃତରେ ଦେଖିବାକୁ ଗଲେ ଆକୃଷ୍ଟ ହୋଇଥାଉ ସେମାନଙ୍କ ଭିତରେ ଲୁକ୍କାୟିତ ଥିବା ଐଶ୍ୱରିକ ସତ୍ତା ଦେଖି । ଯେଉଁ ଶକ୍ତିର ଚୁମ୍ବକୀୟ ଆକର୍ଷଣରେ ପଥର ତରଳିଯାଏ । ସେ ଶକ୍ତିକୁ ଯଦି ଆମେ ଚିହ୍ନି ପାରିବା, ନିଜ ଭିତରେ ଅନୁଭବ କରିବା, ତେବେ ଆମ ଜୀବନ ଧନ୍ୟ ।

## ରାଶିଫଳ

॥ ଓଁ ଶ୍ରୀ ଦୁର୍ଗାମାଧବାଭ୍ୟାଂ ନମଃ ॥



ପଣ୍ଡିତ ଶ୍ରୀ ପଦ୍ମନାଭ ତ୍ରୀପାଠୀ ଶର୍ମା
ଶ୍ରୀ ଲୋକନାଥ ରୋଡ, ହାତୀଶାଳ
ପୁରୀ : ୭୯୭୮୪୬୪୬୩୯



**ମେଷ:** ଏହିମାସଟି ଆପଣଙ୍କର ଶୁଭ କାରକ ହେବ। ଆର୍ଥିକ ସ୍ଥିତି ଭଲ ରହିବା। ଚାକିରୀ କ୍ଷେତ୍ରରେ ସମ୍ମାନ ଯୋଗ ରହିଛି। ବ୍ୟବସାୟୀମାନେ ଲାଭବାନ ହେବେ। ଛାତ୍ରଛାତ୍ରୀ ସୁଖୀ ହେବେ।

**ବୃଷ:** ଏହିମାସଟି ଆପଣଙ୍କ ପାଇଁ ଅନୁକୂଳ ରହିବ। କର୍ମ କ୍ଷେତ୍ରରେ ଭଲ ରହିବା ସହ ଦେହ ସୁସ୍ଥ ରହିବ। ପାରିବାରିକ ଜୀବନ ଭଲ ରହିବ। ଚାକିରୀ କ୍ଷେତ୍ରରେ ଶୁଭ ଯୋଗ ଅଛି। ଛାତ୍ରଛାତ୍ରୀ ମାନେ ଶିକ୍ଷାରେ ମନଦେବେ।

**ମିଥୁନ:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭ ରହିବ। କର୍ମକ୍ଷେତ୍ରରେ ମାନ୍ଦାବସ୍ଥା ଲାଗିରହିପାରେ। ପାରିବାରିକ ଜୀବନରେ ଅଶାନ୍ତି ହୋଇପାରେ। ବ୍ୟବସାୟରେ ମଧ୍ୟମ ଲାଭ ପାଇବେ। ବିଦ୍ୟାର୍ଥୀମାନେ ଚିନ୍ତାଶୀଳ ରହିବେ।

**କର୍କଟ:** ଏହି ମାସଟି ଆପଣଙ୍କର ସେତେ ଶୁଭ କାରକ ହେବନାହିଁ। କର୍ମକ୍ଷେତ୍ରରେ ବ୍ୟୟ ହୋଇପାରେ। ପାରିବାରିକ ଜୀବନରେ ଅଯଥା ଅଶାନ୍ତି ଆସିବ। ବ୍ୟବସାୟ ମଧ୍ୟ୍ୟମ ରହିବ। ଛାତ୍ରଛାତ୍ରୀଙ୍କର ବିଦ୍ୟାକ୍ଷେତ୍ରରେ ଉର୍ନତି ରହିବ।

**ସିଂହ:** ଏହି ମାସଟି ଆପଣଙ୍କର ଭଲରେ କଟିବ। ଦେହ ଓ ମନ ଭଲ ରହିବ। ଆୟ ଭଲ ହେବ। ପାରିବାରିକ ଜୀବନରେ ସୁଖସମୃଦ୍ଧି ରହିବ। ବ୍ୟବସାୟରେ ଭଲ ଲାଭ ହେବ। ବିଦ୍ୟାର୍ଥୀମାନେ ପଢ଼ାରେ ଉଚ୍ଚଫଳ ପାଇବେ।

**କନ୍ୟା:** ଏହିମାସଟି ଆପଣଙ୍କର ବ୍ୟସ୍ତ ଓ ଅସ୍ଥିର ଦେଇ ଗତିକରିବ। କର୍ମ ସଂସ୍ଥାରେ ସମସ୍ୟା ଆସିପାରେ। ପାରିବାରିକ ଜୀବନ ସେତେ ଭଲରହିବ ନାହିଁ। ଚାକିରୀ କ୍ଷେତ୍ରରେ ଅଯଥା ଅପବାଦ ଆସିପାରେ।ଛାତ୍ରଛାତ୍ରୀମାନେ ମାନସିକ ଚାପଦେଇ ଗତି କରିବେ।

**ତୁଳା:** ଏହି ମାସଟି ଆପଣଙ୍କର ମଧ୍ୟମ ଫଳ ମିଳିବ। ସାମାନ୍ୟ ଅସୁସ୍ଥତା ଆସିପାରେ। କର୍ମକ୍ଷେତ୍ର ଭଲ ରହିବା ସହିତ ଆର୍ଥୀକ ସ୍ଥିତି ସୁଧୁରିବ। ପାରିବାରିକ କ୍ଷେତ୍ରରେ ଭଲ ରହିବ। ଚାକିରୀ କ୍ଷେତ୍ର ମଙ୍ଗଳ କାରକ ହେବ। ଛାତ୍ରଛାତ୍ରୀ ମାନେ ହଠାତ ଭ୍ରମଣ କରିବେ।

**ବିଛା:** ଏହି ମାସଟି ଆପଣଙ୍କର ମଧ୍ୟମ ଶୁଭ ହେବ। ଦେହମନ ଭଲରହିବା ସହ ନୂଆ ଆଶା ସୃଷ୍ଟି ହେବ। ପାରିବାରିକ ସ୍ଥିତି ଭଲରହିବ। ଚାକିରୀ କ୍ଷେତ୍ରରେ ପ୍ରଶଂସା ମିଳିବ। ଛାତ୍ରଛାତ୍ରୀ ଗୁରୁଜନମାନଙ୍କୁ ଭକ୍ତି କରିବେ।

**ଧନୁ:** ଏହି ମାସଟି ଆପଣଙ୍କ ପାଇଁ ଶୁଭକାରକ ହେବ। କର୍ମକ୍ଷେତ୍ରରେ ଦକ୍ଷତା ବଢ଼ିବ। ବ୍ୟବସାୟ ଭଲ ହେବା ସହିତ ପାରିବାରିକ ଜୀବନ ମାଙ୍ଗଳିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ଚାକିରୀରେ ସ୍ଥାନ ପରିବର୍ତ୍ତନ ହୋଇପାରେ। ଛାତ୍ରଛାତ୍ରୀଙ୍କର ପରୀକ୍ଷାରେ ଭଲହେବ

**ମକର:** ଏହିମାସଟି ଆପଣଙ୍କର ସେତେ ଶୁଭକାରକ ନୁହେଁ। ବହୁକାର୍ଯ୍ୟରେ ଦ୍ୱନ୍ଦ୍ୱ ଲାଗିରହିବ। କର୍ମକ୍ଷେତ୍ରରେ ଶୀଥିଳତା ଲାଗିରହିବ। ପାରିବାରିକ ଜୀବନରେ ସମସ୍ୟା ଆସିପାରେ। ଚାକିରୀ କ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନ ଆସିପାରେ। ଛାତ୍ରଛାତ୍ରୀ ମାନେ ପଢ଼ାରେ କୃତିତ୍ୱ ଲାଭ କରିବେ।

**କୁମ୍ଭ:** ଏହି ଏହିମାସଟି ଆପଣଙ୍କର ଅସ୍ଥିର ଦେଇ ଗତିକରିବ। ଅନେକ ବାହ୍ୟ କାର୍ଯ୍ୟରେ ଲିପ୍ତ ରହିବେ। ଅଯଥା ବ୍ୟୟ ଆସିପାରେ। ପାରିବାରିକ ଜୀବନ ଭଲ ରହିବ।ବ୍ୟବସାୟରେ ଉତ୍ତମ ଲାଭ ପାଇବେ।ଛାତ୍ରଛାତ୍ରୀ ମାନେ ଚିନ୍ତିତ ରହିବେ।

**ମୀନ:** ଏହିମାସଟି ଆପଣଙ୍କ ପାଇଁ ଶୁଭ ହେବନାହିଁ। ଅଯଥାରେ ଝଗଡା ହେଇପାରେ। କର୍ମକ୍ଷେତ୍ରରେ ଅଶାନ୍ତି ଆସିବ। ଚାକିରୀରେ ସ୍ଥାନାନ୍ତର ହୋଇ ପାରେ। ବ୍ୟବସାୟରେ ଲାଭ କମ ହେବ ଛାତ୍ରସଯାତ୍ରୀ ଅନ୍ୟ ଆଡେ ମନଦେଇ ପଢ଼ାରେ ପଚାଇବେ।




# ରାଜ୍ୟସ୍ତରୀୟ ବିଏଫ-୦୭ କ୍ଲାସିକ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ସୋମନାଥ ଜାଲି ଚାମ୍ପିୟନ ଅଫ ଚାମ୍ପିୟନ୍ସ







ପୁରୀ: 'ଭବାନୀ ଫିଟନେସ' ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଏଫ-୦୭ କ୍ଲାସିକ ଚାପ୍ଟର-୩ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଚାମ୍ପିୟନ୍ସ ଅଫ ଚାମ୍ପିୟନ୍ସ ହୋଇଛନ୍ତି ସୋମନାଥ ଜାଲି । ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ତାଙ୍କୁ ୩୧ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ଓ ମେଡାଲ ଦେଇ ପୁରସ୍କୃତ କରାଯାଇଛି । ଟାଉନ ହଲରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରତିଭା ପ୍ରଦର୍ଶନ କରିଥିଲେ । ବିଭିନ୍ନ ବର୍ଗରେ ପ୍ରତିଯୋଗିତା ହୋଇଥିଲା । ବରମୁଡା ଚାମ୍ପିୟନ୍ସ ହୋଇଛନ୍ତି ଦୀପକ କୁମାର ଦାଶ। ଡେନିମ ଜିନ୍ସ ଚାମ୍ପିୟନ ହୋଇଛନ୍ତି ରୁଦ୍ରନାରାୟଣ ମାହାଲି। ମହିଳା ବର୍ଗରେ ଓମେନ ଗ୍ଲାମର ବିଜେତା ହୋଇଛନ୍ତି ଲକ୍ଷ୍ମୀପ୍ରିୟା ପାତ୍ର। ସ୍ୱତନ୍ତ୍ର ବର୍ଗରେ ବିଜେତା ହୋଇଥିବା କୃତୀ ପ୍ରତିଯୋଗୀଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଏଥିସହ ୧୧ଟି ବର୍ଗରେ ପ୍ରଥମରୁ ତୃତୀୟ କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫୧୦୦, ୩୧୦୦, ୨୧୦୦ ଟଙ୍କା ଲେଖାଏଁ ଅର୍ଥରାଶି ସହ ଟ୍ରଫି, ମେଡାଲ ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପ୍ରାକ୍ତନ ନଗରପାଳ ଗୌରହରି ପ୍ରଧାନ, ସଦର ଥାନା ଅଧିକାରୀ ସୁନୀଲ ପ୍ରଧାନ,ସାମାଜିକ କର୍ମୀ ବଦ୍ରି ମିଶ୍ର, ମଧୁସୂଦନ ମିଶ୍ର, ରାଜେଶ କୁମାର ମହାନ୍ତି, ବିଶ୍ୱନାଥ ମିଶ୍ର ,ମନୋଜ ରଥ, ଅନିଲ କୁମାର ସାହୁ, ଆଦର୍ଶ କୁମାର, ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରିଥିଲେ। ପୀୟୂଷ ଏବଂ ଶ୍ୟାମ ପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଜିମ୍‌ର ମୁଖ୍ୟ ଭବାନୀ ଶଙ୍କର ସାହୁ ଙ୍କ ଉଦ୍ୟମ ରେ ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ରଞ୍ଜନ ମହାନ୍ତି,ଆଦର୍ଶ କୁମାର ପ୍ରଧାନ ଓ ଚନ୍ଦନ ମହାପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

# ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ

କଟକ: ଅବକାରୀ ବିଭାଗକୁ ଅତ୍ୟାଧୁନିକ ଓ ସଶକ୍ତ କରାଯିବ। ରାଜ୍ୟ ସରକାର ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ରୋକିବା ଉପରେ ଗୁରୁତ୍ୱ ଦେଉଥିବା ବେଳେ ଅବକାରୀ ବିଭାଗର ଅଧିକାରୀ



ଓ କର୍ମଚାରୀଙ୍କୁ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କଟକର ସତ୍ୟବ୍ରତ ଷ୍ଟାଡିୟମରେ ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରି ଶ୍ରୀ ହରିଚନ୍ଦନ କହିଛନ୍ତି ଯେ କାର୍ଯ୍ୟକ୍ଷେତ୍ରରେ ସଫଳ ହେବାକୁ ହେଲେ ନିଷ୍ଠାବାନ ହେବା ସହ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରହିବାକୁ ପଡ଼ିବ। ଅବକାରୀ ବିଭାଗ ପକ୍ଷରୁ 'ନିଶା ନୁହେଁ ଜୀବନ' ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବା ସହିତ ବିଭାଗର ଦକ୍ଷ ଅଧିକାରୀଙ୍କ ଦ୍ୱାରା ନିୟମିତ ଚଢ଼ଉ ଫଳରେ ବେଆଇନ ନିଶା ଓ ମାଦକ ଦ୍ରବ୍ୟ କାରବାର ଉପରେ ଅଙ୍କୁଶ ଲାଗି ପାରୁଛି। ଆଗାମୀ ଦିନରେ ଏହି ଧରଣର ଚଢ଼ଉ ପ୍ରକ୍ରିୟାକୁ ଜୋର୍‌ଦାର କରାଯିବା ସହ ବିଭାଗରେ ଅନେକ ସଂସ୍କାର ଆଣିବାକୁ ପଦକ୍ଷେପ ନିଆଯାଉଛି । ସମାରୋହରେ ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ କମିସନର ପି. ଅନ୍ୱେଷା ରେଡ୍ଡି, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ୍ ଡକ୍ଟର ଅନୁରାଧା ବିଶ୍ୱାଳ, ଅଭିନେତ୍ରୀ ତଥା ସମାଜସେବୀ ପିଙ୍କି ପ୍ରଧାନ ଯୋଗ ଦେଇଥିଲେ। ଡିଏସ୍‌ଇ ଧନେଶ୍ୱର ବରାଦଙ୍କ ତତ୍ତ୍ୱାବଧାନରେ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ପରେଡ୍ ଆୟୋଜନ ହୋଇଥିଲା।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୋଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଭିଡିଓକୁ ଉନ୍ମୋଚିତ କରିଥିଲେ। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଓ

**ଅବକାରୀ ବିଭାଗରେ ଅନେକ ସଂସ୍କାର ଆସିବାକୁ ଯାଉଛି: ମନ୍ତ୍ରୀ**

ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ ଗୋଟି ବଡି କ୍ୟାମେରା ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀମାନଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି । ଚଢ଼ଉ ଓ ଜବତରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୂରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲା, ଇଆଇ ଓ ଇବି, ସମ୍ବଲପୁରକୁ ପୁରସ୍କୃତ କରାଯାଇଥିଲା।

ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡ଼ା ଉତ୍ସବରେ ରାଜ୍ୟର ସମସ୍ତ ୩୩ଟି ଅବକାରୀ ଜିଲ୍ଲା, ୪ଟି ଇଆଇ ଓ ଇବି ୟୁନିଟ୍‌ରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ଏହି ପ୍ରତିଯୋଗିତାରେ ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି।





ଓଡ଼ିଶାରେ ପ୍ରଥମଥର ପାଇଁ ଆୟୋଜିତ ହେଉଥିବା ଦୁଃସାହସିକ ଜଳକ୍ରୀଡ଼ା ଶିବିରର ଶୁଭାରମ୍ଭ ହୋଇଛି । ମହାନଦୀ ତଟର ସୂର୍ଯ୍ୟ ଦ୍ୱୀପରେ ଏହି ରୋମାଞ୍ଚକ କ୍ରୀଡ଼ାରେ ୧୦ଟି ଭିନ୍ନ ବର୍ଗରେ ୧୫୦ କ୍ରୀଡ଼ାବିତ ଅଂଶଗ୍ରହଣ କରିଛନ୍ତି । ଅନୁଭବୀ ପ୍ରଶିକ୍ଷକ ତଥା ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଯୁବ ପ୍ରତିଭାମାନେ ଅନୁଶାସନ, ଆତ୍ମବିଶ୍ୱାସ ଓ ସାହସ ସହିତ ଏହି ଜଳକ୍ରୀଡ଼ାର ଅଭ୍ୟାସ ଓ ପ୍ରଶିକ୍ଷଣ ଲାଭ କରିଛନ୍ତି। ଏଥିରେ ଭାଗ ନେଇଥିବା ସମସ୍ତ କ୍ରୀଡ଼ାବିତଙ୍କୁ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି।




ବିଶ୍ୱ ପାରା ବ୍ୟାଡମିଣ୍ଟନ ଚାମ୍ପିୟନସିପରେ ଷଷ୍ଠ ସ୍ୱର୍ଣ୍ଣ ପଦକ ସହ କ୍ରମାଗତ ଚତୁର୍ଥ ଥର ପାଇଁ ବିଶ୍ୱ ଟାଇଟଲ୍ ଜିତି ଇତିହାସ ରଚିଥିବା ପଦ୍ମଶ୍ରୀ ପ୍ରମୋଦ ଭଗତଙ୍କୁ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ତାଙ୍କର ଏହି ସଫଳତା ସମଗ୍ର ଓଡ଼ିଶା ପାଇଁ ଗର୍ବର ବିଷୟ ଓ ଆମ ଯୁବ କ୍ରୀଡ଼ାବିତମାନଙ୍କ ପାଇଁ ଏକ ପ୍ରେରଣା। ତାଙ୍କର ଅଦମ୍ୟ ନିଷ୍ଠା ଓ ପରିଶ୍ରମ ନିଶ୍ଚୟ ଭାବେ ଆଗାମୀ ପିଢ଼ୀକୁ ଅଧିକ ଉଚ୍ଚତାରେ ପହଞ୍ଚିବାକୁ ପ୍ରେରିତ କରିବ।

## ୱାଙ୍ଖେଡ଼େରେ ରହିବ ରବି ଶାସ୍ତ୍ରୀ ଷ୍ଟାଣ୍ଡ୍

ମୁମ୍ବାଇ: ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ର ଏକ ଷ୍ଟାଣ୍ଡ୍ ପୂର୍ବତନ କ୍ରିକେଟର୍ ତଥା ଭାଷ୍ୟକାର ରବି ଶାସ୍ତ୍ରୀଙ୍କ ନାମରେ ନାମିତ ହେବ । ଏହି ଲେବଲ୍-୧ ଷ୍ଟାଣ୍ଡ୍‌ଟି ଷ୍ଟାଡିୟମ୍‌ରେ ଥିବା ପ୍ରେସ୍‌ବକ୍ସ ତଳେ ଅବସ୍ଥିତ । ଏ ନେଇ ଶୁକ୍ରବାର ବସିଥିବା ମୁମ୍ବାଇ କ୍ରିକେଟ୍ ଆସୋସିଏସନ୍ (ଏମସିଏ) ସର୍ବୋଚ୍ଚ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହା ବ୍ୟତୀତ ଷ୍ଟାଡିୟମ୍‌ର ତିନୋଟି ଫାଟକକୁ ପୂର୍ବତନ କ୍ରିକେଟର୍ ଦିଲ୍ଲୀପ ସରଦେଶାଇ, ଏକନାଥ ସୋଲ୍‌କର ଓ ଡାଏନା ଏଦୁଲଜୀଙ୍କ ନାମରେ ନାମିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକ ପରେ ଏମସିଏ ସଭାପତି ଆଜିଙ୍କ୍ୟ ନାୟକ କହିଛନ୍ତି ଯେ ଆମ ଦେଶ ଓ ସହର ପାଇଁ ଗୌରବ ଆଣିଦେଇଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରିବା ଆମର କର୍ତ୍ତବ୍ୟ ।



ଗଜପତି ଜିଲ୍ଲାର ମହେନ୍ଦ୍ରଗିରିଠାରେ ୧୫୦ ଜଣ ଯୁବ ପର୍ବତାରୋହୀମାନଙ୍କୁ ନେଇ ମହେନ୍ଦ୍ରଗିରି ଟ୍ରେକିଂ କ୍ୟାମ୍ପ – ୨୦୨୬ ଆୟୋଜିତ ହୋଇଛି । ଓଡ଼ିଶାରେ ରୋମାଞ୍ଚକ ତଥା ଦୁଃସାହସିକ କ୍ରୀଡ଼ାର ପ୍ରସାର ନିମନ୍ତେ କ୍ରୀଡ଼ା ଓ ଯୁବସେବା ବିଭାଗ ରାଜ୍ୟର ବିଭିନ୍ନ ସ୍ଥାନରେ କୁଶଳୀ ପ୍ରଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହିଭଳି ଶିବିର ଆୟୋଜନ ହୋଇଛି।




Printed, Published by : Rajesh Kumar Mohanty on behalf of Shree Shrikshetra Soochana, Raghunath Bhavan, Narendra Kona, Jagannath Puri-752001 (Odisha), Printed at : AB IMAGING & PRINTS PVT. LTD., 62 & 63, GANGA NAGAR, UNIT-6, Bhubaneswar, 751001, (Odisha), Mob- 9437058632, Email- soochananews111@gmail.com

*Edited by*
*Rajesh Kumar Mohanty*